


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୧୨ ଜାନୁଆରୀ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 12 JANUARY 2021

Vol.No. 31 ■ No. 12 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଖୁବ୍ ଶୀଘ୍ର ପ୍ରକାଶ ପାଇବ ...
ନୂଆବର୍ଷ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


### କରୋନା ଟିକାକରଣ ନେଇ ମୁଖ୍ୟମନ୍ତ୍ରୀମାନଙ୍କ ସହ ଆଲୋଚନା କଲେ ପ୍ରଧାନମନ୍ତ୍ରୀ

# ୨ ଟି ଯାକ ଟିକା ପ୍ରଭାବଶାଳୀ ଓ ଟିକାକରଣ ବେଳେ କରୋନାଯୋଦ୍ଧାଙ୍କୁ ଦିଅ ଅଗ୍ରାଧିକାର : ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର,୧୧।୦୧ (ନି.ପ୍ର): ଭାରତରେ ୧୬ ଜାନୁଆରୀ ଠାରୁ କରୋନା ମାହାମାରୀ ପାଇଁ ଟିକାକରଣ ଆରମ୍ଭ କରାଯିବ ବୋଲି କେନ୍ଦ୍ର ସରକାର ସୂଚନା ଦେଇଛନ୍ତି । ଏନେଇ ସବୁ ରାଜ୍ୟ ସରକାରଙ୍କ ପ୍ରକ୍ଷରୁ ପ୍ରସ୍ତୁତି ଜୋରଦାର କରାଯାଇଛି । ଏନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସବୁ ରାଜ୍ୟର ମୁଖ୍ୟମନ୍ତ୍ରୀ ମାନଙ୍କ ସହିତ ଟିକାକରଣ ନେଇ କିଭଳି ପ୍ରସ୍ତୁତି ଚାଲିଛି ତାହା ଉପରେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଆଲୋଚନା କରିଛନ୍ତି । ପ୍ରଧାନମନ୍ତ୍ରୀ ମୁଖ୍ୟମନ୍ତ୍ରୀ ମାନଙ୍କୁ କହିଛନ୍ତି କି ସର୍ବପ୍ରଥମେ ଆଗଧାଡିର କରୋନା ଯୋଦ୍ଧା ମାନଙ୍କୁ କିଭଳି ଟିକା ଦିଆଯାଇ ପାରିବ ସେନେଇ ଗୁରୁତ୍ୱ ଦିଅନ୍ତୁ । ସେ ଆହୁରି କହିଛନ୍ତି କି




କରୋନା ବିରୋଧ ଲଢେଇରେ ଆମେ ନିର୍ଣ୍ଣାୟକ ସ୍ତରରେ ପହଂଚିଛୁ । ଏହାସହ ବିଶ୍ୱର ସବୁଠାରୁ ବୃହତ ଟିକାକରଣ କରିବାକୁ ଭାରତ ପ୍ରସ୍ତୁତ ହୋଇଛି । ଭାରତ ଯେଉଁ ଦୁଇଟି ଟିକାକୁ ମଞ୍ଜୁରୀ ଦେଇଛନ୍ତି ତାହା ଭାରତରେ ତିଆରି ହୋଇଛି । ଭାରତର ସ୍ଥିତିକୁ ଲକ୍ଷ କରି ଏହି ଦୁଇଟି ଟିକାକୁ ଡିସିଜିଆଇ ମଞ୍ଜୁରୀ ପ୍ରଦାନ କରିଛନ୍ତି । ମଞ୍ଜୁରୀ ମିଳିଥିବା ୨ ଟି ଭ୍ୟାକସିନ୍ ବ୍ୟତିତ ଅନ୍ୟ ୪ ଟି ଭ୍ୟାକସିନ ଏବେ ଟ୍ରଏଲ ସ୍ତରରେ ରହିଛି ବୋଲି ପ୍ରଧାନମନ୍ତ୍ରୀ ସୂଚନା ଦେଇଛନ୍ତି । ଆମର ବୈଜ୍ଞାନିକ ମାନେ କିଭଳି ସୁରକ୍ଷିତ ଟିକା ଲୋକମାନଙ୍କୁ ଦିଆଯାଇ ପାରିବ ତାହାକୁ ଗୁରୁତ୍ୱ ଦେଉଛନ୍ତି ବୋଲି ପ୍ରଧାନମନ୍ତ୍ରୀ ମୁଖ୍ୟମନ୍ତ୍ରୀ ମାନଙ୍କୁ ଭରଶା ଦେଇଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି କି ପ୍ରଥମ ପର୍ଯ୍ୟାୟରେ କରୋନାଯୁଦ୍ଧରେ ଆଗଧାଡିର କାମ କରୁଥିବା ସଫାଇ କର୍ମଚାରୀ, ସାଧାରଣ କର୍ମଚାରୀ ଓ ରକ୍ଷା କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କୁ ଟିକା ପ୍ରଦାନ କରାଯିବ । ସେ କହିଛନ୍ତି କି ପୁରା ଦେଶରେ ସ୍ୱାସ୍ଥ୍ୟ କର୍ମୀଙ୍କ ସଂଖ୍ୟା ୩ କୋଟି । ପ୍ରଥମ ପର୍ଯ୍ୟାୟରେ ଏହି ୩ କୋଟି ଲୋକଙ୍କୁ ଟିକା ଦିଆଯିବ ।

▶▶ପୃଷ୍ଠା ୭

## ଖୋଲିଲା କଲେଜ ଓ ବିଶ୍ୱ ବିଦ୍ୟାଳୟ

ଭୁବନେଶ୍ୱର,୧୧।୦୧ (ନି.ପ୍ର): କୋଭିଡ୍ କଟକଣା ଭିତରେ ସୋମବାର ଖୋଲିଛି ଡିଗ୍ରୀ କଲେଜ ଓ ବିଶ୍ୱବିଦ୍ୟାଳୟ । ରାଜ୍ୟର ସବୁ ଡିଗ୍ରୀ କଲେଜ ଓ ବିଶ୍ୱବିଦ୍ୟାଳୟରେ ୟୁଜି ଓ ପିଜି ଶେଷବର୍ଷ ପାଠପଢା ଆରମ୍ଭ ହୋଇଛି । କ୍ୟାମ୍ପସ୍ ମଧ୍ୟରେ ୯ ମାସ୍କ ପିନ୍ଧିବା ଓ ସାମାଜିକ ଦୂରତ୍ୱ ଉପରେ ଗରୁତ୍ୱ ଦିଆଯାଇଛି । ସେହିପରି ବୈଷୟିକ ଓ ପ୍ରଫେସନାଲ୍ ଶିକ୍ଷାନୁଷ୍ଠାନଗୁଡିକ ମଧ୍ୟ ଆଜିଠାରୁ ଖୋଲିଛି । ଅନ୍ୟପକ୍ଷରେ ଛାତ୍ରଛାତ୍ରୀଙ୍କ ପାଇଁ ହଷ୍ଟେଲ ମଧ୍ୟ ଖୋଲିଛି । ଛାତ୍ରଛାତ୍ରୀଙ୍କ ପ୍ରବେଶ ପୂର୍ବରୁ ହଷ୍ଟେଲ୍ କୁ ସାନିଟାଇଜ କରାଯାଇଥିଲା । ସୋମବାର ଦିନ ଅଚାନକ୍ ରାଜଧାନୀ କଲେଜ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ ।

## ବାଲେଶ୍ୱର ଯୁବତୀଙ୍କୁ ରାଜଧାନୀରେ ମର୍ଡ଼ର : ଗଞ୍ଜାମରେ ଫିଙ୍ଗିଲେ



ଭଞ୍ଜନଗର,୧୧।୦୧ (ନି.ପ୍ର): ବାଲେଶ୍ୱରରେ ଜଣେ ଯୁବତୀଙ୍କୁ ରାଜଧାନୀ ଭୁବନେଶ୍ୱରରେ କରାଯାଇଥିଲା ମର୍ଡ଼ର । ଆଉ ତା'ପରେ ପ୍ରମାଣ ଲୁଚାଇବାକୁ ଯାଇ ଓଲା ଗାଡ଼ିରେ ମୃତଦେହକୁ ନେଇ ଗଞ୍ଜାମ ଜିଲ୍ଲା ଭୂଷଣ୍ଡପାଳରେ ଫିଙ୍ଗି ଦିଆଯାଇଥିଲା । ଆଜି ଏହି ହତ୍ୟା ମାମଲାର ପର୍ଦ୍ଦାଫାସ ହୋଇଛି । ଗଞ୍ଜାମ ପୁଲିସ ହତ୍ୟା ଅଭିଯୋଗରେ ଦମ୍ପତିଙ୍କୁ ଗିରଫ କରିବା ସହିତ ଓଲା ଗାଡ଼ିକୁ ଜବତ କରିଛି । ଡିସେମ୍ବର ୨ ତାରିଖରେ ଭୂଷଣ୍ଡପାଳରୁ ଜଣେ ଯୁବତୀଙ୍କ ମୃତଦେହ ଜଗନ୍ନାଥପ୍ରସାଦ ଥାନା ପୁଲିସ ଜବତ କରିଥିଲା । ହେଲେ ତାଙ୍କ ପରିଚୟ ମିଳିପାରୁନଥିଲା । ତେବେ ମୃତଦେହ ପାଖରୁ ମିଳିଥିବା ଫୋନ୍ ନମ୍ବରକୁ ନେଇ ପୁଲିସ ଛାନଭିନ୍ ଆରମ୍ଭ କରିଥିଲା । ମାତ୍ର ସେଥିରୁ କୌଣସି ସୁରାଗ ପାଇନଥିଲା । ପରେ ପୁଲିସ ମୃତ ଯୁବତୀଙ୍କ ଫଟୋକୁ ବିଭିନ୍ନ ଥାନା ଓ ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ସେୟାର କରିଥିଲା । ଫଟୋ ଦେଖି ଜଣେ ବ୍ୟକ୍ତି ଯୁବତୀଙ୍କୁ ଚିହ୍ନିଥିଲେ ।

▶▶ପୃଷ୍ଠା ୭

## ଗୋଟିଏ ଦିନରେ ୨୪୪ କରୋନା ଆକ୍ରାନ୍ତ ଚିହ୍ନଟ:ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୩୨୧୦୬

ଭୁବନେଶ୍ୱର,୧୧।୦୧ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୨୪୪ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୩୨୧୦୬ କୁ ବୃଦ୍ଧି ପାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୩୨୮୦୪୩ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୨୧୧୮ ରହିଛି । ଆଜି ଚିହ୍ନଟ ହୋଇଥିବା ୨୪୪ ଜଣଙ୍କ ମଧ୍ୟରୁ ୧୪୨ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୦୨ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୪ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ସମ୍ବଲପୁର ଜିଲ୍ଲାରେ ସବୁଠାରୁ ଅଧିକ ୩୭ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଅନୁଗୁଳ ଜିଲ୍ଲାରୁ ୧୫ ଜଣ କରୋନା ସଂକ୍ରମିତ ହୋଇଥିବା ବେଳେ ବାଲେଶ୍ୱରରୁ ୯ ଜଣ, ବରଗଡ଼ରୁ ୨୩ ଜଣ, ଭଦ୍ରକରୁ ୩, ବଲାଙ୍ଗୀରରୁ ୧୯ ଜଣ ରହିଛନ୍ତି । ସେହିପରି ବୌଦ୍ଧ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ହୋଇ ନ ଥିବା ବେଳେ

▶▶ପୃଷ୍ଠା ୭

# କୋଇଲା କ୍ଷେତ୍ର ପାଇଁ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ପୋର୍ଟାଲର ଶୁଭାରମ୍ଭ

### ଓଡିଶା ସମେତ ଭାରତବର୍ଷରେ କୋଇଲା ଉତ୍ପାଦନ ବୃଦ୍ଧି ହେବ : ଧର୍ମେନ୍ଦ୍ର

ଭୁବନେଶ୍ୱର,୧୧।୦୧ (ନି.ପ୍ର): କୋଇଲା ଖଣିର ସଂଚାଳନ ସହଜ କରିବା ପାଇଁ ଭାରତ ସରକାର କୋଇଲା କ୍ଷେତ୍ର ପାଇଁ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ପୋର୍ଟାଲର ଶୁଭାରମ୍ଭ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଏବଂ କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି ଯେ କୋଇଲା କ୍ଷେତ୍ର ପାଇଁ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ପୋର୍ଟାଲର ଶୁଭାରମ୍ଭ ହେବା ଫଳରେ ଖଣି ଲିଜ୍ ପ୍ରକ୍ରିୟାକରଣ ଶୀଘ୍ର ହେବ । କୋଇଲା ଖଣିର କାର୍ଯ୍ୟକାରୀତା ସହଜ ହେବ । ଓଡିଶା ସମେତ ଭାରତବର୍ଷରେ



କୋଇଲା ଉତ୍ପାଦନରେ ବୃଦ୍ଧି ହେବା ସହ ଇଜ୍ ଅଫ୍ ଡୁଇଂ ବିଜନେସକୁ ମଧ୍ୟ ପ୍ରାଥମିକତା ଦେବ ।

▶▶ପୃଷ୍ଠା ୭

## ମହାନଦୀ ଶଯ୍ୟାରେ ଏସ୍‌ସିବି ପ୍ରକଳ୍ପକୁ ନେଇ ପ୍ରଶ୍ନ

କଟକ,୧୧।୦୧ (ନି.ପ୍ର): ମହାନଦୀ ଶଯ୍ୟାକୁ ପୋତି ଏସ୍‌ସିବି ମେଡିକାଲ କଲେଜର ନବକଳେବର ଯୋଜନା ଏବଂ ବର୍ଫି ଭଳି ପ୍ରକଳ୍ପକୁ ନେଇ ଚର୍ଚ୍ଚା । ପ୍ରଶ୍ନ ଉଠୁଛି ନଦୀ ଶଯ୍ୟାକୁ ପୋତି ନଇକୂଳରେ ଏତେସବୁ ନିର୍ମାଣକୁ ମିଳିବ ତ ଏନ୍‌ଜିଟି ଅନୁମତି କାରଣ ପୂର୍ବରୁ ସେହି ମହାନଦୀ ଶଯ୍ୟାରେ ହନୁମାନ ମନ୍ଦିର ନିର୍ମାଣକୁ ପୂର୍ବରୁ ଏନଜିଟି ବେଆଇନ୍ ଦର୍ଶାଇ ସାରିଛନ୍ତି । ତେଣୁ ପ୍ରସ୍ତାବିତ ପ୍ରକଳ୍ପ ଏନଜିଟି ପୂର୍ବ ନିର୍ଦ୍ଦେଶକୁ ଉଲ୍ଲଂଘନ କରୁଥିବା ଦର୍ଶାଇ ଏନ୍‌ଜିଟିର ଦ୍ୱାରସ୍ଥ ହୋଇଛନ୍ତି ପରିବେଶବିତ୍ ।

▶▶ପୃଷ୍ଠା ୭

# ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଦାୟିତ୍ୱ ନେଲେ ଅସିତ୍ ତ୍ରିପାଠୀ

ଭୁବନେଶ୍ୱର,୧୧।୦୧ (ନି.ପ୍ର): ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଭାବେ ପୂର୍ବତନ ମୁଖ୍ୟ ସଚିବ ଅସିତ୍ କୁମାର ତ୍ରିପାଠୀ ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହାସହିତ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଉପଦେଷ୍ଟା ଭାବେ ମଧ୍ୟ ଦାୟିତ୍ୱ ନେଇଛନ୍ତି । ବିଜେଡି ନେତା ସୁବାସ ଚୌହାନଙ୍କର ଗତବର୍ଷ ମେ' ୧୦ତାରିଖରେ ମୃତ୍ୟୁ ହେବାପରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ପଦ ଖାଲି ପଡ଼ିଥିଲା । ଶ୍ରୀ ତ୍ରିପାଠୀ ଆଜି ରାଜୀବଭବନସ୍ଥିତ ପରିଷଦ କାର୍ଯ୍ୟାଳୟରେ ଦାୟିତ୍ୱ ଗ୍ରହଣ କରିବାପରେ ଏକ ସମୀକ୍ଷା ବୈଠକ କରିଥିଲେ । ପରିଷଦକୁ ଅଧିକ କ୍ରିୟାଶୀଳ କରିବା ପାଇଁ ସେ



ଆବଶ୍ୟକ ପ୍ରକଳ୍ପ ପ୍ରସ୍ତୁତ, ନିର୍ଦ୍ଧାରିତ ସମୟରେ ଏହାକୁ ଶେଷ ସହ ଲୋକଙ୍କୁ ତ୍ୱରିତ୍ ସେବା ଯୋଗାଇବା ଉପରେ ଗୁରୁତ୍ୱ ଦେଇଥିଲେ ।

▶▶ପୃଷ୍ଠା ୭

## ଅସୁସ୍ଥ ଅଭିନେତ୍ରୀ କୁଞ୍ଜଲତା ଦାସଙ୍କୁ ଭେଟିଲେ କେନ୍ଦ୍ର ମନ୍ତ୍ରୀ ପ୍ରତାପ ଷଡଙ୍ଗୀ

ଭୁବନେଶ୍ୱର,୧୧।୦୧ (ନି.ପ୍ର): ବର୍ଷିଆନ ଅଭିନେତ୍ରୀ କୁଞ୍ଜଲତା ଦାସଙ୍କ ଅସୁସ୍ଥତାର ଖବର ପାଇ ତାଙ୍କୁ ରବିବାର ବାସଭବନରେ ଭେଟିଛନ୍ତି କେନ୍ଦ୍ର ମନ୍ତ୍ରୀ ପ୍ରତାପ ଷଡଙ୍ଗୀ । ସେ ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - ଲୋକକଳାକୁ ସାରା ଓଡ଼ିଶାରେ ଅଭିନୟ ଜରିଆରେ ପରିଚିତ କରାଇଥିବା ବର୍ଷୀୟାନ ଅଭିନେତ୍ରୀ କୁଞ୍ଜଲତା ଦାସଙ୍କ ଅସୁସ୍ଥତାର ଖବର ପାଇ ନୀଳଗିରି ଉପଖଣ୍ଡ ତଥା ଔପଦା ବ୍ଲକର କାଣ୍ଡଗରଡ଼ି ସ୍ଥିତ ବାସଭବନରେ ତାଙ୍କୁ ଭେଟିଲି । ସେ ଲେଖିଛନ୍ତି - ଷାଠିଏରୁ ନବେ ଦଶକ ଭିତରେ ସେ ଓଡ଼ିଶାର ପୁରପଲ୍ଲୀରେ ଜଣେ ଥିଲେ ଚର୍ଚ୍ଚିତା ନାୟିକା କିନ୍ତୁ ଆଜି ପରିଣତ ବୟସରେ ଏହି ବର୍ଷୀୟାନ କଳାକାର ଜୀବନ ସହ ସଂଘର୍ଷ କରୁଛନ୍ତି ଏବଂ ଅର୍ଥାଭାବ ଯୋଗୁଁ ଉତମ ଚିକିତ୍ସାରୁ ବଂଚିତ ହୋଇଛନ୍ତି । ସେ ଲେଖିଛନ୍ତି - ଫୋନ୍ ଯୋଗେ ସରକାରୀ କର୍ତ୍ତୃପକ୍ଷଙ୍କ ସହ ସରକାରୀ ସହାୟତା ପ୍ରଦାନ ନିମନ୍ତେ କଥାହେବା ସହ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ସହ ଗୁଣାତ୍ମକ ଚିକିତ୍ସା ନିମନ୍ତେ ବିସ୍ତୃତ ଆଲୋଚନା କଲି ।

## କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୨୭ ଗିରଫ

ଭୁବନେଶ୍ୱର,୧୧।୦୧ (ନି.ପ୍ର): ରାଜ୍ୟରେ କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୨୭ ଜଣଙ୍କୁ ଗିରଫ କରିଥିବା ବେଳେ ୭୨୮ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୬,୦୧,୯୫୦ଟଙ୍କା । ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

# ପ୍ରଥମ ପର୍ଯ୍ୟାୟରେ କେବଳ କରୋନା ଯୋଦ୍ଧାଙ୍କୁ ଦିଆଯିବ ଟିକା




ଭୁବନେଶ୍ୱର,୧୧।୦୧ (ନି.ପ୍ର): କରୋନା ଟିକାରଣର ପ୍ରଥମ ପର୍ଯ୍ୟାୟରେ କେବଳ ସ୍ୱାସ୍ଥ୍ୟ କର୍ମୀ ଓ ସମ୍ମୁଖ କରୋନା ଯୋଦ୍ଧାଙ୍କୁ ଟିକା ପ୍ରଦାନ କରାଯିବ । ମାତ୍ର ସେମାନଙ୍କ ପରିବାରକୁ ଟିକା ମିଳିବନି ବୋଲି ଏସସିବି ମେଡିସିନ ବିଭାଗ ମୁଖ୍ୟ ଡାକ୍ତର ଜୟନ୍ତ ପଣ୍ଡା ସୋମବାର ଦିନ ପ୍ରକାଶ କରିଛନ୍ତି । ଆସନ୍ତା ୧୬ ତାରିଖରୁ ଓଡିଶା ସମେତ ସମଗ୍ର ଦେଶରେ କରୋନା ଟିକାକରଣ ଆରମ୍ଭ ହେବ । ଏହା ପୂର୍ବରୁ ଓଡିଶାରେ ଟିକାର ଡ୍ରାଏ ରନ୍ ଶେଷ ହୋଇଛି । ଓଡିଶାରେ ମୋଟ ୧୬୦ ଟି କେନ୍ଦ୍ରରେ ଟିକା ଦିଆଯିବ । ଟିକାକରଣ ସମ୍ପର୍କରେ ଡା. ପଣ୍ଡା କହିଛନ୍ତି କରୋନା ଟିକା ଦିଆଯାଇ ପ୍ରଥମେ ସ୍ୱାସ୍ଥ୍ୟ କର୍ମୀଙ୍କୁ ସୁରକ୍ଷିତ ରଖାଯିବ । ପରେ ତାଙ୍କ ପରିବାର ଲୋକଙ୍କୁ ସାମିଲ କରାଯିବ । କରୋନା ଟିକା ନିରାପଦ ଓ ଫଳପ୍ରଦ । ଟିକା ନେବା ଇଚ୍ଛାଧୀନ । ଏହା ବାଧ୍ୟତାମୂଳକ ନୁହେଁ । ଯେଉଁମାନେ କରୋନା ଭୂତାଣୁ ସଂସ୍ପର୍ଶରେ ସିଧାସଳଖ ଆସୁଛନ୍ତି ଯଥା କୋଭିଡ୍ ଯୋଦ୍ଧା ଓ ବୟସ୍କ ଯେଉଁମାନେ ଶାରୀରିକ ଅସୁସ୍ଥ, ସେମାନଙ୍କୁ ପ୍ରଥମ ପର୍ଯ୍ୟାୟରେ ଟିକା ଦିଆଯିବ । ଯେଉଁମାନେ ଟିକା ନେବେ, ତା'ର ୨୮ ଦିନ ପରେ ସେହି ଟିକାର ୨ୟ ଡୋଜ୍ ନେବେ । ଟିକା ପାଇଁ ପଂଜୀକରଣ ଜରୁରୀ ।

## ଘନ କୁହୁଡି ପାଇଁ ୬ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ

ଭୁବନେଶ୍ୱର,୧୧।୦୧ (ନି.ପ୍ର): ଆଗାମୀ ୫ ଦିନ ପର୍ଯ୍ୟନ୍ତ ରାଜ୍ୟର ପାଗ ମୁଖ୍ୟତଃ ଶୁଖିଲା ରହିବ । ତେବେ ରାଜ୍ୟର ଉପକୂଳବର୍ତୀ ଜିଲ୍ଲା ଓ ଆଭ୍ୟନ୍ତର ଜିଲ୍ଲାଗୁଡ଼ିକରେ ଘନ କୁହୁଡ଼ି ହେବାର ସମ୍ଭାବନା ରହିଥିବା ନେଇ ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ଏକ ସତର୍କ ସୂଚନାରେ କୁହାଯାଇଛି । ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ନୟାଗଡ଼, ବୌଦ୍ଧ, କନ୍ଧମାଳ, ଖୋର୍ଦ୍ଧା, କଟକ, ଜଗତସିଂହପୁର, ଅନୁଗୁଳ, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ପୁରୀ, ମାଲକାନଗିରି ଓ କୋରାପୁଟ ଜିଲ୍ଲାର କିଛି ସ୍ଥାନରେ ଘନରୁ ମଧ୍ୟମ ଧରଣର କୁହୁଡ଼ି ପଡ଼ିବାର ସମ୍ଭାବନା ରହିଛି । ଏହି ସମୟ ମଧ୍ୟରେ ରାଜ୍ୟର ନୟାଗଡ଼, ବୌଦ୍ଧ, କନ୍ଧମାଳ, ଖୋର୍ଦ୍ଧା, ଜଗତସିଂହପୁର ଓ କଟକ ପ୍ରଭୃତି ୬ଟି ଜିଲ୍ଲାରେ ଘନ କୁହୁଡି ପଡ଼ିବାର ସମ୍ଭାବନା ରହିଥିବାରୁ ଏହି ସମସ୍ତ ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ ।

# ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ନିଷ୍ପତ୍ତି ନିଆଯିବ : ଗଣଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର,୧୧।୦୧ (ନି.ପ୍ର): ସ୍କୁଲ ଫି ଛାଡ଼ ପ୍ରସଙ୍ଗରେ ସରକାର ଚୂଡ଼ାନ୍ତ ନିଷ୍ପତ୍ତି ନେବେ ବୋଲି ହାଇକୋର୍ଟ କହିଥିବା ବେଳେ ଏ ପ୍ରସଙ୍ଗରେ ମତ ରଖି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ । ସେ ଏହା ଉପରେ ପ୍ରତିକ୍ରିୟା ପ୍ରକାଶ କରି କହିଛନ୍ତି ଯେ କୋର୍ଟଙ୍କ ଏ ସମ୍ପର୍କିତ ନିର୍ଦ୍ଦେଶ ବିଭାଗ ନିକଟରେ ପହଂଚି ନାହିଁ । ଗଣମାଧ୍ୟମ ମାଧ୍ୟମରେ ଏହି କଥା ଆମ ନଜରକୁ ଆସିଛି । ମାନ୍ୟବର ହାଇକୋର୍ଟଙ୍କ ନିର୍ଦ୍ଦେଶ ବିଭାଗରେ ପହଂଚିବା ପରେ ଏହାର ତର୍ଜମା କରାଯାଇ ନିଷ୍ପତ୍ତି ନିଆଯିବ




ସ୍କୁଲ ଫି ଛାଡ଼ ପ୍ରସଙ୍ଗ

ବୋଲି ସେ କହିଛନ୍ତି । ଅନ୍ୟ ପକ୍ଷରେ ଗଜପତି ଜିଲାରେ ସ୍କୁଲ ଶିକ୍ଷକମାନଙ୍କୁ କରୋନା ପଜିଟିଭ ହେବା ପ୍ରସଙ୍ଗରେ ପ୍ରତିକ୍ରିୟା ପ୍ରକାଶ କରି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି ଯେ ଯେଉଁମାନେ ପଜିଟିଭ ଚିହ୍ନଟ ହେଇଛନ୍ତି, ସେମାନେ ଆଇସୋଲସନରେ ଅଛନ୍ତି । ଅତିଥି ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ଅଣାଯାଇ ପାଠ ପଢ଼ାଯାଉଛି । ଗତକାଲି ରବିବାର ମଧ୍ୟ ୬୫ ପ୍ରତିଶତ ପିଲା ପାଠ ପଢ଼ିବାକୁ ବିଦ୍ୟାଳୟକୁ ଆସିଛନ୍ତି । ପିଲାମାନଙ୍କର ସ୍ୱାସ୍ଥ୍ୟ ଏବଂ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କର ସ୍ୱାସ୍ଥ୍ୟ ଆମ ପାଇଁ ବେଶ ଗୁରୁତ୍ୱପୂର୍ଣ୍ଣ ଏବଂ ସରକାରଙ୍କ ଗାଇଡଲାଇନ ମାନି ସମସ୍ତ କାର୍ଯ୍ୟ କରାଯାଉଥିବା ସେ କହିଛନ୍ତି ।

# ମୌନଧ୍ୱନୀ ଫାଉଣ୍ଡେସନର୍ ଅଭିନବ ପ୍ରୟାସ

## ମହିଳାମାନଙ୍କୁ ସ୍ୱାବଲମ୍ବି ମୁଖ୍ୟ ଉଦ୍ଦେଶ୍ୟ




ଉଦଳା,୧୧।୧ (ନି.ପ୍ର): କୋଭିଡ଼ର ଭୟାବହତା ଦେଶର ସାମାଜିକ ଓ ଆର୍ଥିକ ସ୍ଥିତିକୁ ଦୋହଲାଇ ଦେଇଥିବା ବେଳେ ଉଭୟ କୁଶଳୀ ଓ ଅଣକୁଶଳୀ ବର୍ଗର ସାଧାରଣ ଲୋକେ ନାହିଁ ନଥିବା ଆର୍ଥିକ ପରିସ୍ଥିତିର ସମ୍ମୁଖିନ ହୋଇଛନ୍ତି । ଏତିକି ବେଳେ ଜୀବିକା ହରାଇଥିବା ବୁଣା କାର ଓ ଆର୍ଥିକ ଅସ୍ୱଛଳ ମହିଳା ମାନଙ୍କୁ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ବାଙ୍ଗାଲୋର ସ୍ଥିତ ସ୍ୱେଚ୍ଛାସେବର ସଂଗଠନ "ମୌନଧ୍ୱନି ଫାଉଣ୍ଡେସନ" ଓ ସ୍ଥାନୀୟ ଅଞ୍ଚଳର ସ୍ୱେଚ୍ଛାସେବୀ ସଂଗଠନ "ଯୁବ ବିକାଶ"ର ମିଳିତ ସହଯୋଗରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏହି ଶିବିରରେ ବସ୍ତ୍ରରେ ବ୍ୟବହାର ଉପଯୋଗୀ ପ୍ରାକୃତିକ ରଙ୍ଗର ପ୍ରସ୍ତୁତି ସମ୍ପର୍କରେ ତାଲିମ ଦିଆଯାଇଥିଲା । ଉକ୍ତ ଶିବିର ଉଦଳା ସହର ନିକଟ ଅତାନଟୀ ଗ୍ରାମରେ ଅନୁଷ୍ଠିତ ହୋଇ ଯାଇଥିବା ବେଳେ ମୋଟ ୨୭ ଜଣ ମହିଳା ତାଲିମ ନେଇଛନ୍ତି । ଚଳିତ ଜାନୁଆରୀ ୪ ତାରିଖରୁ ଏହି ତାଲିମ ଆରମ୍ଭ ହୋଇ ୧୦ ତାରିଖରେ ଶେଷ ହୋଇଛି । ଦିର୍ଘ ୧ ସପ୍ତାହ ବ୍ୟାପି ଚାଲିଥିବା ଏହି ଶିବିରରେ ସ୍ଥାନୀୟ ପରିବେଶରୁ ମିଳୁଥିବା ବିଭିନ୍ନ ଗଛର ଛାଲ, ମଞ୍ଜ, ପତ୍ର, ପୁସ୍ପ ଓ ଫଳରୁ ଏହି ପ୍ରାକୃତିକ ରଙ୍ଗ କିପରି ପ୍ରସ୍ତୁତ ହୋଇ ପାରିବ ସେ ବିଷୟରେ ତାଲିମ ଦିଆଯାଇଥିଲା । କେମିକାଲ ରଙ୍ଗ ପରିବର୍ତ୍ତେ ଏହି ପ୍ରାକୃତିକ ରଙ୍ଗ ପରିବେଶ ଓ ଶରୀର ପାଇଁ ହିତକର ବୋଲି ସଚେତନତା ମଧ ସୃଷ୍ଟି କରାଯାଇଥିଲା । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଆନ୍ତର୍ଜାତିକ ସ୍ତରରେ ପ୍ରାକୃତିକ ରଙ୍ଗକୁ ଉପଯୋଗ କରି ପ୍ରସ୍ତୁତ ବସ୍ତ୍ର, ଶାଢ଼ି ଇତ୍ୟାଦିର ବିକ୍ରି ଓ ପ୍ରଚାର, ପ୍ରସାର ଦିଗରେ "ମୌନଧ୍ୱନି ଫାଉଣ୍ଡେସନ" ବ୍ୟାପକ ଭାବେ କାର୍ଯ୍ୟ ଆରମ୍ଭ କରିଛି । କେନ୍ଦ୍ର ସରକାରଙ୍କ ପ୍ରୟୋଜିତ ମଧ୍ୟମ , କ୍ଷୁଦ୍ର, ଅଣୁ ଉଦ୍ୟଗ(ଏମ୍ଏସ୍ଏମ୍ଇ)ର (ସ୍ଫୁର୍ତ୍ତି) ଯୋଜନା ମାଧ୍ୟମରେ ଭୁବନେଶ୍ୱରର (ଉଦ୍ୟଗ ବିକାଶ ସଂଗଠନ) ଓ "ଯୁବ ବିକାଶ ସଂଗଠନର" ସହଯୋଗରେ ଏହି ସପ୍ତାହ ବ୍ୟାପି କର୍ମାଳାର ଆୟୋଜନ କରାଯାଇଥିଲା । ଯୁବ ବିକାଶର ସଂପାଦକ ଗୋବିନ୍ଦ ବହ୍ଲବଙ୍କ ସମେତ ପ୍ରବିଣ ମିଟକର, ଦେବେନ୍ଦ୍ର ରାଉଳ, କିଶୋର ମହାପାତ୍ର, ଶୁଶ୍ରୀ ଶୁଭମ, ବସନ୍ତ ଦଲେଇ, ରାମଚନ୍ଦ୍ର ହେମ୍ବ୍ରମ, ଦିନବନ୍ଧୁ ରାଉତ ପ୍ରମୁଖଙ୍କ ମାର୍ଗ ଦର୍ଶନରେ ଅଭିଜ୍ଞ ପ୍ରଶିକ୍ଷକ ହୃଦାନନ୍ଦ ଦାଶ ଓ ଯାଜ୍ଞସେନୀ ଦାସ ମଙ୍ଗରାଜଙ୍କ ସଂଯୋଜନାରେ ଏହି କର୍ମଶାଳା ସଫଳ ଭାବେ ସମ୍ପର୍ଣ୍ଣ ହୋଇଥିଲା । ଏଥିରେ ଅଧିକରୁ ଅଧିକ ମହିଳାଙ୍କୁ ଏହିଭଳି କର୍ମଶାଳା ମାଧ୍ୟମରେ ଶିକ୍ଷା ଦିଆଯାଇ ଆର୍ଥିକ ସ୍ୱାବଲମ୍ବୀ ନିମନ୍ତେ ପଦକ୍ଷେପ ନିଆଯାଉଛି ।

# ସ୍କୁଲ ରାସ୍ତାରେ ବାଲି ଟ୍ରକ ଚଳାଚଳକୁ ନେଇ ଗ୍ରାମବାସୀଙ୍କ ରାସ୍ତାରୋକ୍



ନୀଳଗିରି ,୧୧।୧ (ନି.ପ୍ର): ନୀଳଗିରି ତହସିଲ ପକ୍ଷରୁ ଡୁମଗଣ୍ଡିରା ବାଲିଖାଦାନକୁ ୫ ବର୍ଷିଆ ଲିଜ୍ ସୂତ୍ରରେ ପ୍ରଦାନ କରାଯାଇଛି ।ଉକ୍ତ ଖାଦାନରୁ ବାଲି ବୋଝେଇ ଟ୍ରକ ଗୁଡ଼ିକ ପଂଚାୟତ ରାସ୍ତା ଦେଇ ଯାତାୟାତ କରୁଥିବାରୁ ରାସ୍ତା ପାର୍ଶ୍ୱରେ ଥିବା ପୁନ୍ଦାଳ ହାଇସ୍କୁଲର ଛାତ୍ରଛାତ୍ରୀ ଓ ଗ୍ରାମବାସୀଙ୍କ ଗମନାଗମନରେ ବିପଦ ଉପୁଜିଥିବାରୁ ସକାଳ ପ୍ରାୟ ୮ଟା ସମୟରେ ପୁନ୍ଦାଳ ଗ୍ରାମବାସୀମାନେ ଗ୍ରାମ୍ୟ ରାସ୍ତାକୁ ଅବରୋଧ କରି ବାଲିଟ୍ରକ ଚଳାଚଳକୁ ବନ୍ଦ କରି ରାସ୍ତାରେ ବସିଥିଲେ । ବାଲି ଖାଦାନରୁ ସଂଯୋଗ ହୋଇଥିବା ଆର.ଡି. ରାସ୍ତା ଥିବା ଯୋଗୁଁ ଉକ୍ତ ରାସ୍ତାର କାମ ଚ୍ଵଲିଥିବାରୁ ଟ୍ରକ ଗୁଡ଼ିକ ୨ଦିନ ଧରି ପୁନ୍ଦାଳ ପଂଚାୟତ ରାସ୍ତାରେ ଯାଉଥିବାର ଲିଜ୍ ଧାରୀ ପ୍ରକାଶ କରିଛନ୍ତି । ଅପରପକ୍ଷରେ ଗ୍ରାମବାସୀ ଓ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ଲିଜଧାରୀ ଗ୍ରାମ୍ୟ ରାସ୍ତାରେ ବାଲି ଟ୍ରକ ଚଳାଚଳକୁ ଲିଜଧାରୀ ବନ୍ଦ କରିଦେଇଥିବାର ଜଣାପଡିଛି ।

## ଗାଡି ଛାଡୁ ନାହାଁନ୍ତି କି ଭଡା ଦେଉ ନାହାଁନ୍ତି

କେନ୍ଦ୍ରାପଡ଼ା,୧୧।୧ (ନି.ପ୍ର): କୋଭିଡ ମହାମାରୀ ସମୟରେ ଅନେକ ଘରୋଇ ଗାଡି ଗୁଡିକୁ କେତେକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ପୌରସଂସ୍ଥାରେ ଜିନିଷ ପତ୍ର ନେବା ଆଣିବା ପାଇଁ ନିୟୋଜନ କରାଯାଇଥିଲା । ଦୀର୍ଘ ୯ମାସ ଧରି ଟାଟା ଏସି ଆରଟିଓଙ୍କ ଦ୍ୱାରା ପଞ୍ଜିକୃତ ହୋଇ ପଟ୍ଟାମୁଣ୍ଡାଇ ପୌରସଂସ୍ଥାରେ ଲାଗିଥିଲା । ଏହି ଗାଡି ବାବଦ ଭଡା ଦେଉ ନାହାଁନ୍ତି କିମ୍ବା ଗାଡିକୁ ଛାଡୁ ନଥିବା ଗାଡିର ମାଲିକ ପ୍ରସନ୍ନ ପରିଡା ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି ।

# କରୋନା ଯୋଦ୍ଧାଙ୍କୁ ସମ୍ବର୍ଦ୍ଧନା



ଭଦ୍ରକ,୧୧।୧ (ନି.ପ୍ର): ଅଖିଳ ଭାରତୀୟ ଚିକିତ୍ସକ ସଂଘ ଆନୁକୁଲ୍ୟରେ ତା'ର ଏକ ସକ୍ରିୟ ଶାଖା ଭଦ୍ରକଠାରେ ଏ ବର୍ଷର ପ୍ରଥମ ବୈଜ୍ଞାନିକ ଚିନ୍ତନଚକ୍ର 'କ୍ୟାନସର ଚିକିତ୍ସାରେ ସଂପ୍ରତିକ ବିକଶିତ ଜ୍ଞାନ କୌଶଳର ପ୍ରୟୋଗ' ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ଉତ୍ସବରେ ଭଦ୍ରକ ଶାଖାର ସଭାପତି ଡା. ରବୀନ୍ଦ୍ର କୁମାର ନାୟକ ପୌରୋହିତ୍ୟ କରିଥିଲା ବେଳେ ସମ୍ପାଦକ ଡା. ହରେକୃଷ୍ଣ ନାୟକ ସଭାର ଉଦ୍ଦେଶ୍ୟ ସମ୍ପର୍କରେ ପ୍ରାକ୍ଭାଷ ରଖିବା ଅବସରରେ ପ୍ରାଦେଶିକ ସ୍ତରରେ ଗୃହୀତ ଅନେକ କାର୍ଯ୍ୟକ୍ରମ ସମ୍ବନ୍ଧରେ ଅବଗତ କରାଇଥିଲେ । ସଭାରେ ମୁଖ୍ୟ ଅତିଥି ରୂପେ ଲାୟନ୍ସ କ୍ଲବର ବିଶିଷ୍ଟ କର୍ମକର୍ତ୍ତା, ଅଧୀବକ୍ତା ପର୍ଶୁରାମ ଦ୍ୱିବେଦୀ ଏବଂ ମୁଖ୍ୟବକ୍ତା ଭାବେ 'ଗ୍ଲୋବାଲ ହେଲ୍ଥ କେୟାର - ପଣ୍ଡା କ୍ୟୁରୀ କ୍ୟାନ୍ସର ହସ୍ପିଟାଲ, କଟକର ବରିଷ୍ଠ ଅଙ୍କୋଲୋଜିଷ୍ଟ ଡା. ରଣଜିତ୍ କର ଯୋଗଦାନ କରିଥିଲେ । କରୋନା ମହମାରୀରେ ଯଥା ସମ୍ଭବ ଚିକିତ୍ସା, ଆର୍ଥିକ ସହାୟତା ଏବଂ ସଚେତନତା ସୃଷ୍ଟି କରିବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବରିଷ୍ଠ ଭେଷଜ ବିଶେଷଜ୍ଞ ଡା. ଦୁର୍ଯ୍ୟୋଦନ ଦାସ, ଡା. ରବୀନ୍ଦ୍ର କୁମାର ନାୟକ, ଡା. ହରେକୃଷ୍ଣ ନାୟକ ଏବଂ ଡା. ରଣଜିତ୍ କରଙ୍କୁ ତାମ୍ର ଫଳକ, ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଭଦ୍ରକ ଶାଖା ତରଫରୁ କୋଭିଡ଼ ଫଣ୍ଡକୁ 'ଲକ୍ଷ ୩୨ହଜାର ୫ଶହ ଟଙ୍କା ପ୍ରଦାନ କରାଯାଇଥିବା କଥା ସମ୍ପାଦକ ପ୍ରକାଶ କରିଥିଲେ । ଏହି କ୍ରମରେ ସମ୍ବାଦପତ୍ର 'ନିତିଦିନ', 'ବିଶେଷ ଖବର'ରେ ମହାମାରୀର ମାନଚିତ୍ର, ମୁଁ ଏକ ଜୀବନ୍ତ ବୋମା, ଚକ୍ରବ୍ୟୁହରେ କରୋନା ଏବଂ କରୋନା ସହିତ ଜୀବନ ପ୍ରଭୃତି ୧୪ଟି ଚିତ୍ତାକର୍ଷକ ନିବନ୍ଧ ଓ ଗଳ୍ପ ପ୍ରକାଶ କରି ଡା. ଦୁର୍ଯ୍ୟୋଧନ ଦାସ ଜନସଚେତନତା ସୃଷ୍ଟି କରିଥିବାରୁ ମୁଖ୍ୟ ଅତିଥି ତାଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ ଉତ୍ସବରେ ଡା. ପ୍ରଦୀପ ନାୟକ, ଡା. ରବୀନ୍ଦ୍ର ନାଥ ପାଣିଗ୍ରାହୀ, ଡା. ଶତ୍ରୁଘ୍ନ ହାତୀ, ଡା. ଗୌରଚନ୍ଦ୍ର ଜେନାଙ୍କ ସମେତ ଅନେକ ଡାକ୍ତର ଓ ବୁଦ୍ଧିଜୀବୀ ଯୋଗ ଦେଇଥିଲେ ।

# ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନର ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ

ଭୁବନେଶ୍ୱର,୧୧।୧ (ନି.ପ୍ର): ସ୍ୱେଚ୍ଛାସେବୀ ସଂଗଠନ ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନର ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା ସଭା ଭୁବନେଶ୍ୱରସ୍ଥିତ ଅଟଳ ଭବନରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଭୁବନେଶ୍ୱରର ପୂର୍ବତନ ସାଂସଦ ଡ. ପ୍ରସନ୍ନ କୁମାର ପାଟଶାଣୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପ୍ରଦୀପ ପ୍ରଜ୍ଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଆଇଏଏସ୍ ଅକ୍ଷୟ ପାଣି, ଗୁରୁପ୍ରସାଦ ମିଶ୍ର, ବିଜେଡ଼ି ମୁଖପାତ୍ର ଲେନିନ ମହାନ୍ତି, ବିଶିଷ୍ଟ ଶିକ୍ଷାବିତ ଡ. ଶିବପ୍ରସାଦ ବେହେରା, ଆଂଟି କରପସନ ଇଂଟେଲିଜେନ୍ସ ଓଡ଼ିଶା ଶାଖାର ସମ୍ପାଦକ ଲାୟନ ଇଂ ବିପିନ ବହାରୀ ନାୟକ, ସ୍ୱାଗତିକାର ଅଧ୍ୟକ୍ଷ ଅସିତ କୁମାର ମହାନ୍ତି, ତାଳଚେର ସାମ୍ବାଦିକ ସଂଘର କାର୍ଯ୍ୟକାରୀ ସଭାପତି ଧୀରମୋହନ ରାୟ, ବରିଷ୍ଠ ସାମ୍ବାଦିକ ସନତ ମିଶ୍ର, ଡ. ଅଭିନ୍ନ ଚନ୍ଦ୍ର ହୋତା ପ୍ରମୁଖ ଯୋଗ ଦେଇଥିଲେ ।

କାର୍ଯ୍ୟକ୍ରମ ପ୍ରାରମ୍ଭରେ ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନର ଅଧ୍ୟକ୍ଷ ଡ. ବିପିନ ବିହାରୀ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିବା ସହ କରୋନା ମହାମାରୀ ସମୟରେ ଫାଉଣ୍ଡେସନ ତରଫରୁ କରାଯାଇଥିବା ବିଭିନ୍ନ ସେବାମୂଳକ କାର୍ଯ୍ୟ ବିଷୟରେ ସୂଚନା ପ୍ରଦାନ କରିଥିଲେ । ଆଗାମୀ ଦିନରେ ଏହିଭଳି ଆଗେଇ ଆସି ଲୋକମାନଙ୍କ ସେବାରେ ନିଜକୁ ନିୟୋଜିତ କରିବା ପାଇଁ ଆହ୍ୱାନ ଦେଇଥିଲେ । କରୋନା ମହାମାରୀ ସମୟରେ ନିଜ ଜୀବନକୁ ବିପନ୍ନ କରି ସାଧାରଣ ଲୋକମାନଙ୍କୁ ସୁରକ୍ଷା ଓ ସେବାରେ ନିଜକୁ ନିୟୋଜିତ କରିଥିବା ବ୍ୟକ୍ତିବିଶେଷଙ୍କୁ କରୋନା ଯୋଦ୍ଧା ସମ୍ମାନରେ ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଶିବାନନ୍ଦ ଆଶ୍ରମରେ ଓଡିଶା ବୈଦିକ ବ୍ରାହ୍ମଣ ପରିଷଦର ଜିଲ୍ଲାସ୍ତରୀୟ ସମ୍ମିଳନୀ

କେନ୍ଦ୍ରାପଡ଼ା,୧୧।୧ (ନି.ପ୍ର): ଓଡିଶା ବୈଦିକ ବ୍ରାହ୍ମଣ ପରିଷଦର ଜିଲ୍ଲା ସ୍ତରୀୟ ସମ୍ମିଳନୀ କେନ୍ଦ୍ରାପଡାରେ ଅନୁଷ୍ଠିତ ହୋଇଯାଇଛି । ଗରାପୁର ସ୍ଥିତ ଶିବାନନ୍ଦ ଆଶ୍ରମ ପରିସରରେ ରବିବାର ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ସଂଗଠନର କାର୍ଯ୍ୟକାରୀ ସଭାପତି ସୁଧାଂଶୁ ଶେଖର ମହାପାତ୍ର ଅଧ୍ୟକ୍ଷତା କରିଥିଲେ । ପଣ୍ଡିତ ଜିତୁ ଦାସ ମୁଖ୍ୟ ଅତିଥି ଭଅବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବା ବେଳେ ସୁନିଲ କୁମାର ନନ୍ଦ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ସଂପ୍ରତିକ ପରିସ୍ଥିତିରେ ବ୍ରାହ୍ମଣ ସଂପ୍ରଦାୟର ସାମାଜିକ ଓ ଆର୍ଥିକ ଅବ୍ୟବସ୍ଥାର ସୂଚନା ଦେବା ସହ ସଂଗଠନକୁ ବ୍ଲକ ଓ ପଂଚାୟତ ସ୍ତରକୁ ନେବା ପାଇଁ ଆହ୍ୱାନ ଦେଇଥିଲେ । ସଂପାଦକ ସତ୍ୟ ନାରାୟଣ ତ୍ରିପାଠୀ, କିଶୋର ଚନ୍ଦ୍ର ମିଶ୍ର, ସହ ସଂପାଦକ ଚିତ ରଞ୍ଜନ ମିଶ୍ର, ପର୍ଯ୍ୟବେକ୍ଷକ ଡାକ୍ତର ନରହରି ମିଶ୍ର, ଉପ ସଭାପତି ବିଭୁତି ପ୍ରସାଦ ଦାସ, କୋଷାଧକ୍ଷ ରଶ୍ମି ରଞ୍ଜନ ରଥ, ଜିଲ୍ଲା ସଭାପତି ଚକ୍ରଧର ପଣ୍ଡାଙ୍କ ସହ ନରହରି ପଣ୍ଡା, ଦେବରାଜ ପଣ୍ଡା, ପ୍ରଶାନ୍ତ ମହାପାତ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ନିଜ ନିଜର ବକ୍ତବ୍ୟ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ରାଜ୍ୟର ୧୩ଟି ଜିଲ୍ଲାରୁ ବହୁ ବ୍ରାହ୍ମଣ ପଣ୍ଡିତ ଉପସ୍ଥିତ ଥିଲେ । ଏହି ଅବସରରେ ୩୦ ରୁ ଊର୍ଦ୍ଧ୍ୱ ବୟସ୍କ ବ୍ରାହ୍ମଣଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା ।

# ନିଖିଳ ଉତ୍କଳ ବାରିକ ସମିତି ଭୁବନେଶ୍ୱର ମହାନଗର ଶାଖା କାର୍ଯ୍ୟକାରିଣୀ ବୈଠକ ଓ ନୂତନ ବର୍ଷ ବନ୍ଧୁ ମିଳନ

ଭୁବନେଶ୍ୱର,୧୧।୧ (ନି.ପ୍ର): ନିଖିଳ ଉତ୍କଳ ବାରିକ ସମିତି, ଭୁବନେଶ୍ୱର ମହାନଗର ଶାଖାର କାର୍ଯ୍ୟକାରିଣୀ ବୈଠକ ଓ ନୂତନ ବର୍ଷ ବନ୍ଧୁମିଳନ ଉତ୍ସବ ସାମାଜିକ ଦୂରତା ବଜାୟ ରଖି ମାସ୍କ ପରିଧାନ କରି ଶାଖା ସଭାପତି ପ୍ରତାପ କିଶୋର ବାରିକଙ୍କ ଅଧ୍ୟକ୍ଷତାରେ ରାଜ୍ୟ କର୍ମଚାରୀ ଭବନ, ୟୁନିଟ୍-୨ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ରାଜ୍ୟସଭାପତି ହେମନ୍ତ କୁମାର ବାରିକ, ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ରାଜ୍ୟ ସମ୍ପାଦକ ମାୟାଧର ବାରିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଶାଖା ସମ୍ପାଦକ ଅଲେଖ ଚନ୍ଦ୍ର ବାରିକ କାର୍ଯ୍ୟକାରିଣୀ ବୈଠକ ଓ ନୂତନ ବର୍ଷ ବନ୍ଧୁମିଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ । ବୃତିଗତ ବାରିକମାନଙ୍କ ପାଇଁ କଲ୍ୟାଣବୋର୍ଡ ଗଠନ ପ୍ରକ୍ରିୟାକୁ ରାଜ୍ୟ ସରକାର ତ୍ୱରାନ୍ୱିତ କରିବା, ସମିତିର କାର୍ଯ୍ୟାଳୟ ନିମନ୍ତେ ଭୁବନେଶ୍ୱରରେ ଏକ ସରକାରୀ କ୍ୱାଟର କିମ୍ବା ଲିଜ୍ ସୂତ୍ରରେ ସରକାରୀ ଜମି ଯୋଗାଇଦେବା ନିମନ୍ତେ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଓଡ଼ିଶା ସରକାର, ୫-ଟି' ସଚିବ, ଓଡ଼ିଶା ସରକାର, ସ୍ୱତନ୍ତ୍ର ଶାସନ ସଚିବ ସାଧାରଣ ପ୍ରଶାସନ ବିଭାଗ, ଓଡ଼ିଶା ସରକାର, ରାଜ୍ୟସଭା ସାଂସଦ ସୁବାସ ସିଂହ, ଲୋକସଭା ସାଂସଦ ଡଃ ଅଚ୍ୟୁତ୍ ସାମନ୍ତ, ବିଧାୟକ ତଥା ବିଜୁ ଜନତା ଦଳ ରାଜ୍ୟ ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କୁ ସମିତିର ରାଜ୍ୟ ସଭାପତିଙ୍କ ଦ୍ୱାରା ଗତ ସପ୍ତାହରେ ପୁନଃ ଅନୁରୋଧକୁ ଗୁରୁତ୍ୱ ଦେଇ ରାଜ୍ୟ ସରକରଙ୍କ ଦ୍ୱାରା ପ୍ରସ୍ତାବିତ ବୃତିଗତ ବାରିକମାନଙ୍କ ବିକାଶ ନିମନ୍ତେ କଲ୍ୟାଣବୋର୍ଡ ଗଠନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ରାଜ୍ୟ ସରକାରଙ୍କୁ ବୈଠକରେ ଅନୁରୋଧ କରାଯାଇଛି । ମହିଳାମାନଙ୍କୁ ସଂଗଠିତ କରିବା ପାଇଁ ଭୁବନେଶ୍ୱର ମହାନଗର ଶାଖାର ଏକ ମହିଳା ମୋର୍ଚ୍ଚା ଗଠନ କରାଯାଇ ଅନୁସୟା କୁମାରୀ ବାରିକଙ୍କୁ ମହିଳା ସଭାନେତ୍ରୀ ଭାବେ ମନୋନୀତ କରାଯାଇଛି । ତୃଣମୂଳ ସ୍ତରରୁ ସମିତିର ଲକ୍ଷ୍ୟ ପୂରଣ ପାଇଁ ଆଶିଷ ଯୋଜନାର ଶୁଭାରମ୍ଭ କରାଯାଇଛି । ଉକ୍ତ ବୈଠରେ ଉପସଭାପତି ବିଜୟ କୁମାର ସୁବୁଦ୍ଧି, ଭାଗିରଥି ବାରିକ, ସନାତନ ବାରିକ, ସହସମ୍ପାଦକ ଶ୍ରୀଧର ବାରିକ, ବିବେକାନନ୍ଦ ବାରିକ, କୋଷାଧକ୍ଷ ରୋହିତ କୁମାର ବାରିକ, ଉପଦେଷ୍ଟା ଅମରନାଥ ବାରିକ, ବଂଶୀଧର ଭୋଇ, ଭାରତ ବାରିକ, ସୁନ୍ଦରମୋହନ ବାରିକ, ଗଙ୍ଗାଧର ବାରିକ, ସଭ୍ୟ-ଟୁକୁନା ବାରିକ, ପପୁ ବାରିକ, ସ୍ନେହଲତା ବାରିକ, ନର୍ମଦା ବାରିକ, ସାବିତ୍ରୀ ବାରିକ, ବିନୋଦିନୀ ବାରିକ, ଲକ୍ଷ୍ମୀପ୍ରିୟା ବାରିକ, ମନୋରମା ବାରିକ, ଉଦିତ୍ ମଞ୍ଜରୀ ବାରିକ ପ୍ରମୁଖ ଉପସ୍ଥିତ ଥିଲେ । ଉପସଭାପତି ସନାତନ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

## ତୁଳସୀ ବିଦ୍ୟା ମନ୍ଦିରରୁ ଚୋରି: ଥାନାରେ ଅଭିଯୋଗ

କେନ୍ଦ୍ରାପଡ଼ା,୧୧।୧ (ନି.ପ୍ର): କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ ଶ୍ୟାମଗୁଡିଆ ଠାରେ ଥିବା ତୁଳସୀ ବିଦ୍ୟା ମନ୍ଦିର ରୁ ଗତକାଲି ବିଳମ୍ବିତ ରାତିରେ ଚୋରୀ ହୋଇଥିବା ଥାନାରେ ରବିନ କୁମାର ଦାଶ ଅଭିଯୋଗ କରିଛନ୍ତି । ଅଭିଯୋଗ ମୁତାବକ ଶ୍ୟାମଗୁଡିଆ ଠାରେ ଥିବା ଏହି ସ୍କୁଲର ଛାତ ଉପରେ ଚଢି ସ୍କୁଲ ଭିତରେ ପ୍ରବେଶ କରି ଆଲମିରା କୁ ତାଡି ଆଲମାରୀ ଭିତରେ ଥିବା ଜିନିଷ ଗୁଡିକୁ ନେଇଯାଇ ଥିବା ଜଣା ପଡିଛି ।

# 'ଓଡ଼ିଶା ମୋ ପରିବାର'ପକ୍ଷରୁ ରକ୍ତଦାନ ଶିବିର



ବାଲେଶ୍ୱର,୧୧।୧ (ନି.ପ୍ର): 'ଓଡ଼ିଶା ମୋ ପରିବାର' ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଜିଲ୍ଲା ରକ୍ତଭଣ୍ଡାର ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି । ସମାଜସେବୀ ସୁବାସିନୀ ଜେନା ଏହାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିବା ସହ ସଂଗଠନର ଜନସେବା ମୂଳକ ଉଦ୍ୟମକୁ ଭୟସ୍ୱୀ ପ୍ରଶଂସ କରିଥିଲେ । ଛାତ୍ରନେତ୍ରୀ ରୀମା ଜୋସେଫଙ୍କ ନେତୃତ୍ୱରେ ଏହି ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । ଓଡ଼ିଶା ମୋ ପରିବାରର ବାଲେଶ୍ୱର ଜିଲ୍ଲା ସଂଯୋଜକ ସାହିରୁଲ ହକ୍, ଯୁବନେତା ପିଣ୍ଟୁ ଆଚାର୍ଯ୍ୟ, ହ୍ରିତିକ୍ ନାୟକ ପ୍ରମୁଖ ଏଥିରେ ଯୋଗଦେଇ ରକ୍ତାଦାତାମାନଙ୍କୁ ଉତ୍ସାହିତ କରିଥିଲେ । ଶୁଭମ ସାଇ ମହାପାତ୍ର, ଅଭିଜିତ ବିଶ୍ୱାଳ, ରୀମା ଜୋଶେଫ, ଅଭିଜିତ୍ ଦାସ, ଶୁଭଜିତ୍ ଭୋଇ, ବିବେକ କୁମାର ମହାନ୍ତି, ହରିହର ମନ୍ତ୍ରୀ, ଜସ୍ମିନ୍ ଗିରି, ଶ୍ରରାମ ପ୍ରଧାନ, ଦେବଲ୍ୟାଣ ଗିରି, ବିକି ବେହେରା, ସ୍ୱସ୍ତିକ୍ ଗୁଡୁ ପ୍ରମୁଖ ଏହି ଶିବିର ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ । ଏହି ଅବସରରେ ରକ୍ତଦାତାମାନଙ୍କୁ ପ୍ରମାଣପତ୍ର ପ୍ରଦାନ ସହ ପରିବେଶ ସୁରକ୍ଷା ପାଇଁ ପ୍ରତ୍ୟେକଙ୍କୁ ବୃକ୍ଷଚାରା ବର୍ଣ୍ଟନ କରାଯାଇଥିଲା । ଆଗାମୀ ଦିନରେ ଏହିଭଳି ଶିବିର ନିୟମିତ ଅନୁଷ୍ଠିତ ହେବ ବୋଲି ଛାତ୍ରନେତ୍ରୀ ରୀମା ଜୋସେଫ ସୂଚନା ଦେଇଥିଲେ ।

# ବନଜ୍ୟୋତ୍ସ୍ନା ସାହିତ୍ୟ ସଂସଦର ଦ୍ୱିବାର୍ଷିକ କମକର୍ତ୍ତା ନିର୍ବାଚନ ଓ ବନ୍ଧୁ ମିଳନ କାର୍ଯ୍ୟକ୍ରମ

କନ୍ଧମାଳ,୧୧।୧ (ନି.ପ୍ର): କନ୍ଧମାଳ ଜିଲ୍ଲାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ବନଜ୍ୟୋତ୍ସ୍ନା ସାହିତ୍ୟ ସଂସଦର ନୂତନ କର୍ମକର୍ତା ଚୟନ ଏବଂ ନୂଆ ବର୍ଷ ଉପଲକ୍ଷେ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ କୋଭିଡ୍ ନିୟମ ପାଳନ ମୁତାବକ ସ୍ଥାନୀୟ ଶିକ୍ଷକ କଲୋନୀ ଠାରେ ଅନୁଷ୍ଠାନର ବତିଶି ରୁ ଊର୍ଦ୍ଧ୍ୱ ସଭ୍ୟ / ସଭ୍ୟାଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇ ଯାଇଛି । ସଭାପତି ତୀର୍ଥ ଜାନୀଙ୍କ ଅଧ୍ୟକ୍ଷତାରେ ସଂସଦର ସାଧାରଣ ବୈଠକ ଓ ଆଲୋଚନା ପରେ ଆଗାମୀ ଦୁଇ ବର୍ଷ ପାଇଁ ନିର୍ବାଚନ ଓ କର୍ମକର୍ତା ଚୟନ ଅନୁଷ୍ଠିତ ହୋଇଯାଇଛି । ନିର୍ବାଚନ ଅଧିକାରୀ ଭାବେ ବରିଷ୍ଠ ଉପଦେଷ୍ଟା ଆଇନ ଜୀବୀ ଶ୍ରୀ କୌଶିକ ସାହୁ ନିର୍ବାଚନ ପରିଚାଳନା କରିଥିଲେ । ଆଗାମୀ ଦୁଇ ବର୍ଷ ପାଇଁ ସଭାପତି ଭାବେ-ବରିଷ୍ଠ ସାମ୍ବାଦିକ ପ୍ରଶାନ୍ତ କୁମାର ବେହେରା, ଉପ ସଭାପତି ଭାବେ- ଡକ୍ଟର ପୂର୍ଣ୍ଣେନ୍ଦୁ ତ୍ରିପାଠୀ ଏବଂ ଶରତଚନ୍ଦ୍ର ମହାନ୍ତି , ମୁଖ୍ୟ ସମ୍ପାଦକ ଭାବେ ଡକ୍ଟର କାହ୍ନୁ ଚରଣ ଶତପଥୀଙ୍କୁ ଚୟନ କରା ଯାଇଛି । ସେହିପରି ସହ ସମ୍ପାଦକ ଭାବେ-ପ୍ରଣତୀ ତ୍ରିପାଠୀ ଏବଂ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ ରହିଛନ୍ତି । ସଙ୍ଗଠନ ସମ୍ପାଦକ-ଶ୍ରୀ ଓମ୍ ପ୍ରକାଶ ପଣ୍ଡାଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ସାଂସ୍କୃତିକ ସମ୍ପାଦିକା ଭାବେ-ସୁଶ୍ରୀ ଶିବାନୀ ସୁଆର (ମୁସ୍କାନ) କାର୍ଯ୍ୟକାରୀ ସଦସ୍ୟ ଭାବେ-ଶ୍ରୀ ପ୍ରଣୟ କୁମାର ସାମନ୍ତରାୟ, ଗୋପାଳ କୃଷ୍ଣ ପଟ୍ଟନାୟକ, ସୋମନାଥ ସାହୁ ,ଶ୍ରୀମତୀ କଳ୍ପନା ପାତ୍ର,ଗୀତାଞ୍ଜଳୀ ପଟ୍ଟନାୟକ ଓ ସରସ୍ୱତୀ ସାହୁ ରହିଛନ୍ତି । ମୁଖ୍ୟ ଉପଦେଷ୍ଟା ଭାବେ -ପ୍ରାଧ୍ୟାପକ ତୀର୍ଥ ଜାନୀ ଓ ବରିଷ୍ଠ ଉପଦେଷ୍ଟା ଭାବେ ଶ୍ରୀ କୌଶିକ ସାହୁ । ଉପଦେଷ୍ଟା ଭାବେ-ଡକ୍ଟର ବିଭୂତି ଭୂଷଣ ଆଚାର୍ଯ୍ୟ , ଶ୍ରୀ ରାମଚନ୍ଦ୍ର ନାୟକ ଓ ଶ୍ରୀ ରବୀନ୍ଦ୍ର ନାଥ ରଥଙ୍କୁ ରଖାଯାଇଛି । ଆଗାମୀ ମାର୍ଚ୍ଚ ମାସରେ ଦ୍ୱାଦଶ ପୁସ୍ତକ ଉତ୍ସବ ଓ ସାଂସ୍କୃତିକ ମେଳା କରିବା ପାଇଁ ସ୍ଥିର କରାଯାଇଛି । ଏହି ଅବସରରେ କନ୍ଧମାଳ ଜିଲ୍ଲାର ବହୁ ବିଶିଷ୍ଟ ପ୍ରତିଭା ଧାରୀ ବ୍ୟକ୍ତିତ୍ୱଙ୍କୁ ସମ୍ମାନିତ କରାଯିବ । ସେଥିପାଇଁ ଜିଲ୍ଲାର ବିଭିନ୍ନ କ୍ଷେତ୍ରରେ ଅବଦାନଥିବା ବ୍ୟକ୍ତି ମାନେ ଆବେଦନ କରିବା ପାଇଁ ସମ୍ପାଦକ ଅନୁରୋଧ କରିଛନ୍ତି । ପତ୍ରିକା ପରିଚାଳନା କମିଟିରେ-ଶ୍ରୀ ତୀର୍ଥ ଜାନୀ,ଶ୍ରମତୀ ବିରାଜିନୀ ମହାପାତ୍ର,ସୁନିତୀ ଆଚାରୀ, ଶରତଚନ୍ଦ୍ର ମହାନ୍ତି । ନୂତନ ସଭାପତି ନିଜସ୍ୱ ବକ୍ତବ୍ୟ ପ୍ରଦାନ କରିବା ପରେ କଳ୍ପନା ପାତ୍ର ଧନ୍ୟବାଦ ଅର୍ପଣ କରିଥଲେ ।

# ରେମୁଣା ବିଜେପି ପକ୍ଷରୁ ରକ୍ତଦାନ ଶିବିର

ବାଲେଶ୍ୱର,୧୧।୧ (ନି.ପ୍ର): ରେମୁଣାର ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସଙ୍କ ୫୧ତମ ଜନ୍ମଦିନ ପାଳନ ଅବସରରେ ବିଜେପି ରେମୁଣା ଶାଖା ପକ୍ଷରୁ ଦିବସବ୍ୟାପୀ ବିଭିନ୍ନ ସମାଜ ମଙ୍ଗଳ କାର୍ଯ୍ୟକ୍ରମ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ସକାଳେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ବିଜେପିର ରେମୁଣା କାର୍ଯ୍ୟାଳୟ ପରିସରରେ ଆୟୋଜିତ ହୋଇଥିଲା । ପୂର୍ବତନ ବିଧାୟକ ଶ୍ରୀ ଦାସ ଏହି ଶିବିରକୁ ଉଦ୍‌ଘାଟନ କରିବା ସହିତ ବିଜେପି କେବଳ ରାଜନୀତି ନୁହେଁ ସମାଜ କଲ୍ୟାଣ କାର୍ଯ୍ୟକୁ ଅଧିକ ଗୁରୁତ୍ୱ ଦେଇଥାଏ ବୋଲି କହିଥିଲେ । ରକ୍ତଦାତାମାନଙ୍କୁ ଉତ୍ସାହିତ କରିବା ସହିତ ଅଗାମୀ ଦିନରେ ଏଭଳି ଶିବିର ଆୟୋଜନ ହେବ ବୋଲି ଶ୍ରୀ ଦାସ ସୂଚନା ଦେଇଥିଲେ । ଜିଲ୍ଲା ରକ୍ତଭଣ୍ଡାର ଅଧିକାରୀ ଡାକ୍ତର ବସନ୍ତ କୁମାର ଉପାଧ୍ୟାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ରକ୍ତଭଣ୍ଡାର କର୍ମଚାରୀମାନେ ରକ୍ତ ସଂଗ୍ରହ କାର୍ଯ୍ୟ ସମ୍ପାଦନ କରିଥିଲେ । ବିଜେପି ରେମୁଣା ଶାଖାର ବହୁ ଯୁବକର୍ମୀ ଏହି ଶିବିରରେ ରକ୍ତଦାନ କରିଥିଲେ ।

ବାଲେଶ୍ୱର,
ମଙ୍ଗଳବାର, ୧୨ ଜାନୁଆରୀ, ୨୦୨୧

# କମ୍ ବଜେଟ୍‌ରେ ଭ୍ରମଣ

**ଆଜିର ସମୟ ଅଧିକାଂଶ ଭ୍ରମଣକାରୀ ସଂସ୍ଥା ବିଭିନ୍ନ ବଜେଟ୍‌ରେ ଗ୍ରାହକଙ୍କୁ ଦେଶବିଦେଶରେ ଭ୍ରମଣ କରାଇବାର ସୁଯୋଗ ଦେଉଛି । ମଧ୍ୟବିତ୍ତ ଓ ଧନିକ ବର୍ଗର ଲୋକ ନିୟମିତ ଭାବେ ବିଦେଶର ରାଇଜ ଭ୍ରମଣ କରୁଥିବାର ଦେଖାଯାଉଛି । କେବଳ ଯେ ବିଦେଶରେ ସୁନ୍ଦର ସହର ଓ ଭ୍ରାମ୍ୟମାଣ ସ୍ଥାନ ଅଛି, ତା'ନୁହେଁ, ବରଂ ଆମ ଭାରତରେ ମଧ୍ୟ ପ୍ରକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ସଂଖ୍ୟାଧିକ ସ୍ଥାନମାନନ ରହିଛି ।**





♦ ଯେପରି ହିମାଚଳ ପ୍ରଦେଶର ଛୋଟ ହିଲ୍ ଷ୍ଟେସନ୍ ମଣ୍ଡିକୁ ଭାରତର ସ୍କଟଲାଣ୍ଡ ଭାବେ ଜଣାଯାଏ । ଇଂରେଜ ଶାସନ ସମୟରେ ଏହି ସ୍ଥାନରେ ପର୍ଯ୍ୟଟକଙ୍କ ସଂଖ୍ୟା ବଢିଥିଲା । ତତ୍କାଳୀନ ଭାଇସରଏ ହିଁ ମଣ୍ଡି ଭ୍ରମଣ ସମୟରେ ଏହାର ସୌନ୍ଦର୍ଯ୍ୟକୁ ସ୍କଟଲାଣ୍ଡ ସହ ତୁଳନା କରିଥିଲେ । ଆଜିର ସମୟରେ ଏଠାରେ ସୁଲଭ ମୂଲ୍ୟରେ ଶସ୍ତା ଠାରୁ ମହରଗ ହୋଟେଲମାନ ମିଳିଯାଉଛି । ଆମ ଦେଶର ଲୋକ ବିଦେଶକୁ ଛୁଟି କାଟିବା ପାଇଁ ଯାଉଥିବା ବେଳେ ଅଧିକାଂଶ ଇଉରୋପୀୟ ପର୍ଯ୍ୟଟକ ମଣ୍ଡିକୁ ଛୁଟି କାଟିବା ପାଇଁ ଆସିଥାନ୍ତି ।

♦ ଆମ ଦେଶର ଖୁବ୍ କମ୍ ଲୋକ ଯାଣିଥିବେ ଯେ, ସିକ୍କିମ୍‌ସ୍ଥିତ ଗୁରୁଡୋଙ୍ଗମର୍ ହ୍ରଦ ବିଶ୍ୱସ୍ତରରେ ଲୋକପ୍ରିୟ । ସମୁଦ୍ର ପତ୍ତନଠାରୁ ୧୭ ହଜାର ଫୁଟ୍ ଉପରେ ଥିବା ଏଇ ହ୍ରଦର ସୌନ୍ଦର୍ଯ୍ୟ ଆଖିରେ ନ ଦେଖିଲେ ବିଶ୍ୱାସ କରିହେବନି । କିଛି ମାସ ତଳେ କାନାଡାରୁ ୧୨ଜଣିଆ ଗବେଷକଦଳ ଭ୍ରମଣ ପାଇଁ ଏଠାକୁ ଆସିଥିଲେ । ସେମାନଙ୍କ ମତରେ, ଆଇସଲ୍ୟାଣ୍ଡ ଯିବା ପରିବର୍ତ୍ତେ କମ୍ ବଜେଟ୍‌ରେ ଏଇ ସ୍ଥାନରେ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ଉଚିତ ।

♦ ଲଦାଖ, ଏହା ଅନ୍ୟତମ ସ୍ଥାନ ଯେଉଁଠାରେ ବିଦେଶୀ ପର୍ଯ୍ୟଟକଙ୍କ ଭିଡ ଖୁବ୍ ଜମିଥାଏ । ବାଇକିଂ କରିବାକୁ ଚାହୁଁଥିଲେ କିମ୍ବା ପାହାଡ ଉପରେ କ୍ୟାମ୍ପିଂ କରିବାକୁ ଚାହୁଁଥିଲେ, ଅତିବେଶୀରେ ୬ ହଜାର- ୧୨ ହଜାର ଟଙ୍କା ମଧ୍ୟରେ ଖର୍ଚ୍ଚ ହୋଇଥାଏ ବୋଲି ଭ୍ରମଣକାରୀ ସଂସ୍ଥାଙ୍କ ମତ ।

# ଘରେ ୱାଇଫାଇ ଲଗାଇଛନ୍ତି !




ଅତ୍ୟାଧୁନିକ ଜୀବନଶୈଳୀ ମଧ୍ୟରେ ସବୁକାମ ତ୍ୱରାନ୍ୱିତ ଭାବେ କରିବା ଲାଗି ଘରେ ୱାଇଫାଇ ଲଗାଇବା ଏକ ପ୍ରମୁଖ ଆବଶ୍ୟକତା ପାଲଟିଯାଇଛି । ଏହାଦ୍ୱାରା ଶୋଇବାକୁ ଯିବା ସମୟରେ ବି ମନେପଡ଼ିଯାଇଥିବା ଅଫିସ୍ ଏବଂ ବ୍ୟକ୍ତିଗତ କାମ ଅନଲାଇନ ଟ୍ରାଞ୍ଜାକସନ, ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିଗତ ତଥ୍ୟ ସେୟାର କରିବା ଆଦି ସହଜରେ ହୋଇପାରେ । ତେବେ ଘରର କେଉଁ ଏକ କୋଣରେ ଇଣ୍ଟରନେଟ୍ ସେବା ପ୍ରଦାନକାରୀ ଙ୍କ ପକ୍ଷରୁ ଲଗାଯାଇଥିବା ରାଉଟର ଯେ ବଡ଼ ବିପଦର କାରଣ ହୋଇପାରେ, ଏହା କେହି ଭାବିନଥିବେ । ଫିନଲାଣ୍ଡର ସାଇବର ସିକ୍ୟୁରିଟି ଫାର୍ମ ଏଫ-ସିକ୍ୟୋର ଅନୁସାରେ, ଟଙ୍କା ପାଇ ହ୍ୟାକରମାନେ କ୍ଲାଉଡ ଲନେବଲଡ କମ୍ପ୍ୟୁଟର ଜରିଆରେ ମାତ୍ର କେଇ ମିନିଟରେ ଅନ୍ୟମାନଙ୍କର ପାସୱାର୍ଡ ଜାଣିପାରିବେ । ଆମେରିକୀୟ କମ୍ପ୍ୟୁଟର ଇମର୍ଜେନ୍ସି ରେଡିନେସ୍ ଟିମ୍ ରୁଷ ଦ୍ୱାରା ପରିଚାଳିତ ହ୍ୟାକର ଟିମକୁ ନେଇ ସତର୍କ ସୂଚନା ଜାରି କରିଥିଲା । ଏମାନେ ଆମେରିକାରେ ଖୁବ୍ ଅଧିକ ସଂଖ୍ୟାରେ ଘରୋଇ ରାଉଟରଗୁଡ଼ିକୁ ହ୍ୟାକ୍ କରିଥିଲେ । କ୍ୱିକ୍ ହିଲ୍ ଟେକ୍ନୋଲୋଜିର ଅଧିକାରୀଙ୍କ କହିବା ଅନୁସାରେ, ଥରେ ମାଲୱେର ଦ୍ୱାରା ପ୍ରଭାବିତ ହେବା ପରେ ରାଉଟର ଠିକ୍ ଭାବେ କାମ କରେ ନାହିଁ । ବହୁବାର ବ୍ୟାଙ୍କ ଏବଂ ଇ-କମର୍ସ ସାଇଟକୁ ଗଲେ ଆପେ ନ କଲି ୱେ ବସାଇଟ୍ ଖୋଲିଯାଉଥିବାର ଦେଖାଯାଏ । ହ୍ୟାକରମାନେ ପାସୱାର୍ଡ ହାସଲ କରି ବ୍ୟକ୍ତିଗତ ଏବଂ ଅର୍ଥନୈତିକ ତଥ୍ୟ ଚୋରି କରିବା ସହିତ ୱାଇଫାଇ ସହ ଜଡ଼ିତ ଅନ୍ୟ ସ୍ମାର୍ଟ ଡିଭାଇସରଗୁଡ଼ିକୁ ନଷ୍ଟ କରିଦେଇପାରନ୍ତି । ସାଇବର ସୁରକ୍ଷା ପରାମର୍ଶଦାତାଙ୍କ ଅନୁସାରେ, ଖାତନାମା ରାଉଟରଗୁଡ଼ିକର ହ୍ୟାକ୍ ହେବା ଆଶଙ୍କା ଅଧିକ । ଏଥିରୁ ସୁରକ୍ଷା ପାଇଁ ଅତ୍ୟାଧିକ ୱାଇଥ-ଫାଇ ସୁରକ୍ଷା ପ୍ରଣାଳୀ ଡବ୍ଲୁପିଏକୁ ସପୋର୍ଟ କରୁଥିବା ପରି ରାଉଟର ବ୍ୟବହାର କରିବା ଜରୁରୀ । ଏଥିସହିତ ଅତିଥିମାନଙ୍କ ଲାଗି ଅଲଗା ନେଟୱର୍କରେ ଅଲଗା ପାସୱାର୍ଡ ଦିଅନ୍ତୁ । ଫଳରେ ସେମାନଙ୍କ ଡିଭାଇଥସ ହ୍ୟାକ୍ ହେଲେ ମଧ୍ୟ ଆପଣଙ୍କ ବ୍ୟକ୍ତିଗତ ତଥ୍ୟ ସୁରକ୍ଷିତ ରହିପାରିବ । ଅଙ୍ଗୁଳି ଛାପ ସବୁଠାରୁ ଅଧିକ ସୁରକ୍ଷିତ ଏବଂ ମଜବୁତ ପାସୱାର୍ଡ ।



# ତେନ୍ତୁଳିର ଉପଯୋଗିତା

**ଦକ୍ଷିଣ ଭାରତୀୟ ଖାଦ୍ୟରେ ତେନ୍ତୁଳିର ପ୍ରୟୋଗ ପ୍ରାୟତଃ ହୋଇଥାଏ । ଏହା ସେଠା ରାନ୍ଧୁଣିଆଙ୍କ ମୁଖ୍ୟ ମସଲା । ତେନ୍ତୁଳିକୁ ସେମାନେ ଭାତ, ଡାଲି ସମ୍ବର, ଚଟଣି, ତରକାରିରେ ମଧ୍ୟ ପ୍ରୟୋଗ କରନ୍ତି । ଖାଦ୍ୟ ବିଶେଷଜ୍ଞଙ୍କ ମତରେ ତେନ୍ତୁଳିର ଅନେକ ଉପଯୋଗିତା ରହିଛି ।**

♦ ରୋଗପ୍ରତିରୋଧକ ଶକ୍ତି ବଢ଼ାଇବା ନିମନ୍ତେ ଏହା ଏକ ଉତ୍ତମ ପୋଷକ । ହୃଦରୋଗରୁ ବର୍ତ୍ତିବାକୁ ଚାହୁଁଥିଲେ ନିୟମିତ ଭାବେ ଦ୍ୱିପ୍ରହର ଅବା ସକାଳ ଜଳଖିଆରେ ତେନ୍ତୁଳିର ବ୍ୟବହାର କରିବା ଉଚିତ ।

♦ ମଧୁମେହ ରୋଗୀଙ୍କ ନିମନ୍ତେ ଏହା ଏକ ମହୌଷଧି ଅଟେ । ଭିଟାମିନ୍ ସି' ଓ ଅନ୍ୟାନ୍ୟ ପୋଷକତତ୍ତ୍ୱ ଭରପୂର ତେନ୍ତୁଳି ଅଂଶୁଘାତରୁ ମଧ୍ୟ ଶରୀରକୁ ରକ୍ଷା କରିଥାଏ । ଏଣୁ ଗ୍ରୀଷ୍ମଦିନେ ତେନ୍ତୁଳି ଚକଟାର ଅବାଶ୍ୟକତା ବହୁତ ଅଧିକ ।

♦ ଭୋକର କ୍ଷମତା ବଢ଼ାଉଥିବା ଏଇ ତେନ୍ତୁଳି ଓଜନ ହ୍ରାସ ନିମନ୍ତେ ମଧ୍ୟ ଜରୁରୀ ।



# ପିଜୁଳି

**ମେଓ୍ୱା ବା ପିଜୁଳି ପେଟଜନିତ ସମସ୍ତ ସମସ୍ୟାର ସମାଧାନ ପାଇଁ ଏକ ଭରସାଯୋଗ୍ୟ ଫଳ । ଅଧିକାଂଶ ଲୋକଙ୍କ ବାଡ଼ି, ବଗିଚାରେ ପିଜୁଳି ଗଛ ଥାଏ, ତେଣୁ ଏହା ସହଜରେ ମିଳିଯାଏ । ଏଥିରେ ଫାଇବର ଖଣିଜ ଓ ଖାଦ୍ୟସାର ପ୍ରଚୁର ପରିମାଣରେ ରହିଥାଏ । ବିଶେଷକରି ମଧୁମେହ ରୋଗୀଙ୍କ ପାଇଁ ଏହା ଅତ୍ୟନ୍ତ ଉପକାରୀ । ପିଜୁଳିର ଫାଇଦା ସମ୍ପର୍କରେ ଆୟୁର୍ବେଦରେ ମଧ୍ୟ ଉଲ୍ଲେଖ ରହିଛି ।**



**ଗୁଣ ଓ ଫାଇଦା:-**

ଏଥିରେଥିବା ପୌଷ୍ଟିକ ତତ୍ତ୍ୱ ଶରୀରକୁ ସୁସ୍ଥ ରଖିବାରେ ସହାୟକ ହୁଏ । ପିଜୁଳିରେ ଥିବା ଫାଇବର 'ମେଟାବୋଲିଜମ୍' ଠିକ୍ ରଖେ । ଯେଉଁମାନେ କୋଷ୍ଠକାଠିନ୍ୟରେ ପୀଡ଼ିତ, ସେମାନେ ପିଜୁଳି ଖାଇଲେ ଉପକୃତ ହେବେ ।

ଏଥିରେ ଥିବା ଭିଟାମିନ-ଏ ଚକ୍ଷୁର ଆବଶ୍ୟକତା ପୂରଣ କରେ ।

ପିଜୁଳି ଗଛର ପତ୍ରକୁ କିଛି ସମୟ ଚୋବାଇଲେ ମାଢ଼ି ମଜଭୂତ ହେବା ସହ ମୁହଁ ମଧ୍ୟ ପରିଷ୍କାର ହୁଏ ।

ଏହା ଓଜନ ବୃଦ୍ଧି କରେ ନାହିଁ ।

ଏଥିରେ ଥିବା ଭିଟାମିନ୍ - ଏ, ବି ଓ ସି ତ୍ୱଚାକୁ ଉଜ୍ଜ୍ୱଳତା ପ୍ରଦାନ କରେ । କାଶରୁ ଉପଶମ ମିଳେ ।

ପାଚନ କ୍ରିୟାକୁ ସ୍ୱାଭାବିକ କରେ ।

ଗର୍ଭବତୀଙ୍କ ପାଇଁ ଅତ୍ୟନ୍ତ ଉପକାରୀ ।

# ବୟସ୍କଙ୍କୁ ସୁସ୍ଥ ରଖେ ଭିଟାମିନ୍-କେ

ପ୍ରାୟ ମସସ୍ତେ ଜାଣିଛନ୍ତି ବୟସ୍କମାନଙ୍କ ପାଇଁ ଭିଟାମିନ୍-କେ କ'ଣ ? କେଉଁଠାରୁ ମିଳେ ଜାଣିନ୍ତୁ ?




ଯଦି ଭିଟାମିନ୍ ବିଷୟରେ ଭାବୁଛନ୍ତି, ତେବେ ଜାଣିବା ଦରକାର ଯେ ଆପଣ ସୁସ୍ଥ ରହିବା ପାଇଁ ଶରୀରକୁ କେଉଁ ଭିଟାମିନ୍ କେତେ ମାତ୍ରାରେ ଆବଶ୍ୟକ ହୋଇଥାଏ । ସେମିତି ତ ଶରୀରକୁ ସୁସ୍ଥ ରଖିବା ପାଇଁ ସବୁ ବୟସରେ ଭିଟାମିନ୍‌ର ଆବଶ୍ୟକତା ରହିଛି । କିନ୍ତୁ 'ଭିଟାମିନ୍-କେ' ବୟସ୍କ ଲୋକମାନଙ୍କ ପାଇଁ ବହୁତ ଜରୁରୀ । ବୋଷ୍ଟନ୍‌ର ଟେଫ୍ଟେସ୍ ୟୁନିଭର୍ସିଟିରେ ' ଭିଟାମିନ୍-କେ ଲ୍ୟାବର ନିର୍ଦ୍ଦେଶକଙ୍କ ଅନୁସାରେ, ବୟସ୍କଙ୍କ ଠାରେ ବିଭିନ୍ନ ଭିଟାମିନର ଅଭାବ ଦେଖିବାକୁ ମିଳିଥାଏ । କିନ୍ତୁ ଏହି ବୟସରେ ଭିଟାମିନ୍ ସେମାନଙ୍କ ପାଇଁ ବହୁତ ଜରୁରୀ । ବିଶେଷ କରି 'ଭିଟାମିନ- କେ' ଅଭାବକୁ ପୂରଣ କରିବା



ବହୁତ ଜରୁରୀ, ଯାହା ଶରୀରକୁ ସୁସ୍ଥ ରଖିବ । ଏହି ଗବେଷଣାରେ ନିର୍ଦ୍ଦେଶକ ସରହ ବୁଥ୍ ଓ ତାଙ୍କ ସହଯୋଗର ସାମିଲ ଥିଲେ । ଏଥିରେ ସାମିଲ କରାଯାଇଥିବା ବୟସ୍କ ମାନଙ୍କଠାରେ ରକ୍ତର ଅଭାବ ରହିଥିଲା । ତା' ସହିତ ମଧ୍ୟ ଭିଟାମିନ୍‌ର ଅଭାବର ରହିଥିଲା । ତେଣୁ ସେମାନେ ଶାରୀରିକ ଭାବେ ସକ୍ରିୟ ନଥିଲେ । କିନ୍ତୁ ଯେଉଁମାନଙ୍କଠାରେ ଆବଶ୍ୟକ ପରିମାଣର ରକ୍ତ ରହିଥିଲା, ସେମାନେ ଅନ୍ୟମାନଙ୍କ ପରି ନିଷ୍କ୍ରିୟ ନଥିଲା ।

**'ଭିଟାମିନ୍-କେ' କ'ଣ ଦରକାର ?**

ଭିଟାମିନ୍-କେ ଆମ ହାଡକୁ ମଜଭୁତ କରିଥାଏ । ଯଦି ଆପଣଙ୍କ ଶରୀରରେ 'ଭିଟାମିନ୍-କେ' ମାତ୍ରା କମ୍ ରହିଥାଏ, ତେବେ ଶରୀରରେ କ୍ଷତି ହେଲେ ରକ୍ତକ୍ଷରଣ କମି ନଥାଏ । 'ଭିଟାମିନ୍-କେ' ରକ୍ତ ଜମାଟ ବାନ୍ଧିବାରେ ସହାୟତା କରିଥାଏ । ଯଦି ଶରୀରରେ 'ଭିଟାମିନ୍-କେ ମାତ୍ରାଧିକ ଅଭାବ ଦେଖା ଦିଏ, ତେବେ ଶରୀରରେ ଭିତରେ ରକ୍ତସ୍ରାବ ପରି ସମସ୍ୟା ଉପୁଜିଥାଏ, ଯାହା ଖୁବ୍ କ୍ଷତିକାରକ । ଭିଟାମିନ୍-କେ ହାଡରେ କ୍ୟାଲସିୟମ ପହଞ୍ଚାଇବାରେ ସହାୟତା କରିଥାଏ । ଏହା ରକ୍ତସ୍ରାବକୁ ଅଟକାଇଥାଏ । ସେହିପରି ଶରୀରରେ ରକ୍ତ ସଞ୍ଚାଳନକୁ ମଧ୍ୟ ନିୟନ୍ତ୍ରିତ କରିଥାଏ । ଗର୍ଭବତୀଙ୍କ କ୍ଷେତ୍ରରେ 'ଭିଟାମିନ୍-କେ' ଭ୍ରୁଣର ବିକାଶ ପାଇଁ ଜରୁରି ।


**'ଭିଟାମିନ୍-କେ' ର ସ୍ରୋତ:**

'ଭିଟାମିନ୍-କେ'ର ମୁଖ୍ୟ ସ୍ରୋତ ହେଉଛି ସବୁଜ ପନିପରିବା । ସୋରିଷ ଶାଗ, ବନ୍ଧାକୋବି, ମୂଳା, ପାଳଙ୍ଗ ଶାଗ, ଗହମ, ଫଳ ଓ ବିଟ୍ ପତ୍ରରେ ଭରି ରହିଛି 'ଭିଟାମିନ୍-କେ' ।




# ରକ୍ତଚାପ ମାପୁଥିବା ସ୍ମାର୍ଟଘଣ୍ଟା

କଟଟିରେ ପିନ୍ଧିବା ପରେ ରକ୍ତଚାପ ମାପି ପାରୁଥିବା ବିଶ୍ୱର ପ୍ରଥମ ସ୍ମାର୍ଟ ଘଣ୍ଟା ପ୍ରସ୍ତୁତ ହୋଇଛି । ଓମରନ କମ୍ପାନୀ ଏହି ଘଣ୍ଟା ପ୍ରସ୍ତୁତ କରିଥିବା ବେଳେ ଏହା ରାତିସାରା ହୃତସ୍ପନ୍ଦନ ଏବଂ ନିଦ ଠିକ୍ ହେଉଛି କି ନାହିଁ ବୋଲି ମାପି ଜଣାଇପାରୁଛି । ତେବେ ଶୋଇଥିବା ବେଳେ ମଣିଷର ରକ୍ତଚାପରେ କୌଣସି ପରିବର୍ତ୍ତନ ହେଲେ, ତାହା ଏହି ଘଣ୍ଟା ଜାରିପାରୁନାହିଁ । ଏକ ଆପ୍ ସହାୟତାରେ ଏହି ଘଣ୍ଟା ପରିଚାଳିତ ହେଉଥିବା ବେଳେ ବ୍ୟବହାରକାରୀ ସେମାନଙ୍କ ରକ୍ତଚାପର ରେକର୍ଡ ଏବଂ ହୃତସ୍ପନ୍ଦନ ସହିତ ନିଦର ରେକର୍ଡ ରଖିପାରିବେ । ଆମେରିକାର ଏଫଡିଏ ଏହି ଘଣ୍ଟାକୁ ଅନୁମୋଦନ ଦେଇସାରିଛି । ଖୁବ୍ ଶୀଘ୍ର ଏହା ବଜାରରେ ଉପଲବ୍ଧ ହେବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି ।




# କେଶ ମେହନ୍ଦୀ କରୁଥିଲେ...



କେଶରେ ରାସାୟନିକ ରଙ୍ଗ ଲଗାଇବା ପରିବର୍ତ୍ତେ ମେହେନ୍ଦୀ ଲଗାଇବା ଭଲ ବୋଲି ସୌନ୍ଦର୍ଯ୍ୟ ବିଶେଷଜ୍ଞ ଶେହନାଜ୍ ହୁସେନ୍ ପ୍ରକାଶ କରିଛନ୍ତି । ମାସକୁ ଅତିକମରେ ୨ଥର କେଶରେ ମେହେନ୍ଦୀ କରିବା ଉତ୍ତମ ପ୍ରଭାବ ପକାଇଥାଏ ।

କଫି ଫୁଟା ପାଣିରେ ମେହେନ୍ଦୀ ଗୁଣ୍ଡକୁ ରାତିରୁ ମିଶାଇ ପେଷ୍ଟ କରି ରଖିଲେ ତାହା କେଶକୁ ଭଲ ରଙ୍ଗ ଦେଇଥାଏ । ଅଧ କପ୍ ପାଣିକୁ ଭଲରେ ଫୁଟାଇ ସେଥିରେ ୨ ଛୋଟ ଚାମଚ କଫି ପାଉଡର ମିଶାନ୍ତୁ । ସେହି କଫି ପାଣି ଥଣ୍ଡା ହେବା ପରେ ସେଥିରେ ମେହେନ୍ଦୀ ଗୁଣ୍ଡ ମିଶାଇ କେଶରେ ଲଗାଇ ୨-୩ ଘଣ୍ଟା ପରେ ଧୋଇନେବେ ।

ଅଣ୍ଡା କେଶକୁ ଶକ୍ତି ଦେଇଥାଏ, ଏଣୁ ଏହାକୁ କେଶ ନିମନ୍ତେ ଏକ ଉତ୍ତମ ଖାଦ୍ୟ ବୋଲି କୁହାଯାଏ । ଅର୍ଣ୍ଡାରେ ଥିବା ପ୍ରୋଟିନ୍, ସିଲିକନ୍, ସଲଫର, ଭିଟାମିନ୍ ଡି ଓ ଇ, କେଶକୁ ପୋଷଣ ଦେବା ସହ ମୁଲାୟମ ରଖେ । ରୁକ୍ଷ କେଶ ନିମନ୍ତେ ଅର୍ଣ୍ଡାର ପ୍ରଭାବ ଭଲ ରହିଥାଏ । ଏଣୁ ମେହେନ୍ଦୀ ପ୍ୟାକରେ ଗୋଟିଏ ଅଣ୍ଡା ମଧ୍ୟ ମିଶାଇପାରିବେ ।

ଚା' ପତିରେ ଥିବା ଟାନିନ୍ ନାମକ ତତ୍ତ୍ୱ କେଶକୁ ମୁଲାୟମ୍ ରଖିବା ସହ ଘନତ୍ୱ ବଢ଼ାଏ । ଏଣୁ ମେହନ୍ଦୀ କରିବା ପୂର୍ବରୁ ଚା' ପତି ଫୁଟା ପାଣିରେ ମେହେନ୍ଦୀ ମିଶାଇ ରାତିରୁ ରଖନ୍ତୁ । ତହିଁ ଆରଦିନ କେଶରେ ଲଗାଇ ପରେ ଧୋଇବେ । ଚା' ପତି କେଶକୁ କୋମଳ ରଖେ, ଏହା ପ୍ରୟୋଗ ପରେ ଜାଣିପାରିବେ ।

ଲେମ୍ବୁ, ରସ କେଶମୂଳକୁ ରୁପିରୁ ରକ୍ଷା କରେ । ଏଣୁ କେଶମୂଳରୁ ବିଭିନ୍ନ ସଂକ୍ରମଣରୁ ରକ୍ଷା ନିମନ୍ତେ ମେହେନ୍ଦୀର ପ୍ରୟୋଗ ଖୁବ୍ ଲାଭକାରୀ ।



# ଖାଦ୍ୟର ସ୍ୱାଦ ବଢ଼ିବ

♦ ପ୍ରତ୍ୟେକ ମହିଳା ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଖାଦ୍ୟ ଖୁବ୍ ସ୍ୱାଦିଷ୍ଟ ହେଉ ବୋଲି ଇଚ୍ଛା କରିଥାନ୍ତି । ଯଦି ରୋଷେଇ କରିବା ସମୟରେ ଏମିତି କେତେକ ଛୋଟ ଛୋଟ କଥା ପ୍ରତି ଦୃଷ୍ଟି ଦେବେ, ଜିନିଷ ନଷ୍ଟ ହେବନି ଏବଂ ଖାଦ୍ୟର ସ୍ୱାଦ ନିଶ୍ଚୟ ବଢ଼ିବ । ଘରେ ପନିର ବା ଛେନା ପ୍ରସ୍ତୁତ କରୁଥିଲେ ଏହାର ବଳକା ପାଣିରେ ଅଟା ଚକଟି ଦିଅନ୍ତୁ । ଏଥିରେ ହେଉଥିବା ପରଟାର ସ୍ୱାଦ ନିଆରା ।

♦ ଦହିବରାକୁ ଅଧିକ ସ୍ୱାଦିଷ୍ଟ ଏବଂ ନରମ କରିବା ଲାଗି ବିରି ବଟାରେ କିଛି ଦହି ମିଶାଇ ଫେଣ୍ଟିଦିଅନ୍ତୁ ।

♦ ଗଜାଶସ୍ୟ ଅଧିକ ସମୟ ସତେଜ ରଖିବା ଲାଗି ସେଥିରେ ଲେମ୍ବୁରସ ମିଶାଇ ଫ୍ରିଜରେ ରଖିବେ ।

♦ କଚୁଡି ସ୍ୱାଦିଷ୍ଟେ କରିବା ପାଇଁ ମଇଦାରେ ଅଳ୍ପ ଦହି ମିଶାଇ ଚକଟି ପାରିବେ ।

♦ ଦହି ବସାଇବା ସମୟରେ କ୍ଷୀରରେ ଦୁଇ ବଟାରିଖଣ୍ଡ କଟାନଡ଼ିଆ ପକାଇଦେଲେ ଦହି ୨-୩ ଦିନ ସତେଜ ରହିପାରେ ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୧୨ ଜାନୁଆରୀ ୨୦୨୧ , ମଙ୍ଗଳବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସୁବିଧାବାଦୀ ଟ୍ରମ୍ପ...

ଯୁକ୍ତରାଷ୍ଟ୍ର ଆମେରିକାରେ ଗତ ପାଂଚ ଦିନ ତଳେ ଯେଉଁ ଅଘଟଣ ଘଟିଲା, ତାହା ସେ ଦେଶର ଇତିହାସରେ ଅଭୂତପୂର୍ବ। କ୍ୟାପିଟାଲ ହିଲରେ ବିକ୍ଷୋଭକାରୀଙ୍କ ପ୍ରବେଶ ଓ ଉନ୍ମତ୍ତକାଣ୍ଡ କେବଳ ସେ ଦେଶର ରାଜନୈତିକ ବ୍ୟବସ୍ଥା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିନାହିଁ, ଆମେରିକାର ସୁରକ୍ଷା ବ୍ୟବସ୍ଥା ପ୍ରତି ମଧ୍ୟ ଅଙ୍ଗୁଳି ନିର୍ଦ୍ଦେଶ କରିଛି। ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପଙ୍କ ଆହ୍ୱାନରେ ହେଉ ସୁଦ୍ଧା, ଏତେ ସଂଖ୍ୟକ ବିକ୍ଷୋଭକାରୀ ଅବା ଟ୍ରମ୍ପ ଓ ରିପବ୍ଲିକାନ ଦଳର ସମର୍ଥକ କ୍ୟାପିଟାଲ ହିସଲ୍ ସଂସଦ ଭବନରେ ପହଂଚିବା ଅସମ୍ଭବ ମନେ ହେଉଥିଲେ ସୁଦ୍ଧା ତାହା ହିଁ ବାସ୍ତବତା। କ୍ୟାପିଟଲ ହିଲ୍ ଚାରି ପର୍ଯ୍ୟାୟର ସୁରକ୍ଷା ବଳୟ ମଧ୍ୟରେ ସଦାସର୍ବଦା ରହିଥାଏ। ପୁନଶ୍ଚ ଯେତେବେଳେ ସେଠାରେ ନବନିର୍ବାଚିତ ରାଷ୍ଟ୍ରପତି ଜୋ ବାଇଡେନଙ୍କ ନିର୍ବାଚନକୁ ସ୍ୱୀକୃତି ପ୍ରଦାନ ନିମନ୍ତେ ସଂସଦର ବିଶେଷ ଅଧିବେଶନ ବସିଥିଲା। ସେତେବେଳେ ସେଠାରେ ବିକ୍ଷୋଭାକାରୀଙ୍କ ଉନ୍ମତ୍ତକାଣ୍ଡ ସୂଚିତ କରେ ଯେକୌଣସି ସ୍ଥାନରେ ଯେକୌଣସି ଘଟଣା ଘଟିପାରେ। ଯେମିତି ୯/୧୧ ଆତଙ୍କବାଦୀ ଆକ୍ରମଣ ବେଳେ ପେଣ୍ଟାଗନ ବିଲଡିଂ ଉପରେ ମଧ୍ୟ ବିମାନ ଆକ୍ରମଣ ଘଟିଥିଲା। କିନ୍ତୁ ପ୍ରଶ୍ନ ଉଠେ, ଯେତେବେଳେ ଏତେସଂଖ୍ୟକ ବିକ୍ଷୋଭକାରୀ ସେଠାରେ ଏକତ୍ରିତ ହେଲେ, ସେ ଦେଶଣ ସୁରକ୍ଷା ଓ ଗୁଇନ୍ଦା ବିଭାଗ କ'ଣ ହାତବାନ୍ଧି ବସିଥିଲା ନା ଶୀତନିଦ୍ରା ଯାଇଥିଲା? ଯଦି ବିକ୍ଷୋଭକାରୀମାନେ କିଛି ଅଘଟଣ ଘଟାଇଥାନ୍ତେ, ତେବେ କଣ ହୋଇଥାନ୍ତା? କିଛି ବିକ୍ଷୋଭକାରୀଙ୍କଠାରୁ ବିସ୍ଫୋରକ ଜବତ ହେବାପରେ ଏଭଳି ପ୍ରଶ୍ନ ମନରେ ଉଠିବା ସ୍ୱାଭାବିକ। ଆତଙ୍କବାଦୀ ଆକ୍ରମଣ ହେଉ ଅବା ବିକ୍ଷୋଭକାରୀଙ୍କ ଉନ୍ମତ୍ତକାଣ୍ଡ, ସୁରକ୍ଷା ବ୍ୟବସ୍ଥାରେ ଘଟିଥିବା ବ୍ୟତିକ୍ରମକୁ ଅଧିକ ସ୍ପଷ୍ଟ କରୁଛି। ୱାଶିଂଟନ ଡିସିରେ ଘଟିଥିବା ଏହି କାଣ୍ଡ ଆମେରିକାର ଗାରିମାକୁ କ୍ଷୁର୍ଣ୍ଣ କରିଛି। ଆଂଚ ଆଣିଛି ରାଜନୈତିକ ବ୍ୟବସ୍ଥାର ବାସ୍ତବ ଚିତ୍ରରେ। ଆଂଚ ଆଣିଛି ଜଣେ କ୍ଷମତାସୀନ ରାଷ୍ଟ୍ରପତିଙ୍କ ଆଚରଣରେ। ରାଷ୍ଟ୍ରପତି ଟ୍ରମ୍ପ ସତେ ଯେପରି ଏହି ଘଟଣା ପରେ ସମାଲୋଚନାର କେନ୍ଦ୍ରବିନ୍ଦୁ ପାଲଟି ଯାଇଛନ୍ତି। କେବଳ ରାଜନୈତିକ ସମୀକ୍ଷକ ନୁହଁନ୍ତି ଅବା ବିରୋଧୀ ଦଳ । ଏପରିକି ଖୋଦ୍ ରିପବ୍ଲିକାନ ଦଳର ସାଂସଦମାନେ ରାଷ୍ଟ୍ରପତିଙ୍କୁ ସମାଲୋଚନା କରିବା ଓ ଘଟଣାକୁ ନିନ୍ଦା କରିବାକୁ ପଛାଇ ନାହାଁନ୍ତି। ଉପରାଷ୍ଟ୍ରପତିଙ୍କ ସମେତ ସମସ୍ତ ପ୍ରମୁଖ ଅଧିକାରୀ ତୁଣ୍ଡ ଖୋଲି ଟ୍ରମ୍ପଙ୍କ ଆଚରଣକୁ ନାପସନ୍ଦ କରିଛନ୍ତି। ଏବେ ରାଷ୍ଟ୍ରପତିଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆଗତ ପାଇଁ ମତ ପ୍ରକାଶ ପାଇଛି। ଅବଶ୍ୟ ଏଭଳି ମତ ଏବେ ପ୍ରକାଶ ପାଉନାହିଁ। ଟ୍ରମ୍ପ ରାଷ୍ଟ୍ରପତି ଭାବେ ନିର୍ବାଚିତ ହେବା ଦିନଠାରୁ ସେହି ପ୍ରସ୍ତାବ ଏକାଧିକ ବାର ଆଲୋଚନା ପରିସରକୁ ଆସିଛି। ରାଷ୍ଟ୍ରପତି ଟ୍ରମ୍ପ ଏଥିରେ ବ୍ୟଥିତ, ଦୁଃଖିତ ଅବା ସଂକୁଚିତ ହେବାର କୌଣସି ନଜର ନାହିଁ। କ୍ଷମତା ମଣିଷକୁ ଅନ୍ଧ କରେ। ଏହାର ନଜିର ଇତିହାସରେ ବିରଳ ନୁହେଁ। କିନ୍ତୁ ତାହା ରାଷ୍ଟ୍ର ପାଇଁ ଏକ କଳଙ୍କର କାଳିମା ହିଁ ଅର୍ଜନ କରେ। ଆମେରିକାର ଭୂତପୂର୍ବ ରାଷ୍ଟ୍ରପତି ଜର୍ଜ ୱାଶିଂଟନ ହୁଅନ୍ତୁ ଅବା ଆବ୍ରାହନ ଲିଙ୍କନ, ରୁଜଭେଲ୍ଟ ହୁଅନ୍ତୁ ଅବା ବାରାକ ଓବାମା, ସେମାନେ ନିଜର ଚିନ୍ତା ଓ ଚେତନା, ଆଚରଣ ଓ ଉଚ୍ଚାରଣ ବଳରେ ଦେଶପାଇଁ ଅନନ୍ୟ ଉଦାହରଣ ସୃଷ୍ଟି କରାଯାଇଛନ୍ତି। କିନ୍ତୁ ଏବେ ଏହାର ଆଉ ଏକ ସ୍ୱରୂପ ଦେଖିବାକୁ ମିଳୁଛି ଭିନ୍ନ ଢ଼ଙ୍ଗରେ। ଟ୍ରମ୍ପଙ୍କୁ ମହାଭିଯୋଗର ସମ୍ମୁଖୀନ ହୋଇ କୁର୍ସି ଛାଡ଼ିବାକୁ ପଡୁ ଅବା ସେ ସ୍ୱାଭାବିକ ଭାବେ ରାଷ୍ଟ୍ରପତି ଆସନ ଛାଡ଼ନ୍ତୁ, ତାଙ୍କ ପଛରେ ଲାଗିଥିବା କଳଙ୍କକୁ ଧୋଇବା ଲାଗି ଢ଼େର ଦିନ ସମୟ ଲାଗିବ। ଆମେରିକା ବିଶ୍ୱର ଅନ୍ୟତମ ଚଳନ୍ତି ଗଣତନ୍ତ୍ର। ଆଇନ ଅପେକ୍ଷା ଏହାର ପାଳନ ଦ୍ୱାରା ହିଁ ଶାସକ ନାଗରିକ ଓ ରାଷ୍ଟ୍ରର ଗାରିମା ବୃଦ୍ଧି ପାଇଥାଏ। ରାଷ୍ଟ୍ରପତି ଟ୍ରମ୍ପ ଏଥିରୁ କେଉଁଟିକୁ ଆପଣାଇବେ ସେ ନିଷ୍ପତ୍ତି ତାଙ୍କର। ନିଜକୁ ନିଜେ କ୍ଷମା କରିଦେବାର ଯେଉଁ ପରମ୍ପରା ସେ ସୃଷ୍ଟି କରିବେ ବୋଲି ପ୍ରୟାସ କରୁଛନ୍ତି, ତାହା ତାଙ୍କ ଦୁର୍ବଳ ମାନସିକତାର ଆଉ ଏକ ସ୍ୱରୂପ ନୁହେଁ ତ? ଏବେ ସେ ଦେଶ ସଂସଦ'ଠାରେ ଏସବୁ ପ୍ରଶ୍ନର ଉତ୍ତର ନିହିତ।

## ଯୁବ ଦିବସର ତାତ୍ପର୍ଯ୍ୟ



ବିପିନ ବିହାରୀ ମହାନ୍ତି


ବିପିନ ବିହାରୀ
ପାଠାଗାର, ଜଟଣୀ
ଦୂରଭାଷ : ୯୯୩୮୩୪୪୧୩୮


**ବିବେକାନନ୍ଦ କେବଳ ଜଣେ ସନ୍ନ୍ୟାସୀ ନଥିଲେ, ସେ ଥିଲେ ଜଣେ ପ୍ରଚଣ୍ଡ ଦେଶ ପ୍ରେମୀ ଯିଏକି ଭାରତୀୟ ମାନଙ୍କ ହୃଦୟରେ ଦେଶ ପ୍ରେମର ବହ୍ନି ପ୍ରଜ୍ୱଳନ ପାଇଁ ତାଙ୍କ କାର୍ଯ୍ୟ ଧାରା, ଭାଷଣ ଓ ଲେଖା ମାଧ୍ୟମରେ ଇନ୍ଧନ ଯୋଗାଉଥିଲେ। ତାଙ୍କ ବିଶ୍ୱପ୍ରେମ ପାଇଁ ସେ ଚିରବନ୍ଦନୀୟ। ତାଙ୍କ ଭାଷାରେ ସବୁଜାତି, ସବୁଧର୍ମ ଓ ବର୍ଣ୍ଣର ଲୋକମାନେ ଭାଇ ଭାଇ; ସମସ୍ତେ ଗୋଟିଏ ଜାତି: ମଣିଷ ଜାତି। ସବୁଦେଶର ହତାଶ ମଣିଷ ପାଇଁ ସେ ଶୁଣାଉଥିଲେ ଅମିତ ଆଶାରବାଣୀ। ସେ ତାଙ୍କ କଥା ବା ବଚନରେ ପ୍ରଗଲ୍‌ଭ ନଥିଲେ, କର୍ମବୀର ଥିଲେ।**

ପ୍ରତିବର୍ଷ ଜାନୁୟାରୀ ୧୨ ତାରିଖକୁ ଯୁବ ଦିବସ ରୂପେ ପାଳନ କରାଯାଉଛି। ଏହି ଦିବସଟି ବାସ୍ତବରେ ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମ ଦିବସ । ସେ ୧୨ ଜାନୁୟାରୀ ୧୯୬୩ରେ ପଶ୍ଚିମବଂଗର ଶିମୁଳିଆ ନାମକ ଏକ ଗ୍ରାମରେ ଜନ୍ମ ନେଇଥିଲେ। ତାଙ୍କ ପିତାଙ୍କ ନାମ ବିଶ୍ୱନାଥ ଦତ୍ତ ଏବଂ ମାତାଙ୍କ ନାମ ଭୁବନେଶ୍ୱରୀ ଥିଲା। ଏମାନଙ୍କର ବୈବାହିକ ଜୀବନର ବହୁଦିନ ଯାଏଁ ସନ୍ତାନ ସନ୍ତତି ନହେବାରୁ, ସେମାନଙ୍କର ଆରାଧ୍ୟଦେବତା ବୀରେଶ୍ୱର ମହାଦେବଙ୍କ ଶରଣ ଗଲେ ଏବଂ ତାଙ୍କ କୃପାରୁ ବିବେକାନନ୍ଦଙ୍କୁ କୋଳରେ ପାଇଲେ। ସ୍ୱାମୀ ବିବେକାନନ୍ଦଙ୍କର ପିଲାଦିନର ନାମ ଥିଲା ନରେନ୍ଦ୍ର ନାଥ ଦତ୍ତ। ଛାତ୍ରାବସ୍ଥାରେ ସେ ବି ମେଧାବୀ ଥିଲେ। ନିଜର ପିତା-ମାତା ତଥା ଗୁରୁଜନମାନଙ୍କ ପ୍ରତି ତାଙ୍କର ଅନାବିଳ ଭକ୍ତି ଓ ସମ୍ମାନ ଥିଲା। ସେମିତି କନିଷ୍ଠ ମାନଙ୍କ ପ୍ରତି ଥିଲା ଶ୍ରଦ୍ଧା ଓ ସ୍ନେହ।

ଜନ୍ମବେଳେ ସେ ଅଭାବୀ ନଥିଲେ କାରଣ ତାଙ୍କ ପିତା କଲିକତା ଉଚ୍ଚନ୍ୟାୟାଳୟର ଥିଲେ ବରିଷ୍ଠ ଓକିଲ ଅଥଚ ପିତାଙ୍କର ଅକାଳ ବିୟୋଗ କାରଣରୁ ତାଙ୍କୁ ଦୟନୀୟ ଦାରିଦ୍ର୍ୟ ଦେଇ ଗତି କରିବାକୁ ହେଲା।

ଏକଦା ଦକ୍ଷିଣେଶ୍ୱର କାଳୀମନ୍ଦିରରେ ରାମକୃଷ୍ଣ ଦେବଙ୍କ ସହିତ ତାଙ୍କର ଦେଖା ହେଲା। ସେଇ ପ୍ରଥମ ଦେଖାରୁ ଉଭୟଙ୍କ ମଧ୍ୟରେ ଆତ୍ମୀୟତା ବଢ଼ିଗଲା ଏବଂ ସମୟକ୍ରମେ ସେ ରାମକୃଷ୍ଣଙ୍କର ପାଲଟିଗଲେ ପଟ୍ଟଶିଷ୍ୟ ଏବଂ କାଳୀ ଭକ୍ତ। ପରିବର୍ତ୍ତନ ହୋଇଗଲା ଜୀବନର ଦିଗ। ସେ ପାଲଟି ଗଲେ ବ୍ରହ୍ମଚାରୀ। ଆଧ୍ୟାତ୍ମିକ ଦିଗରେ ନିୟୋଜିତ ହେଲା ତାଙ୍କର ଦେହ ଆଉମନ। ଏକଦା ନରେନ୍ଦ୍ର ନାଥ ଦତ୍ତ; ଶ୍ରଦ୍ଧାନାମ 'ବେଲେ' ଥିବା ଶିଶୁଟି ପାଲଟି ଗଲା ସ୍ୱାମୀ ବିବେକାନନ୍ଦ।

ବିବେକାନନ୍ଦ କେବଳ ଜଣେ ସନ୍ନ୍ୟାସୀ ନଥିଲେ, ସେ ଥିଲେ ଜଣେ ପ୍ରଚଣ୍ଡ ଦେଶ ପ୍ରେମୀ ଯିଏକି ଭାରତୀୟ ମାନଙ୍କ ହୃଦୟରେ ଦେଶ ପ୍ରେମର ବହ୍ନି ପ୍ରଜ୍ୱଳନ ପାଇଁ ତାଙ୍କ କାର୍ଯ୍ୟ ଧାରା, ଭାଷଣ ଓ ଲେଖା ମାଧ୍ୟମରେ ଇନ୍ଧନ ଯୋଗାଉଥିଲେ। ତାଙ୍କ ବିଶ୍ୱପ୍ରେମ ପାଇଁ ସେ ଚିରବନ୍ଦନୀୟ। ତାଙ୍କ ଭାଷାରେ ସବୁଜାତି, ସବୁଧର୍ମ ଓ ବର୍ଣ୍ଣର ଲୋକମାନେ ଭାଇ ଭାଇ; ସମସ୍ତେ ଗୋଟିଏ ଜାତି: ମଣିଷ ଜାତି। ସବୁଦେଶର ହତାଶ ମଣିଷ ପାଇଁ ସେ ଶୁଣାଉଥିଲେ ଅମିତ ଆଶାରବାଣୀ। ସେ ତାଙ୍କ କଥା ବା ବଚନରେ ପ୍ରଗଲ୍‌ଭ ନଥିଲେ, କର୍ମବୀର ଥିଲେ।

ଦୁର୍ଗତ ମାନବ ଦୁଃଖରେ ତାଙ୍କ ହୃଦୟ ଓ ଆତ୍ମା ବିଗଳିତ ହୋଇ ଉଠିଛି। ସେ ସେମାନଙ୍କ ପାଇଁ କାନ୍ଦି ଉଠିଛନ୍ତି। ଯାହାର ପରିମାପ ସମ୍ଭବ ନୁହେଁ। ଭୀମ ଭୋଇଙ୍କ ପରି ଏହି ଦୁର୍ଗତ ମଣିଷ ଓ ଦେଶପାଇଁ ସେ ଏକଦା କହି ଉଠିଛନ୍ତି: ଦେଶର କଲ୍ୟାଣ ଲାଗି ଯଦି ନରକର ଯାତ୍ରୀ ହେବାକୁ ପଡେ ତାହାହିଁ ମୋ ପକ୍ଷରେ ଶ୍ରେୟ।

ତାଙ୍କର ଗୋଟିଏ କଥା ଉପରେ ସଦାବେଳେ ଗୁରୁତ୍ୱ ଥାଏ: ମଣିଷ ହୁଅ। ଗୋଟିଏ ମଣିଷ ଯଦି ତିଆରି ହୋଇପାରେ ସେଠି ଲକ୍ଷ ଭାଷଣର ଆବଶ୍ୟକତା ନାହିଁ। ଏଣୁ ମଣିଷର ଆବଶ୍ୟକତା ଅଛି। ଆଉ ସବୁ ଆପଣାଛାଏଁ ସମ୍ଭବ ହୋଇଯିବ।

ମଣିଷ ହେବା ପାଇଁ ପ୍ରଚୁର ଜ୍ଞାନର ଅଧିକାରୀ ହେବାକୁ ପଡ଼ିବ। ସେଥିପାଇଁ ସେ ଯୁବଗୋଷ୍ଠୀଙ୍କୁ ଆହ୍ୱାନ କରିଛନ୍ତି: ପଢ଼, ପ୍ରଚୁର ପଢ଼; ବେଦପଢ଼, ବେଦାନ୍ତ ପଢ଼. . . .ପଢ଼।

ଯୁବକମାନେ ଏ ଦେଶର ସଂରକ୍ଷକ, ନିର୍ମାତା ଏବଂ ଭାଗ୍ୟବିଧାତା। ତାଙ୍କ ଦ୍ୱାରା ସବୁ ସମ୍ଭବ। ସେଥିପାଇଁ ବୀର୍ଯ୍ୟବାନ, ସଂପୂର୍ଣ୍ଣ ଅକପଟ, ତେଜସ୍ୱୀ, ଏବଂ ବିଶ୍ୱାସୀ ଯୁବ ଗୋଷ୍ଠୀର ପ୍ରୟୋଜନ ଅଛି। ସତ କହିବାକୁ ଗଲେ ଶିଶୁ ମାନଙ୍କର ଦେଶ ସମ୍ଭାଳିବା ସମୟ ଆସିନଥାଏ। ଅନ୍ୟପକ୍ଷରେ ବୟସ୍କ ବା ବୃଦ୍ଧମାନେ ଏକ ନିଷ୍ପ୍ରଭ ଜ୍ୟୋତି ସଦୃଶ। କେବଳ ଯୁବଗୋଷ୍ଠୀ ହେଉଛନ୍ତି ଏକପାରିବା ଗୋଷ୍ଠୀ। ଯୌବନରେ ସେମାନଙ୍କର ସମସ୍ତ ଶକ୍ତି ସତେଜ ଥାଏ; ମନ ନମନୀୟ ଥାଏ। ଏହିମାନେ ଆନ୍ତରିକତା ସହ ଚେଷ୍ଟା କଲେ, ସମସ୍ତ ପୂର୍ବ ଗଠନ ଭାଂଗି, ମନକୁ ଯେମିତି ଖୁସି , ନୂତନ ଭାବକୁ ଗଢ଼ିତୋଳିବା ସହଜ ହୁଏ। କୌଣସି ଉଚ୍ଚଭାବ ଗ୍ରହଣ କରି ଜୀବନରେ ସ୍ଥାୟୀଭାବରେ ତାହାକୁ ଧରି ରଖିବାର ଏହାହିଁ ଉପଯୁକ୍ତ ସମୟ। ଯୁବକମାନଙ୍କ ଉପରେ ଗୁରୁତ୍ୱ ଦେଇ ଏକଦା ମାନ୍ଦ୍ରାଜରେ ଯୁବକମାନଙ୍କୁ କହିଥିଲେ: ମୁଁ ଚାହେଁ କେତେଜଣ ଯୁବକ । ବେଦ କହିଛି : ଆଶିଷ୍ଟ, ବଳିଷ୍ଠ ଦ୍ରଢ଼ିଷ୍ଠ ଏବଂ ମେଧାବୀ ଯୁବକ ଗଣ ଈଶ୍ୱରଙ୍କୁ ଲାଭକରିବେ। . . . .ଯେତେଦିନ ତୁମ୍ଭମାନଙ୍କ ଭିତରେ ନବୀନତା ଓ ସତେଜ ଭାବ ରହିଛି , କାର୍ଯ୍ୟରେ ଲାଗ, ଏହାହିଁ ସମୟ।

ସେବା ମନୋବୃତ୍ତିରେ ଯୁବକମାନଙ୍କୁ ନିୟୋଜନ ଉଦ୍ଦେଶ୍ୟ ନେଇ ସେ ସେମାନଙ୍କୁ କୁହନ୍ତି: ତୁମ୍ଭମାନଙ୍କର ଜାତିର କଲ୍ୟାଣ ପାଇଁ ; ସମଗ୍ର ମାନବ ଜାତିର କଲ୍ୟାଣ ପାଇଁ, ଆତ୍ମବଳି ହିଁ ଶ୍ରେଷ୍ଠ କର୍ମ। ଏକଥାକୁ ସ୍ମରଣ କରି କାମ କରିବା ଉଚିତ।

ଦେଶ ପ୍ରେମର ବହ୍ନିରେ ଜୀବନକୁ ଉତ୍ସର୍ଗ କରିବା ନିମନ୍ତେ ଆହ୍ୱାନ ଦେଇ ସେ ଏକଦା କଲିକତାର ଯୁବକ ମାନଙ୍କୁ ଉଦ୍ ବୋଧନ ଦେଇଛନ୍ତି: ଉଠ, ଜାଗ, ଶୁଭ ମୁହୂର୍ତ୍ତ ସମାଗତ . . .ସାହସ ଅବଲମ୍ବନ କର, ଭୟକରନାହିଁ; ନିର୍ଭୀକ ହେବାକୁ ହେବ, ତେବେ ଯାଇ ଆମେ କାର୍ଯ୍ୟରେ ସଫଳତା ଲାଭ କରିବୁ।. . .ଉଠ.ଜାଗ, କାରଣ ତୁମ୍ଭମାନଙ୍କ ମାତୃଭୂମି ଏହି ପରି ଆହ୍ୱାନ କରୁଛି। ଯୁବକମାନଙ୍କ ଦ୍ୱାରା ଏହି କାର୍ଯ୍ୟ ସାଧିତ ହେବ।. . . ହୃଦୟରେ ଉତ୍ସାଗ୍ନିଜାଳି ଜାଗ୍ରତ ହୁଅ।

ବିବେକାନନ୍ଦ ହିଁ ଏ ବିଶ୍ୱର ଆଧ୍ୟାତ୍ମିକ ଗୁରୁ। ଯେଉଁ ପାଶ୍ଚାତ୍ୟ ଦେଶ ତଥା ବିଦେଶୀମାନେ ଭାରତୀୟ ସଂସ୍କୃତି, ଧର୍ମ ଓ ପରମ୍ପରାକୁ କୁସଂସ୍କାର ବୋଲି କହୁଥିଲେ ଏବଂ ଭାରତକୁ ହୀନ ଚକ୍ଷୁରେ ଦେଖୁଥିଲେ, ସେ ସେମାନଙ୍କର ଅନ୍ଧ ପୁଟୁଳି ଖୋଲି ଦେଲେ । ୧୮୯୩ ଖ୍ରୀଷ୍ଟାବ୍ଦ ୧୧ ସେପ୍ଟେମ୍ବରରେ ଚିକାଗୋର କଲମ୍ବସହରର ଧର୍ମ ମହାସଭାରେ ସମଗ୍ର ବିଶ୍ୱର ସମସ୍ତ ଧର୍ମାବଲମ୍ବୀ ତଥା ବିଶ୍ୱ ଜନତାକୁ ଭାରତୀୟ ଧର୍ମ ଧାରା ଓ ଦର୍ଶନ ଉପରେ ଆଲୋକପାତ କରାଇ ହତଚକିତ କରିଦେଲେ। ସମଗ୍ର ବିଶ୍ୱର ଦୃଷ୍ଟିକୁ ନିବଦ୍ଧ କରାଇ ଦେଲେ ଭାରତ ଆଡ଼କୁ। ସେତେବେଳେ ସ୍ୱାମୀଜୀ ଥିଲେ ମାତ୍ର ୩୦ବର୍ଷର ଯୁବକ।

ଧର୍ମ ବା କର୍ମ ବାର୍ଦ୍ଧକ୍ୟର ସ୍ଥାଣୁତ୍ୱର ଫଳ ନୁହେଁ। ଏହା ଯୌବନର ରସାଳଫଳ। ଯୌବନର ଅଧ୍ୟବସାୟ ହିଁ ଗଡ଼ ଜିତିବାର କାରଣ ସ୍ୱରୂପ। ଏକଦା ବଂଗଳାର ଯୁବକମାନଙ୍କୁ ତାଙ୍କ ଭାଷଣରେ କହିଥିଲେ: ମୋର ଦୃଢ଼ ବିଶ୍ୱାସ ଯେ ଯୁବକମାନଙ୍କ ହୃଦୟରେ ଶକ୍ତି ପ୍ରକାଶ ପାଇବ ଯାହା ଭାରତକୁ ତାହାର ଉପଯୁକ୍ତ ଆଧ୍ୟାତ୍ମିକ ଅଧିକାରରେ ପୁନଃ ପ୍ରତିଷ୍ଠା କରିବ। . . .ଆଦୌ ଭୟ କରନାହିଁ। ଯେଉଁ ମୁହୂର୍ତ୍ତରେ ତୁମ ମଧ୍ୟରେ ଭୟ ସଂଚାର ହେବ, ସେହି ମୁହୂର୍ତ୍ତରେ ତୁମେ ଶକ୍ତିହୀନ । ଭୟ ହିଁ ଜଗତର ସମୁଦାୟ ଦୁଃଖର ମୂଳକାରଣ । ଭୟହିଁ ସବୁଠାରୁ ବଡ଼ କୁସଂସ୍କାର।

ଦେଶ ନିର୍ମାଣ, ଧର୍ମ , ପରଂପରା ଓ ଐତିହ୍ୟର ସଂରକ୍ଷଣ ଓ ପରବର୍ତ୍ତୀ ବଂଶଧରମାନଙ୍କୁ ହସ୍ତାନ୍ତୀକରଣ ତଥା ନୂତନ ଯୁଗର ସ୍ରଷ୍ଟା ହିସାବରେ ଯୁବକମାନଙ୍କର ଭୂମିକା ହିଁ ସ୍ୱୀକାର୍ଯ୍ୟ। ଏଥିପାଇଁ ସ୍ୱାମୀଜୀ ସବୁରି ଉର୍ଦ୍ଧ୍ୱରେ ଯୁବ ଗୋଷ୍ଠୀଙ୍କ ଉପରେ ବିଶେଷ ଗୁରୁତ୍ୱ ଦେଉଥିଲେ।

ସ୍ୱାମୀଜୀ ୪ ଜୁଲାଇ ୧୯୦୨ ମସିହାରେ ମହାପ୍ରୟାଣ ଲାଭକଲେ। ସେତେବେଳେ ତାଙ୍କୁ ଚାଳିଶବର୍ଷ ଛୁଇଁ ନଥିଲା। ଅର୍ଥାତ୍ ସେ ଯୁବକ ଥିଲେ। ଏତେ କମ୍ ବୟସରେ ଜୀବନ କ'ଣ ଜୀବନ? ତଥାପି ତାଙ୍କ କେଇବର୍ଷର ଝଲକ ତାଙ୍କୁ ଅମର କରି ରଖିଥିଲା ଯୁଗଯୁଗ।

ଏହି ସବୁକାରଣରୁ ତାଙ୍କ ଜନ୍ମତିଥି ଜାନୁୟାରୀ ୧୨କୁ ଆମେପାଳନ କରୁଛୁ ଯୁବ ଦିବସ ହିସାବରେ, ତାଙ୍କ ସ୍ମୃତିରେ ଏବଂ ସ୍ମରଣରେ । ଅନ୍ୟପକ୍ଷରେ ଏ ଯୁବ ଗୋଷ୍ଠୀଙ୍କ ମଧ୍ୟରେ ସଚେତନା ସୃଷ୍ଟି କରି ପ୍ରେରଣା ଯୋଗାଇବାରେ ନିହିତ ଅଛି ଏହାର ତାତ୍ପର୍ଯ୍ୟ।

## ଭାରତର ପୁନର୍ଜାଗରଣର ଅଗ୍ରଦୂତ: ସ୍ୱାମୀ ବିବେକାନନ୍ଦ





ଡ. ସମନ୍ୱୟ ନନ୍ଦ

**ସ୍ୱାମୀ ବିବେକାନନ୍ଦ ନାସ୍ତିକତାର ସଂଜ୍ଞା ବଦଳାଇ ଦେଇଥିଲେ । ସେ କହୁଥିଲେ ଯେ ପୂର୍ବରୁ ନାସ୍ତିକ ତାକୁ କୁହା ଯାଉଥିଲା ଯାହାର ଈଶ୍ୱରଙ୍କ ଉପରେ ବିଶ୍ୱାସ ନାହିଁ । ମୁଁ କହୁଛି ସେ ହେଉଛି ନାସ୍ତିକ ଯାହାର ନିଜ ଉପରେ ବିଶ୍ୱାସ ନାହିଁ । ତାଙ୍କ ବାଣୀ ଓ ଲେଖନୀ ସବୁବେଳେ ମନୁଷତ୍ୱକୁ ଶକ୍ତି ପ୍ରଦାନ କରି ଆସିଛି । ସେ ଦୁର୍ବଳତାର ସବୁବେଳେ ବିରୋଧୀ ଥିଲେ । ସେ ଭାରତକୁ ଖୁବ ଭଲ ପାଉଥିଲେ । ଭାରତର ଲୋକଙ୍କୁ ଖୁବ ଭଲ ପାଉଥିଲେ । ଭାରତମାତାଙ୍କୁ ସେ ପରମ ବୈଭବରେ ପହଂଚାଇବା ପାଇଁ ସତତ ଚେଷ୍ଟିତ ଥିଲେ ।**

ଗୁରୁଦେବ ରବୀନ୍ଦ୍ର ନାଥ ଠାକୁର ଯେତେବେଳେ ଫ୍ରାନ୍ସ ଯାଇଥିଲେ ସେତେବେଳେ ତାଙ୍କର ସେଠାରେ ରହଣି କାଳରେ ଫ୍ରାନ୍ସର ଜଣେ ବିଦ୍ୱାନ ଓ ଐତିହାସିକ ରୋମା ରୋଲାଁଙ୍କ ସହ ତାଙ୍କର ସାକ୍ଷାତ ଓ କଥାବାର୍ତ୍ତା ହେଲା। ରୋମା ରୋଲାଁ କେବେ ହେଲେ ଭାରତ ଆସି ନ ଥିଲେ । ଏହି କଥାବାର୍ତ୍ତା ସମୟରେ ରୋମା ରୋଲାଁ ଗୁରୁଦେବ ରବୀନ୍ଦ୍ର ନାଥ ଠାକୁରଙ୍କୁ ପଚାରିଲେ 'ମୁଁ ଭାରତକୁ ଜାଣିବାକୁ ଚାହୁଁଛି, ମୁଁ କିପରି ଜାଣି ପାରିବି? ' ଏହାର ଉତରରେ ରବୀନ୍ଦ୍ର ନାଥ ଠାକୁର ତାଙ୍କୁ କହିଥିଲେ ଯେ ଯଦି ଆପଣ ଭାରତକୁ ଜାଣିବାକୁ ଚାହୁଁଛନ୍ତି ତେବେ ଆପଣ ରାମକୃଷ୍ଣ ପରମହଂସଙ୍କ ଜୀବନକୁ ବୁଝିବାକୁ ଚେଷ୍ଟା କରନ୍ତୁ । ଏହା ପରେ ରବୀନ୍ଦ୍ର ନାଥ ଠାକୁର ତାଙ୍କୁ ରାମକୃଷ୍ଣ ପରମହଂସଙ୍କ ସମ୍ପର୍କରେ କିଛି ଜଣାଇଲେ । ତେବେ ଯେପରିକି ପୂର୍ବରୁ ଉଲ୍ଲେଖ କରା ଯାଇଛି ରୋମା ରୋଲାଁ କେବେ ହେଲେ ଭାରତ ଆସି ନ ଥିଲେ ତେଣୁ ସେ ରବୀନ୍ଦ୍ର ନାଥ ଠାକୁର ଯାହା ରାମକୃଷ୍ଣଙ୍କ ବିଷୟରେ କହିଲେ ତାହା ସେ ବୁଝି ପାରି ନ ଥିଲେ ।

ରୋମା ରୋଲାଁ ଭାରତ ବିଷୟରେ କିଛି ବିଶେଷ ଜାଣି ନ ଥିବାରୁ ରାମକୃଷ୍ଣଙ୍କ ସମ୍ପର୍କରେ କିଛି ବୁଝି ପାରି ନ ଥିଲେ । ହେଲେ ପରବର୍ତ୍ତୀ ସମୟରେ ସେ ରାମକୃଷ୍ଣଙ୍କ ବିଷୟରେ ରିସର୍ଚ୍ଚ କରି ରାମକୃଷ୍ଣଙ୍କ ଏକ ଅତ୍ୟନ୍ତ ଉତ୍କୃଷ୍ଟ ଜୀବନୀ ଲେଖିଥିଲେ । ସେ ଏଥିରେ ଲେଖିଲେ ଯେ - "ଭାରତର, ଭାରତର ସନାତନ ଧର୍ମର ଦଶ ହଜାର ବର୍ଷର ସାଧନା ଘନୀଭୂତ ହୋଇ ରାମକୃଷ୍ଣ ପରମହଂସଙ୍କ ରୂପରେ ଅବତରିତ ହୋଇଛି । "

ଏହା ପୂର୍ବରୁ ରୋମା ରୋଲାଁଙ୍କୁ ସେହି ସାକ୍ଷାତକାର ସମୟରେ ଗୁରୁଦେବ ରବୀନ୍ଦ୍ର ନାଥ ଠାକୁର କହିଥିଲେ ଯେ ରାମକୃଷ୍ଣଙ୍କୁ ଜାଣିବା ପାଇଁ ହେଲେ ସ୍ୱାମୀ ବିବେକାନନ୍ଦଙ୍କୁ ପଢନ୍ତୁ । ସ୍ୱାମୀ ବିବେକାନନ୍ଦଙ୍କ ନିକଟରେ ସବୁ କିଛି ସକାରାତ୍ମକ ରହିଛି ହେଲେ କୌଣସି ପ୍ରକାର ନକାରାତ୍ମକ ନାହିଁ ।

ସ୍ୱାମୀ ବିବେକାନନ୍ଦଙ୍କ ସମ୍ପର୍କରେ ଏହି କଥନ ଅକ୍ଷରେ ଅକ୍ଷରେ ସତ୍ୟ । ସ୍ୱାମୀ ବିବେକାନନ୍ଦଙ୍କୁ ଅଧ୍ୟୟନ କଲେ ସବୁବେଳେ ସର୍ବତ୍ର ସକାରାତ୍ମକତା ଦେଖିବାକୁ ମିଳେ । ତାଙ୍କର ବ୍ୟାଖ୍ୟାନ, କଥନ ଓ ଲେଖନୀରେ ସବୁବେଳେ ସକାରାତ୍ମତା ହିଁ ଝଲକ ଦେଖିବାକୁ ମିଳିଥାଏ ।

ନେତାଜୀ ସୁଭାଷ ଚନ୍ଦ୍ର ବୋଷ ସ୍ୱାମୀ ବିବେକାନନ୍ଦଙ୍କ ଏହି ସକାରାତ୍ମକତା ଅର୍ଥାତ ପଜିଟିଭିଟି ସମ୍ପର୍କରେ କହିଛନ୍ତି । ନେତାଜୀ ସୁଭାଷ ଚନ୍ଦ୍ର ବୋଷ କହନ୍ତି ଯେ "ଯଦି ଆପଣ ସ୍ୱାମୀ ବିବେକାନନ୍ଦଙ୍କୁ ଆପଣ ଶୋଇ ଶୋଇ ପଢିବେ ତେବେ ଆପଣ ଉଠି ଯିବେ, ଆପଣ ନିଜେ ଜାଣି ପାରିବେ ନାହିଁ। ସେହିପରି ଯଦି ଆପଣ ସ୍ୱାମୀ ବିବେକାନନ୍ଦଙ୍କୁ ବସି ପଢୁଛନ୍ତି ଆପଣଙ୍କୁ ଜଣା ପଡିବ ନାହିଁ ଯେ ଆପଣ କେତେବେଳେ ଠିଆ ହୋଇ ଯାଇଛନ୍ତି । ଯଦି ଆପଣ ସ୍ୱାମୀ ବିବେକାନନ୍ଦଙ୍କୁ ଠିଆ ହୋଇ ପଢୁଛନ୍ତି ତେବେ ଆପଣ ଜାଣି ପାରିବେ ନାହିଁ ଓ କର୍ମରେ ରତ ହୋଇ ଯିବେ ଓ ଚାଲିବା ଆରମ୍ଭ କରି ଦେବେ । ଏହା ସ୍ୱାମୀ ବିବେକାନନ୍ଦଙ୍କ ଅଗ୍ନିବାଣ ଭଳି ଶବ୍ଦର ଶକ୍ତି ଅଟେ । "

ତେଣୁ ସ୍ୱାମୀ ବିବେକାନନ୍ଦଙ୍କ ବାଣୀରେ କେତେ ଓଜସ୍ୱୀତା ଓ ସକାରାତ୍ମକତା ଭରି ହୋଇ ରହିଥିଲା ତାହା ଗୁରୁଦେବ ରବୀନ୍ଦ୍ର ନାଥ ଠାକୁରଙ୍କ ଠାରୁ ଆରମ୍ଭ କରି ନେତାଜୀ ସୁଭାଷ ବୋଷଙ୍କ ବକ୍ତବ୍ୟରୁ ସୁସ୍ପଷ୍ଟ ।

ତାଙ୍କର ବିଚାର ଓ ବାଣୀରେ ସ୍ୱାମୀ ବିବେକାନନ୍ଦ ସବୁବେଳେ ସକାରାତ୍ମକତାର ଆଉ ଏକ ଉଦାହରଣ ଉପରେ ଦୃଷ୍ଟି ପକାଇବା । ସ୍ୱାମୀ ବିବେକାନନ୍ଦ ଥରେ ଲଣ୍ଡନରେ 'ଲାଇଫ ଆଫ୍‌ଟର ଡେଥ' ଅର୍ଥାତ ମରୋଣପରାନ୍ତ ଜୀବନ ସମ୍ପର୍କରେ ବ୍ୟଖ୍ୟାନରେ ଉଦବୋଧନ ଦେଉଥିଲେ । ଏହି ବ୍ୟଖ୍ୟାନରେ ସ୍ୱାମୀ ବିବେକାନନ୍ଦ ମହାଭାରତରେ ବର୍ଣ୍ଣିତ ଯକ୍ଷ ପ୍ରଶ୍ନରୁ ତାଙ୍କର ଉଦବୋଧନ ପ୍ରାରମ୍ଭ କରିଥିଲେ । ଏହି ପ୍ରଶ୍ନ ମଧ୍ୟରେ ଏକ ଖୁବ ଚର୍ଚ୍ଚିତ ପ୍ରଶ୍ନ ରହିଥିଲା । ସେ ଧର୍ମରାଜ ଯୁଧିଷ୍ଠୀରଙ୍କୁ ପ୍ରଶ୍ନ କରିଥିଲେ ଯେ ବିଶ୍ୱରେ ସବୁଠାରୁ ବଡ ଆଶ୍ଚର୍ଯ୍ୟ କଣ । ଏହାର ଉତରରେ କହିଥିଲେ ଯେ ପ୍ରତିଦିନ ଲକ୍ଷ ଲକ୍ଷ ଲୋକ ମୃତ୍ୟବରଣ କରୁଛନ୍ତି ଓ ଯମ ଲୋକଙ୍କୁ ପ୍ରସ୍ଥାନ କରୁଛନ୍ତି । ଏହା ସତ୍ତ୍ୱେ ବି ଲୋକ ମାନେ ନିଜର ଜୀବନକୁ ଅମର ବୋଲି ଭାବି ଜୀବନ ଜୀଇଁ ଥାନ୍ତି, ଏହା ହିଁ ସବୁଠାରୁ ବଡ ଆଶ୍ଚର୍ଯ୍ୟ । ଯକ୍ଷ ଧର୍ମରାଜ ଯୁଧୀଷ୍ଠିରଙ୍କ ପ୍ରଶ୍ନର ଉତରରେ ଖୁସି ହୋଇ ତାଙ୍କର ସମସ୍ତ ଭାଇ ମାନଙ୍କୁ ଜୀବିତ କରି ଦେଇଥିଲା । ସେ ଯୁଧୀଷ୍ଠିରଙ୍କ ଉତରରେ ସନ୍ତୁଷ୍ଟ ହୋଇ ଯାଇଥିଲା । ହେଲେ ସ୍ୱାମୀ ବିବେକାନନ୍ଦ ତାଙ୍କ ବ୍ୟାଖ୍ୟାନରେ ଯୁଧିଷ୍ଠୀରଙ୍କ ଉତରରେ ସନ୍ତୁଷ୍ଟ ହୋଇ ନ ଥିଲେ । ସେ ତାଙ୍କ ଉଦବୋଧନରେ କହିଥିଲେ ଯେ "ମୁଁ ବୁଝି ପାରୁ ନାହିଁ ଏଥିରେ କଣ ଆଶ୍ଚର୍ଯ୍ୟ ରହିଛି ।ଭାରତର ପୁନର୍ଜାଗରଣର କାରଣ ବାସ୍ତବରେ ମନୁଷ୍ୟର ସ୍ୱରୂପ ତ ସଚ୍ଚିଦାନନ୍ଦ ସ୍ୱରୂପ ଅଟେ । ସେ ନିଜେ ସେହି ବ୍ରହ୍ମର ଅଂଶବିଶେଷ ।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)

## କବିତା କୋଣାର୍କ

### ବିଶ୍ୱ ବିଜୟୀ ସ୍ୱାମୀ ବିବେକାନନ୍ଦ ...



ଅଧ୍ୟାପକ ଶରତ କୁମାର ଦାସ

ଧରାରେ ସୁଖ୍ୟାତି ଅରଜିଲ କେତେ
ଭ୍ରମିଲ ଦେଶକୁ ଦେଶ,
ଭାରତ ମାଟିର ଯଶ ଗଉରବ
ଛୁଇଁଲା ଦଶ ଓ ଦିଶ
ନରେନ୍ଦ୍ର ନାମେ ବିଦିତ,
ବିଶ୍ୱ ଦରବାରେ ରଖିଗଲ ଟେକ
ଗାଇଲ ପୀରତି ଗୀତ ।

ଅଠରଶହ ତେଷଠି ଜାନୁଆରୀ
ବାର ତାରିଖଟି ଜାଣ,
କଲିକତା ଠାରେ ଜନମ ହୋଇଲ
ହସିଉଠିଲା ତ ଦିନ
କଲ କେତେ ନିବେଦନ,
ସେନହ ମମତା ଡୋରରେ ବାନ୍ଧିଲ
କୋଟି ଜନତାଙ୍କ ମନ ।

ଯୁବକଙ୍କ ମନେ ଶକତି ଭରିଲ
ଦେଶ ଗଠନର ପାଇଁ ,
କାନେ କାନେ ତମେ କହିଲ ବୁଝାଇ
ନିଦ ଭାଙ୍ଗି ଉଠ ଚେଇଁ
ଭୁଲିବାକୁ ହିଂସା ରାଗ,
ସଭିଙ୍କ କାନରେ ବାରତା ଦେଲ ଯେ
ମାଆ ମାଟି ଆମ ସ୍ୱର୍ଗ ।

ପହଂଚିଲ ଯାଇ ଚିକାଗୋ ସହର
ଦେଶ ଆମେରିକା ପୁଣ,
ଭାଇଚାର ଭାବ ବଢାଇଲ ଯେତେ
ଗାଇ ଏ ଜାତିର ଗୁଣ
ହେ ବିଶ୍ୱ ବିଜୟୀ ଘେନ,
ଆମେ ଟିକି କଢି ଅଜାଡି ଦେଉଛୁ
କୋଟି କୋଟି ସନମାନ ।


+ବଡବିଲ ମହାବିଦ୍ୟାଳୟ, ବଡବିଲ
ଜି-କେନ୍ଦୁଝର
ମୋ-୮୨୪୯୧୩୭୦୯୧


## କବିତା କୋଣାର୍କ

### ପେଟ

ଅରୂପ କୁମାର ବିଶ୍ୱାଳ

ପେଟ ଚାଖଣ୍ଡକ ଜ୍ୱାଳା ଯେ ଅନେକ
ପେଟ ପାଇଁ ସବୁ ନାଟ,
ଦୁନିଆ ଚାଲୁଛି ପେଟ ଇସାରାରେ
ପଢାଏ ସେ କେତେ ପାଠ।

ପେଟରେ ଯେବେ କା'ର ମୂଷା ଦୌଡନ୍ତି
ଆଖିକୁ ଅନ୍ଧାର ଦିଶେ,
ଅଖାଦ୍ୟ ବି ଦିଶେ ଖାଦ୍ୟର ଭଳିଆ
ମରିଚିକା ଯେହ୍ନେ ଶୋଷେ।

ପେଟ ଭରିବାକୁ ସ୍ରଷ୍ଟା ଦେଇଛନ୍ତି
ହାତ ଗୋଡ ଆଉ ମୁଣ୍ଡ,
ଏମାନେ ଯଦିବା କାମ ନକରିବେ
ସମସ୍ତ ଉଦ୍ୟମ ପଣ୍ଡ।

ସ୍ୱାଦିଷ୍ଟ ଖାଦ୍ୟରେ କାହା ପେଟ ପୁରେ
କାହାକୁ ମିଳେନା ଦାନା,
କିଏ ଖିରି ପୁରି ନଖାଇ ଫୋପାଡେ
ଦୁନିଆ କୁ ଟିକେ ଅନା।

ଖାଇ ଖାଇ କା'ର ଅନ୍ତଲ ପେଟ ଯେ
ପେଟ ତାଆ ଲାଗି ବୋଝ,
ପେଟ ନୁହେଁ ତାହା ରୋଗର ଅମାର
ଭଲ କରି ଟିକେ ବୁଝ।

ମାଆ ପେଟ ଅଟେ ସୃଷ୍ଟିର ରହସ୍ୟ
ଶିଶୁ ସେଠି ଗଢା ହୁଏ,
ଶିଶୁ ପାଇଁ ଏକ ନିରାପଦ ଥାନ
ସବୁ କଷ୍ଟ ସହି ଯାଏ।

ପେଟ ଚିନ୍ତା ଏବେ ମାମୁଁଙ୍କୁ ଘାରିଛି
ବିନା ମେଘେ ବଜ୍ରପାତ,
କେତେ ଇଲିସୀ ଯେ ପଶିଛି ସେଥିରେ
କମିବ କେମିତି ସେତ!


+ସହକାରୀ ଶିକ୍ଷକ
ଏନ୍.ଏ.ସି.ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ପାରାଦୀପ,
ଜଗତସିଂହପୁର


### ମୃତ୍ୟୁର ପାଲିଙ୍କି..

ପୁସ୍ତମ୍ ଯୁଆଡି

ସକାଳ ଟେ ଆସିଛି
ଖୁବ ଦିନପରେ ଅଗଣାକୁ
ନିଃଶବ୍ଦ ଭାବେ
ପାଲିଙ୍କି ଧରି ।

ଗୋଟେ ମୁହୂର୍ତ୍ତର ଅଭାବବୋଧ
ଯାହା ପାଇଁ ଅସହ୍ୟ
ସେ ପଠେଇନି ତ
ଏ ପାଲିଙ୍କି ! !


ଯିଏ ଧାରେ ସମୟ ମାଗି
ଯାଇଛି ଶାଶୁଘର
କାହା ସଂସାର ସଜାଡି
ସିଏ ପଠେଇନି ତ
ଏ ଅବିଶ୍ୱାସର ପାଲିଙ୍କି !!

ନା,ଯାହା ବି ହେଉ
ଯିବାକୁ ହେବ
ସ୍ମୃତି ସବୁକୁ ଦଉଡିରେ ବାନ୍ଧି
ସ୍ୱପ୍ନ ସବୁକୁ ଗଣ୍ଠିଲି କରି
ଜୀବନ ମାନଙ୍କୁ ଗହନା ପକେଇ
ଆଶା ଓ ବିଶ୍ୱାସକୁ ଛୁରୀ ମାରି
ତା କତିକୁ ।

ମୁକୁଳେଇବାକୁ ହେବ
ନିଶ୍ୱାସ ପ୍ରଶ୍ୱାସକୁ ତାର
ଏଇ ତ ସମୟର ଭିନ୍ନ ମୋଡ଼
ଯିବାକୁ ହେବ ଆରପାରିକୁ
ନିଜ ସହ ନିଜେ ଲଢ଼ି
ହାରିବାକୁ ହେବ
ଆଉ ଗୋଟେ ଜୀବନ ଯୁଦ୍ଧ ।


ଆଶା ଓ ବିଶ୍ୱାସକୁ ମାରିବା ପରେ
ଅବିଶ୍ୱାସ ବୋଲି କିଛି ଥାଏ କି ?
ଉଛୁର କିଆଁ
କାଳେ ସିଏ ପଠେଇ ଥାଇପାରେ
ମୃତ୍ୟୁର ପାଲିଙ୍କି,
ହସି ହସି ବସିବାକୁ ହେବ ।


+ଭୁଟିବାହାଲ, ଗାଇସିଲାଟ,
ବରଗଡ଼
ମୋ-୬୩୭୧୪୧୯୩୪

# ବିଶ୍ୱ ବିଜୟୀ ସ୍ୱାମୀ ବିବେକାନନ୍ଦ

**ବିଶ୍ୱବିଜୟୀ ଦାଶ**
ଗମ୍ଭାରିମୁଣ୍ଡା,ବାଣପୁର,ଖୋର୍ଦ୍ଧା
ପିନ୍- ୭୫୨୦୩୫
ମୋବାଇଲ ନଂ- ୬୩୭୦୨୦୮୪୨୮



ଜଣେ ବିଶ୍ୱବନ୍ଦିତ ସନ୍ୟାସୀ ତଥା ଯୁବ ସମାଜର ସର୍ବକାଳୀନ ଆଦର୍ଶ ସ୍ୱାମୀ ବିବେକାନନ୍ଦ ଉନ୍ନବିଂଶ ଶତାବ୍ଦୀ ରେ ଭାରତବର୍ଷର ନବଜାଗରଣର ଅନ୍ୟତମ ପ୍ରାଣପୁରୁଷ।ଯେତେବେଳେ ଭାରତୀୟ ଜନଜୀବନ ପରାଧିନତା ସାଙ୍ଗକୁ ନାନା ଅନ୍ଧବିଶ୍ୱାସ ଓ କୁସଂସ୍କାର ମଧ୍ୟଦେଇ ଗତି କରୁଥିଲା,ସେହି ସମୟରେ ସ୍ୱାମୀ ବିବେକାନନ୍ଦଙ୍କ ଆଧ୍ୟାତ୍ମିକ ମାର୍ଗଦର୍ଶନ ଦ୍ୱାରା ସମଗ୍ର ବିଶ୍ୱ ହିନ୍ଦୁ ଧର୍ମ ତଥା ଭାରତବର୍ଷ ର ମହାନତା ସମ୍ପର୍କରେ ଅବଗତ ହୋଇଥିଲା।ଆନ୍ତର୍ଜାତିକ ଖ୍ୟାତି ଓ ସ୍ୱୀକୃତି ଦୃଷ୍ଟିରୁ ସ୍ୱାମୀ ବିବେକାନନ୍ଦଙ୍କ ଜୀବନର ଏକ ମାଇଲ ଖୁଣ୍ଟ ଥିଲା ୧୮୯୩ ମସିହା ସେପ୍ଟମ୍ବର ୧୧ ତାରିଖ। ସେହିଦିନ ଯୁକ୍ତରାଷ୍ଟ୍ର ଆମେରିକାର ଚିକାଗୋ ସହରରେ ଅନୁଷ୍ଠିତ ହୋଇଥିବା ଧର୍ମ ସମ୍ମିଳନୀରେ ସ୍ୱାମୀ ବିବେକାନନ୍ଦ ଯେଉଁ ମର୍ମସ୍ପର୍ଶୀ ଓ ହୃଦୟ ସ୍ପର୍ଶୀ ଉଦବୋଧନ ଦେଇଥିଲେ,ସେଥିରେ ଭରି ରହିଥିଲା ଆଧ୍ୟାତ୍ମିକତାର ତରଙ୍ଗ ଯାହାର କମ୍ପନ ପ୍ରତିଟି ଚେତନ ଯୁକ୍ତ ମନୁଷ୍ୟକୁ ଆଜି ପର୍ଯ୍ୟନ୍ତ ପ୍ରତିଟି କ୍ଷେତ୍ରରେ ପ୍ରେରଣା ପ୍ରଦାନ କରୁଛି। ସେହି ମହାମାନବ ୧୮୬୩ ମସିହା ଜାନୁୟାରୀ ୧୨ ତାରିଖରେ କଲିକତା ର ସିମିଳାପଲ୍ଲୀ ରେ ଜନ୍ମଗ୍ରହଣ କରିଥିଲେ,ତାଙ୍କ ପିତାଙ୍କ ନାମ ବିଶ୍ୱନାଥ ଦତ୍ତ ଓ ମାତାଙ୍କ ନାମ ଭୂବନେଶ୍ୱରୀ ଦେବୀ। ତାଙ୍କ ପିତା ଜଣେ ବିଶିଷ୍ଟ ଓକିଲ ହୋଇଥିବା ସ୍ଥଳେ ମାତା ଧର୍ମପ୍ରାଣା ମହିଳା ଥିଲେ।ତାଙ୍କ ପିଲା ବେଳ ର ନାମ ଥିଲା ନରେନ୍ଦ୍ର ନାଥ ଦତ୍ତ,ଯିଏ ପରବର୍ତ୍ତୀ କାଳରେ ବିଶ୍ୱ ବରେଣ୍ୟ ଯୁଗାଚାର୍ଯ୍ୟ ସ୍ୱାମୀ ବିବେକାନନ୍ଦ ହୋଇଥିଲେ।

କାଶୀର ବୀରେଶ୍ୱର ଶିବଙ୍କର ପ୍ରସନ୍ନତାରୁ ଏହି ପୁତ୍ର ଲାଭ ହୋଇଥିଲା, ତେଣୁ ନାମ ରଖାହେଲା ବୀରେଶ୍ୱର-ଡାକନାମ 'ବିଲେ'। ଅନ୍ନପ୍ରାଶନ ସମୟରେ ନାମ ଦିଆଗଲା ନରେନ୍ଦ୍ରନାଥ। ଶୈଶବରେ ବିଲେ ବଡ଼ ଅଶାନ୍ତ ଥିଲେ। ଭୁବନେଶ୍ୱରୀ ଦେବୀ ଦୁଃଖ କରି କହୁଥିଲେ, 'ଶିବଙ୍କୁ ଗୋଟିଏ ପୁଅ ମାଗିଥିଲି, ସେ ଗୋଟିଏ ଭୂତ ପଠାଇ ଦେଲେ।' ମା'ଙ୍କଠାରୁ ରାମାୟଣ ମହାଭାରତ ଗଳ୍ପ ଶୁଣିବା ମାଧ୍ୟମରେ ବାଳକର ପ୍ରାଥମିକ ଶିକ୍ଷା ଆରମ୍ଭ ହେଲା। ରାମସୀତାଙ୍କର ମୂର୍ତ୍ତିକୁ ପୁଷ୍ପମାଲ୍ୟରେ ସଜ୍ଜିତ କରିବାକୁ ବିଲେ ଖୁବ୍ ଭଲ ପାଉଥିଲେ। ସଙ୍ଗୀମାନଙ୍କୁ ନେଇ ଶିବମୂର୍ତ୍ତି ସମ୍ମୁଖରେ ବସି ଧ୍ୟାନ କରିବା ଥିଲା ବିଲେର ଅନ୍ୟତମ ପ୍ରିୟ ଖେଳ। ଦିନେ ଛାତଘରେ ଏହି ଧ୍ୟାନର ଖେଳ ଚାଲିଛି, ଏପରି ସମୟରେ ଗୋଟିଏ ଗୋଖର ସାପ ସେଠାରେ ଦେଖାଗଲା; ସଙ୍ଗୀମାନେ ସମସ୍ତେ ଦୌଡ଼ି ପଳାଇଲେ; କିନ୍ତୁ ବିଲେ ଗଭୀର ଧ୍ୟାନମଗ୍ନ। ଚାରିଆଡ଼େ ଚହଳ ପଡ଼ିଗଲା। ସାପଟି ଚାଲିଯିବା ପରେ ଧ୍ୟାନସ୍ଥ ବିଲେକୁ କୋଳ କରି ବାହାରକୁ ଅଣାଗଲା। ପରେ ପଚାରିବାରୁ ବିଲେ କହିଲା, 'ମୁଁ ତ କିଛି ଜାଣିନି।' ଶ୍ରୀରାମକୃଷ୍ଣଦେବ କହୁଥିଲେ, 'ନରେନ୍? ଧ୍ୟାନସିଦ୍ଧ ମହାପୁରୁଷ।'

ଗରିବ ଦୁଃଖୀ ଓ ସାଧୁ ଫକିରଙ୍କ ଉପରେ ବାଳକ ନରେନ୍ଦ୍ରର ଖୁବ୍ ଦରଦ ଥିଲା। ଭିକ୍ଷା ପାଇଁ କେହି ଆସିଲେ ସେ ଚାଉଳ ଡାଲି, ପଇସା, କଉଡ଼ି ଯାହା ପାଏ, ତାହା ଆଣିଦିଏ, ଆଉ କିଛି ନ ପାଇଲେ ଖୋଲି ଦିଏ ନିଜର ପିନ୍ଧାଲୁଗା ଖଣ୍ଡିକ। ସର୍ବହରାମାନଙ୍କ ମୁହଁରେ ହସ ଦେଖି ତା'ର ପ୍ରାଣ ଅପରିସୀମ ତୃପ୍ତିରେ ଭରି ଉଠେ। ଜାତିଭେଦ ସମ୍ବନ୍ଧରେ ବାଳକ ନରେନ୍?ର ବିଶେଷ କୌତୁହଳ। ବାପାଙ୍କ ବୈଠକଖାନାରେ ବିଭିନ୍ନ ଜାତିର ମହକିଲମାନଙ୍କର ଅଲଗା ଅଲଗା ହୁକ୍?କାରେ ମୁହଁ ଲଗାଇ ଟାଣି ଟାଣି ଦେଖେ-ଜାତି କିପରି ଯାଏ। ଜଣେ ମୁସଲମାନ ମହକିଲ ଥରେ ଆଦର କରି ନରେନ୍?କୁ ଭଲ ଭଲ ସନ୍ଦେଶ ଖୁଆଇ ଦେଲେ। ମା' ତାହା ଦେଖି କହିଲେ, 'ଅନ୍ୟ ଜାତିର ଛୁଆଁ ଖାଇଲେ ଜାତି ଯାଏ।' କିନ୍ତୁ ଜାତି କିପରି ଯାଏ, ତାହା ହିଁ ହେଲା ନରେନ୍‌ର ଚିନ୍ତାର ବିଷୟ। ଛ' ବର୍ଷ ବୟସରେ ସ୍କୁଲରେ ନରେନ୍ଦ୍ରଙ୍କର ନାମ ଲେଖା ହେଲା, କିନ୍ତୁ ସେ ଇଂରାଜୀ ପଢ଼ିବାକୁ ରାଜି ହେଲା ନାହିଁ। 'ସେ ତ ବିଦେଶୀ ଭାଷା, କାହିଁକି ପଢ଼ିବି ? ତା'ଠାରୁ ମାତୃଭାଷା ତ ଶିଖିବା ଭଲ।'-ଏହା ଥିଲା ତାଙ୍କର କଥା। ଅନେକ ବୁଝାଇବା ପରେ କିଛି ମାସ ପରେ ନରେନ୍ଦ୍ର ଇଂରାଜୀ ପଢ଼ିବାକୁ ଆରମ୍ଭ କଲେ। ପ୍ରଖର ମେଧା, ଅଦ୍ଭୁତ ଧୀଶକ୍ତି ନେଇ ସେ ଜନ୍ମଗ୍ରହଣ କରିଥିଲେ। ଥରେ ଯାହା ପଢୁଥିଲେ କେବେ ତାହା ଭୁଲୁ ନ ଥିଲେ। ସ୍କୁଲର ପାଠ୍ୟ-ପ୍ରସ୍ତୁତି ପାଇଁ ତାଙ୍କୁ ଅତି ଅଳ୍ପ ସମୟ ଲାଗୁଥିଲା। ବାକି ସମୟତକ ଖେଳାଖେଳି, କୁସ୍ତି, ଆଖଡ଼ା, ପହଁରିବା ବା ଅଭିନୟ କରିବାରେ କିମ୍ବା କଳକବ୍ଜା ତିଆରି ଇତ୍ୟାଦିରେ କଟି ଯାଉଥିଲା। ନରେନ୍ଦ୍ର ଖୁବ୍ ଏକଜିଦିଆ ଓ ଦୁଷ୍ଟ ଥିଲେ। ଭୂତଭୟ, ବ୍ରହ୍ମଦୈତ୍ୟଭୟ, କୋକବାୟାଭୟ ଏସବୁ ହସି ଉଡ଼େଇ ଦେଉଥିଲେ। ଆମେରିକାରୁ ଫେରିବାପରେ ବିବେକାନନ୍ଦ ଦିନେ ଶିଷ୍ୟମାନଙ୍କୁ ହସି ହସି କହିଥିଲେ, 'ପିଲାଦିନେ ମୁଁ ଖୁବ୍? ଦୁଷ୍ଟ ଥିଲି। ତା ନ ହେଲେ ଏହି ଭାବରେ ଦୁନିଆସାରା ମୁଁ କଅଣ ଘୁରିଆସି ପାରିଥାନ୍ତି କିରେ ?' ବାଲ୍ୟକାଳରୁ ନରେନ୍ଦ୍ରଙ୍କର ସ୍ୱଭାବ ଥିଲା ଅତିଶୟ ନିର୍ମଳ। ପଢ଼ାପଢ଼ିରେ ତାଙ୍କର ବିଶେଷ ଅନୁରାଗ ଥିଲା। ସ୍କୁଲ ପାଠ୍ୟ ଛଡ଼ା ନାନା ବିଷୟ ପଢ଼ିବାକୁ ସେ ଭଲ ପାଉଥିଲେ। ତାଙ୍କର ଜ୍ଞାନାର୍ଜନ ସ୍ପୃହା ଓ ଧାରଣାଶକ୍ତି ଅତି ଅଦ୍ଭୁତ ଥିଲା। ଏଣ୍ଟ୍ରାନ୍?ସ ପାଶ୍ କରିବା ପୂର୍ବରୁ ସମୁଦାୟ ଭାରତର ଇତିହାସ ସେ ଆୟତ୍ତ କରିଥିଲେ। ସାହିତ୍ୟରେ ମଧ୍ୟ ତାଙ୍କର ବିଶେଷ ପ୍ରୀତି ଥିଲା।

କଲେଜ୍‌ରେ ପ୍ରବେଶ କରି ନରେନ୍ଦ୍ରଙ୍କର ଜ୍ଞାନସ୍ପୃହା ବଢ଼ିଗଲା। ସେ ପାଶ୍ଚାତ୍ୟ ଦର୍ଶନ, ନ୍ୟାୟଶାସ୍ତ୍ର, ବୈଜ୍ଞାନିକ ଆବିଷ୍କାର ଓ ଦେଶବିଦେଶର ଇତିହାସ ପ୍ରଭୃତି ବିଶେଷ ଆଗ୍ରହ ସହକାରେ ପଢ଼ିବାକୁ ଲାଗିଲେ। ଶରୀରଚର୍ଚ୍ଚା ଏବଂ ସଙ୍ଗୀତରେ ମଧ୍ୟ ତାଙ୍କର ବିଶେଷ ଉତ୍ସାହ ଥିଲା। ଗଳିରେ ନବଗୋପାଳ ମିତ୍ରଙ୍କ ଆଖଡ଼ାରେ ନିୟମିତ କୁସ୍ତି, ଲାଠିଖେଳ ପ୍ରଭୃତି ଅଭ୍ୟାସ କରୁଥିଲେ।

ସ୍ୱାମୀଜୀ ପାଠପଢ଼ିବା ସମୟରେ ବ୍ରାହ୍ମସମାଜଭୁକ୍ତ ହୋଇ ନିୟମିତ ଉପାସନାରେ ଯୋଗ ଦେଉଥିଲେ। ଭଗବାନଙ୍କୁ ଆନ୍ତରିକ ଦର୍ଶନ କରିବାକୁ ଚାହୁଁଥିବା ବଳିଷ୍ଠଦେହ ଓ ଦୃଢ଼ମନର ଅଧିକାରୀ ସ୍ୱାମୀ ବିବେକାନନ୍ଦ ରାମକୃଷ୍ଣ ପରମହଂସଙ୍କୁ ଗୁରୁରୁପେ ବରଣ କରିଥିଲେ। ରାମକୃଷ୍ଣ ନିଜର ମହାନ ଭାବାଦର୍ଶ ପ୍ରସାର କାର୍ଯ୍ୟ ବିବେକାନନ୍ଦଙ୍କଦ୍ୱାରା ସମ୍ପାଦିତ କରାଇଥିଲେ। ଗୌରବମୟ ଭାରତୀୟ ସଂସ୍କୃତି ବିବେକାନନ୍ଦଙ୍କୁ ବହୁତ ଆନନ୍ଦ ଦେଇଥିଲା କିନ୍ତୁ ଭାରତର ଜନସାଧାରଣଙ୍କର ଦ୍ରାରିଦ୍ୟ ଓ ଅଶିକ୍ଷା ତାଙ୍କୁ ବ୍ୟଥିତ କରିଥିଲା। ମାତ୍ର ୨୬ ବର୍ଷ ବୟସରେ ସେ ସନ୍ୟାସୀ ହୋଇଥିଲେ।

ମାତୃଭୂମିର ସ୍ୱର୍ଣ୍ଣିମ ଅତୀତ କୁ ଫେରାଇ ଆଣିବା ପାଇଁ ୧୮୯୧ ଖ୍ରୀଷ୍ଟାବ୍ଦରେ ସନ୍ୟାସୀ ଭ୍ରାତା ମାନଙ୍କ ସଙ୍ଗ ପରିତ୍ୟାଗ କରି ଏକାକୀ ଈଶ୍ୱର ଙ୍କ ଶରଣାପନ୍ନ ହୋଇ ଭାରତର ବିଭିନ୍ନ ସ୍ଥାନ ପଦବ୍ରଜରେ ପରିଭ୍ରମଣ କରି ୧୮୯୨ ମସିହା ଡ଼ିସେମ୍ବର ୨୫ ରୁ ୨୭ ତାରିଖ ଦିନ କନ୍ୟାକୁମାରୀ ଠାରେ ଭାରତ ମହାସାଗର ମଧ୍ୟରେ ଏକ ଶିଳାଖଣ୍ଡ ଉପରେ ବସି ଗଭୀର ଭାବରେ ଧ୍ୟାନମଗ୍ନ ହୋଇଥିଲେ।'ଭାରତମାତା' ଙ୍କୁ ଧ୍ୟାନ କରି ସ୍ୱାମୀ ବିବେକାନନ୍ଦ ଧ୍ୟାନ ଚକ୍ଷୁରେ ଦେଖିଥିଲେ ଭାରତର ଅତୀତ,ବର୍ତ୍ତମାନ ଓ ଭବିଷ୍ୟତ।ସେହି ସମୟରେ ସତେ ଯେପରି ସାଗର ଉପରେ ବିଚରଣ କରି ଗୁରୁ ଶ୍ରୀ ରାମକୃଷ୍ଣ ତାଙ୍କୁ ଆହ୍ୱାନ ଦେଇ କହୁଛନ୍ତି ଯା ଲଙ୍ଘିଯା ଏ ସମୁଦ୍ର ଦୂର ଦେଶେ ଯାଇ ଭାରତର ବାର୍ତ୍ତା ପହଞ୍ଚାଇ ଦେ। ଧ୍ୟାନମଗ୍ନ ହେଲା ପରେ ସ୍ୱାମୀ ବିବେକାନନ୍ଦ ଭାରତର ପ୍ରତିନିଧି ହିସାବରେ ଯିବାକୁ ମନସ୍ଥ କରି କଲିକତା କୁ ଫେରି ଆସିଥିଲେ।ତାଙ୍କର ଏହି ଇଚ୍ଛା ଦୈବନିର୍ଦ୍ଦିଷ୍ଟ ବୋଲି ଇଙ୍ଗିତ ପାଇବା ପରେ ସ୍ୱାମୀଜୀ ବିଦେଶ ଯିବା ନିମନ୍ତେ ସ୍ଥିର କରି ଯୁବକ ଶିଷ୍ୟ ମାନଙ୍କ ଦ୍ୱାରା ଉପଲବ୍ଧି କିଛି ଅର୍ଥ ଏବଂ ମହୀଶୂର,ରାମନାଦ ଓ ଖେତଡ଼ିର ମହାରାଜା ଙ୍କ ଦିଆଯାଇଥିବା ଆର୍ଥିକ ସହାୟତା ନେଇ ସ୍ୱାମୀ ବିବେକାନନ୍ଦ ୧୮୯୩ ମସିହା ମେ' ମାସ ୩୧ ତାରିଖ ଦିନ ବମ୍ବେ ଠାରୁ ପେନିନସୁଲାର ଜାହାଜ ସାହାର୍ଯ୍ୟରେ ଆମେରିକା ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ।

ଚିକାଗୋରେ ଅନୁଷ୍ଠିତ ଧର୍ମସଭାର ପ୍ରଥମ ଅଧିବେଶନ ୧୮୯୩ ମସିହା ସେପ୍ଟେମ୍ବର ୧୧ ତାରିଖ ସୋମବାର ଦିନ ଆର୍ଟ ଇନଷ୍ଟିଚ୍ୟୁଟର ପ୍ରଶସ୍ତ ସଭାଗୃହ କଲମ୍ବସ ହଲ୍ ରେ ହୋଇଥିଲା ଆବାହନ ପ୍ରାର୍ଥନା ସଙ୍ଗୀତ ଦ୍ୱାରା ୪୦୦୦ ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କର ସମାବେଶରେ ଉଦଘାଟିତ ହୋଇଥିଲା।ସେଦିନ ର ସଭା ଅଧକ୍ଷ ପ୍ରତିନିଧିମାନଙ୍କର ପରିଚୟ ପ୍ରଦାନ କରିବା ପରେ ଅନ୍ୟ ଧର୍ମ ର ପ୍ରତିନିଧି ମାନେ ଲିଖିତ ଅଭିଭାଷଣ ପାଠ କରିଥିବା ବେଳେ ସ୍ୱାମୀ ବିବେକାନନ୍ଦ ତାଙ୍କର ଅଭିଭାଷଣ ନିଜ ମୁଖରେ କହିଥିଲେ।ଅଧିବେଶନରେ ଉଦ୍ଦିଷ୍ଟ ମଞ୍ଚ ଉପରେ ଠିଆ ହୋଇ ମନେ ମନେ ମା' ସରସ୍ୱତୀ ଙ୍କୁ ପ୍ରଣାମ ଜଣାଇ ପ୍ରଥମେ ଜଣାଇଥିଲେ ସମ୍ବୋଧନ। ହେ ମୋର ଆମେରିକାବାସୀ ଭଗିନୀ ଓ ଭ୍ରାତୃଗଣ,ଏତିକି ସଭାଗୃହରେ ଏକ ଅପୂର୍ବ ଉନ୍ମାଦନା ର ଲହରୀ ଶ୍ରୋତାମାନଙ୍କ ମଧ୍ୟରେ ସଂଚ଼ରିତ ହୋଇଥିଲା ଏବଂ ସମସ୍ତ ଜନ ଗଣ ଆନନ୍ଦ ରେ ଦୁଇ ମିନିଟ କରତାଳି ପ୍ରଦାନ କରିଥିଲେ।ସ୍ୱାମୀଜୀ ତାଙ୍କର ଉଦବୋଧନରେ ବିଶ୍ୱ ଭ୍ରାତୃତ୍ୱର 'ଆତ୍ମିୟତା'କୁ ପ୍ରାଧାନ୍ୟ ଦେବାରୁ ଶ୍ରୋତାମାନଙ୍କ ହୃଦୟର ଗଭୀରତମ ସୂତ୍ରଟିକୁ ସ୍ପର୍ଶ କରିଥିଲା।କରତାଳି ସମାପ୍ତ ହେବା ପରେ ସ୍ୱାମୀଜୀ ସଂକ୍ଷିପ୍ତ ବକ୍ତୃତା ପ୍ରଦାନ କରିଥିଲେ। ପ୍ରଥମ ଦିନ ସ୍ୱାମୀଜୀ ନିଜ ଅଭିଭାଷଣରେ କହିଥିଲେ ଯେଉଁ ଧର୍ମ ଜଗତକୁ ଆବାହମାନ କାଳରୁ ପରମ ସହିଷ୍ଣୁତା ଓ ସର୍ବବିଧିମତ ସ୍ୱୀକାର କରିବାକୁ ଶିକ୍ଷା ଦେଇ ଆସୁଛି,ମୁଁ ସେହି ଧର୍ମଭୁକ୍ତ ବୋଲି ନିଜକୁ ଗୌରବାନ୍ୱିତ ବୋଲି ମନେକରେ। ସେପ୍ଟେମ୍ବର ୧୫ ତାରିଖ 'ଭ୍ରାତୃଭାବ' ପ୍ରସଙ୍ଗରେ କହିଥିଲେ ମୁଁ ଜଣେ ହିନ୍ଦୁ,ମୁଁ ଜଣେ ବୌଦ୍ଧ, ମୁଁ ଜଣେ ମୁସଲମାନ ଏପରି ନ ଭାବି ମୁ ଜଣେ ମନୁଷ୍ୟ ବୋଲି ଭାବିବା ଉଚିତ। ଧର୍ମସଭାର ବିଦାୟୀ ଭାଷଣ ଥିଲା ସେପଟ୍ଟେମ୍ବର ୨୭ ତାରିଖ।ସେଦିନର ବିଷୟ ବସ୍ତୁ ଥିଲା 'ବୌଦ୍ଧଧର୍ମ ସହିତ ହିନ୍ଦୁଧର୍ମର ସଂପର୍କ'। ସ୍ୱାମୀଜୀ କହିଥିଲେ, ହେ ବୌଦ୍ଧଗଣ,ବୌଦ୍ଧଧର୍ମ ବ୍ୟତୀତ ହିନ୍ଦୁ ଧର୍ମ ବଞ୍ଚିପାରେନା,ଠିକ୍ ସେହିପରି ହିନ୍ଦୁ ଧର୍ମକୁ ଛାଡ଼ି ବୌଦ୍ଧ ଧର୍ମ ବଞ୍ଚିପାରେ ନାହିଁ। ଏହାରି ଉପରେ ସ୍ୱାମୀଜୀ ବକ୍ତୃତା ରଖିଥିଲେ।

ତେବେ ଏହି ୧୭ ଦିନ ଧରି ସାମଗ୍ରିକ ଭାଷଣ ଦେଇ ସମସ୍ତଙ୍କ ହୃଦୟକୁ ଜୟ କରିପାରିଥିଲେ ସ୍ୱାମୀ ବିବେକାନନ୍ଦ।ତାଙ୍କର ସମସ୍ତ ବକ୍ତୃତା ଅଗ୍ନିଶିଖା ସଦୃଶ ଥିଲା, ଯାହାକି ଶ୍ରୋତାମାନଙ୍କର ହୃଦୟକୁ ଛୁଇଁପାରୁଥିଲା। ସେହି ଶ୍ରେଷ୍ଠ ପୁରୁଷ, ବହୁମୁଖୀ ପ୍ରତିଭାର ଅଧିକାରୀ ସ୍ୱାମୀ ବିବେକାନନ୍ଦ ଜୀ ୧୯୦୨ ମସିହା ଜୁଲାଇ ୪ ତାରିଖରେ ସମଗ୍ର ଦେଶବାସୀଙ୍କୁ ଶୋକସାଗରେରେ ଭସାଇ ଚାଲିଗଲେ।

# ପେସ୍ତାବାଦାମର ଉପକାରିତା



ଗତ କିଛି ବର୍ଷ ମଧ୍ୟରେ ଭାରତୀୟ ବଜାରରେ ପେସ୍ତାବାଦାମର ବିକ୍ରି ଓ ଆଦର ବଢ଼ିବାରେ ଲାଗିଛି। କାହିଁ କେଉଁକାଳରୁ ପାଶ୍ଚାତ୍ୟ ରାଷ୍ଟ୍ରର ଧନିକ ତଥା ସମ୍ଭ୍ରାନ୍ତ ବର୍ଗର ଲୋକଙ୍କ ଜଳଖିଆରେ ପେସ୍ତାବାଦାମ ଏକ ମୁଖ୍ୟ ଭୂମିକା ଗ୍ରହଣ କରୁଥିଲା। ମିଳିଥିବା ତଥ୍ୟ ଅନୁସାରେ, କାଲିଫର୍ଣ୍ଣିୟା ପେସ୍ତାବାଦାମ ୧୬୦୦ ଶତାବ୍ଦୀ ସମୟରେ ବିଶ୍ୱର ପ୍ରମୁଖ କେତୋଟି ରାଜପରିବାର ସହ ହିଁ ବ୍ୟବସାୟ କରୁଥିଲା। ଆଜିର ସମୟରେ କିନ୍ତୁ ଏଇ ପେସ୍ତାବାଦର ଆଦର ପୂରା ବିଶ୍ୱସ୍ତରରେ ବଢ଼ିଛି।


ନିକଟରେ ପ୍ରାନ୍ସର ବିଶେଷଜ୍ଞ ଦଳଙ୍କ ତଥ୍ୟ ଅନୁସାରେ, ପେସ୍ତାବାଦାମରେ ଭିଟାମିନ ଇ' ଓ ମୋନୋସାଚ୍ୟୁରେଟେଡ ଫ୍ୟାଟସ ଶରୀରର ଓଜନକୁ କମ୍ କରିବା ସହ ଅଧିକ ଖାଇବାର ଅଭ୍ୟାସକୁ ମଧ୍ୟ ନିୟନ୍ତ୍ରଣରେ ରଖେ।

ନିୟମିତ ଭାବେ ସକାଳ ଓ ସନ୍ଧ୍ୟା ଜଳଖିଆରେ ଅଳ୍ପ ଭଜା ପେସ୍ତାବାଦାମ ଖାଇବା ସ୍ୱାସ୍ଥ୍ୟ ପାଇଁ ଖୁବ୍ ହିତକାରୀ। ଇଂଲଣ୍ଡର ବିଶେଷଜ୍ଞ ରିଚାର୍ଡ ମେଟସଙ୍କ ଅନୁସାରେ, ପୁରୁଙ୍କେ ତୁଳନାରେ ମହିଳାମାନେ ନିଜ ଓଜନକୁ ନେଇ ଅଧିକ ସଚେତନ। ଏମାନେ ପ୍ରତିଦିନ ପେସ୍ତାବାଦାମ ଖାଇବା ଉତ୍ତମ। ଶରୀରକୁ ଶକ୍ତି ଯୋଗାଉଥିବା ପେସ୍ତାବାଦାମ ଭୋକ ନିୟନ୍ତ୍ରଣ କରିବା ସହ ଓଜନ ମଧ୍ୟ କମ କରେ। ଓମେଗା-୩ ଓମେଗା-୬ ଭରପୂର ପେସ୍ତାବାଦାମ ଶରୀରରେ ରକ୍ତଶର୍କରାକୁ ନିୟନ୍ତ୍ରଣ କରିଥାଏ।

# କିପରି ନେବା ଆଖିର ଯତ୍ନ

ଆଖି ଆମ ଶରୀରର ଏକ ମହତ୍ତ୍ୱପୂର୍ଣ୍ଣ ଅଙ୍ଗ। ଆଖି ଦ୍ୱାରା ଆମେ ଏଇ ସୁନ୍ଦର ସଂସାର ଦେଖି ପାରୁଛେ କିନ୍ତୁ ବୟସ ବୃଦ୍ଧି ସହିତ ଆଜିର ଲାଇଫଷ୍ଟାଇଲ ଓ ପ୍ରଦୂଷଣ ଯୋଗୁଁ ଖୁବ କମ ବୟସରେ ଲୋକଙ୍କ ଦୃଷ୍ଟି ଶକ୍ତି ହ୍ରାସ ପାଇବାରେ ଲାଗିଛି। ଫଳରେ ଆମକୁ ଚଷମାର ସାହାଯ୍ୟ ନେବାକୁ ପଡୁଛି। ଘରୋଇ ଉପାୟରେ କିପରି ଆଖିର ଯତ୍ନ ନିଆଯାଇପାରିବ ଆସନ୍ତୁ ଜାଣିବା। ପ୍ରତିଦିନ ରାତିରେ ଶୋଇବା ପୂର୍ବରୁ ଆଖିରେ ସୋରିଷ ତେଲ କିମ୍ବା ଦେଶୀ ଘିଅ ଲଗାନ୍ତୁ। ନିୟମିତ ଅନୁଲୋମ-ବିଲୋମ, ପ୍ରାଣାୟମ କରନ୍ତୁ ଏବଂ ସକାଳେ ଖୋଲା ପାଦରେ ଘାସରେ ଚାଲନ୍ତୁ। ଅଁଳା ପାଣିରେ ଆଖିକୁ ଧୁଅନ୍ତୁ। ଏହା ସହିତ ରାତିରେ ଦୁଇ ଟୋପା ଗୋଲାପ ଜଳ ଆଖିରେ ପକାନ୍ତୁ। ଆଖିରୁ ପାଣି ଝରିବା, ଧରିବା ଓ ଦୁର୍ବଳତା ଦେଖାଦେଲେ ରାତିରେ ୮ଟି ବାଦାମ ଭିଜାଇ ସକାଳେ ତାକୁ ବାଟି ପିଇବା ଦ୍ୱାରା ଏପରି ରୋଗରୁ ଉପଶମ ମିଳିଥାଏ। ଆଖି ପାଇଁ କଦଳୀ ଓ ଆଖୁ ଲାଭକାରୀ ଖାଦ୍ୟ। ଏକ ଗ୍ଲାସ୍ ଲେମ୍ବୁ ପାଣି ପିଇବା ଦ୍ୱାରା ଆଖି ସମ୍ବନ୍ଧୀୟ ରୋଗରୁ ରକ୍ଷା ମିଳିଥାଏ।







# ଖଣ୍ଡାଧାର

**ଦୂରରୁ ଖଣ୍ଡା ପରି ଦେଖାଯାଉଥିବାରୁ ଏହି ଜଳପ୍ରପାତର ନାମ ହୋଇଛି ଖଣ୍ଡାଧାର। କେନ୍ଦୁଝର ଜିଲ୍ଲାର ବାଂଶପାଳ ବ୍ଲକ ଓ ସୁନ୍ଦରଗଡ ଜିଲ୍ଲାର ବଣେଇ ମଧ୍ୟରେ ରହିଛି ପ୍ରାକୃତିକ ପରିବେଶରେ ରହିଛି ଖଣ୍ଡାଧାର ଜଳପ୍ରପାତ। ରାଶିରାଶି ପର୍ବତ ସାଙ୍ଗକୁ ସବୁଜ ବନାନୀ ଓ ଶୀତଦିନର ମନୋରମ ପ୍ରାକୃତିକ ଶୋଭା ହିଁ ଖଣ୍ଡାଧାରର ବିଶେଷତ୍ୱ।**


ଘଞ୍ଚ ଜଙ୍ଗଲ, ଉଚ୍ଚ ପର୍ବତ ଏବଂ ମନୋରମ ପ୍ରାକୃତିକ ପରିବେଶ କେନ୍ଦୁଝର ଜିଲ୍ଲାର ବିଶେଷତ୍ୱ। ଅଳଙ୍କାର ମଧ୍ୟରେ ଶ୍ରେଷ୍ଠ ମୁକୁଟ ପରି ଖଣ୍ଡାଧାର ଏହାର ପ୍ରକୃତିଦତ୍ତ ସର୍ବଶ୍ରେଷ୍ଠ ବିଭବ। ପର୍ବତ ଶିଖରରୁ ଡେଇଁ ପଡୁଥିବା ଜଳରାଶିକୁ ତଳେ ପଡିବାକୁ ପ୍ରାୟ ୨୦ ସେକେଣ୍ଡରୁ ଅଧିକ ସମୟ ଲାଗେ। ଏହି ସୁଉଚ୍ଚ ଜଳପ୍ରପାତର ଆଖପାଖ ଅଞ୍ଚଳ ଜଳବିନ୍ଦୁ ଯୋଗୁଁ ସବୁବେଳେ ସନ୍ତସନ୍ତିଆ ହୋଇ ରହେ। ବିଭିନ୍ନ ପ୍ରକାର ଗୁଳ୍ମଲତା ଆଦିରେ କାନ୍ଥ ଭଳି ଛିଡା ହୋଇଥିବା



ପର୍ବତରୁ ବହୁ ଅଂଶ ବର୍ଷ ସାରା ଆଚ୍ଛାଦିତ ହୋଇ ରହିଥାଏ। ଖଣ୍ଡାଧାରର ପାଣି ପାହାଡକୁ ନଲାଗି ଶୀର୍ଷରୁ ଶୂନ୍ୟରେ ତଳକୁ ଖସି ପଡିଲା ଭଳି ମନେ ହୋଇଥାଏ। ଏହାର ଅସଂଖ୍ୟ ଜଳବିନ୍ଦୁରେ ସୃଷ୍ଟି ହେଉଥିବା ଇନ୍ଦ୍ରଧନୁ ଅତ୍ୟନ୍ତ ମନଲୋଭା ଓ ଆକର୍ଷକ।

ଖଣ୍ଡାଧାର ସହିତ ସ୍ଥାନୀୟ ଆଦିବାସୀଙ୍କ ସଂପର୍କ ବେଶ୍ ନିବିଡ। ଏଠାରେ ବନବାସ କରୁଥିବା ଭୂୟାଁ ଜନଜାତି ଆଦି ଦେବତାଙ୍କ ନାମ ହେଉଛି 'ଖଣ୍ଡାପାଟ'। ଏହି ଦେବତାଙ୍କ ନାମ ଅନୁସାରେ ଏହାର ନାମ ଖଣ୍ଡାଧାର ହୋଇଥିବା କେହିକେହି ମତ ଦିଅନ୍ତି। ପ୍ରତିବର୍ଷ ମକର ସଂକ୍ରାନ୍ତିରେ ଏଠାରେ ମକର ମେଳା ଅନୁଷ୍ଠିତ ହୋଇଥାଏ। ଏହି ପ୍ରପାତ କେନ୍ଦୁଝର ଜିଲ୍ଲାର ଜନଜୀବନ ସହିତ ଅଙ୍ଗାଙ୍ଗୀ ଭାବେ ଜଡିତ। ମକର ସଂକ୍ରାନ୍ତି ଦିନ ଏଠାରେ ସ୍ନାନ କଲେ ମୋକ୍ଷପ୍ରାପ୍ତ ହୋଇଥାଏ ବୋଲି ଏଠାକାର ଭୂୟାଁ ଆଦିବାସୀମାନଙ୍କର ବିଶ୍ୱାସ ରହିଛି। ଖଣ୍ଡାଧାର ଜଳପ୍ରପାତ ଓ ଏଠାକାର ଆଦିବାସୀ ପରମ୍ପରା, ସଂସ୍କୃତିଭିତ୍ତିକ ପର୍ଯ୍ୟଟନସ୍ଥଳର ସୌନ୍ଦର୍ଯ୍ୟ ଉପଭୋଗ କରିବା ପାଇଁ ପ୍ରତିବର୍ଷ ହଜାରହଜାର ସଂଖ୍ୟାରେ ପର୍ଯ୍ୟଟକ ଏଠାକୁ ଆସିଥାନ୍ତି।


ପର୍ଯ୍ୟଟନ ବଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ୨୦୧୪ ମସିହାରେ ଖଣ୍ଡାଧାର ଜଳପ୍ରପାତକୁ ୭୦୬୦୦ ପର୍ଯ୍ୟଟକ ଆସିଥିବାବେଳେ ୨୦୧୫ ମସିହାରେ ୮୩୭୨୧,୨୦୧୬ ମସିହାରେ ୯୩୨୨୬ଜଣ ଓ ୨୦୧୭ରେ ୧ଲକ୍ଷ ୩ ହଜାର ୫୧୬ ଜଣ ପର୍ଯ୍ୟଟକ



ଆସିଥିଲେ। କେନ୍ଦୁଝର ସଦର ମହକୁମାଠାରୁ ପ୍ରାୟ ୭୦ କିଲୋମିଟର ଦୂରରେ ଅବସ୍ଥିତ ଖଣ୍ଡାଧାରକୁ ଆସିବାକୁ ଏବେ ରାସ୍ତାଘାଟର ଉନ୍ନତୀକରଣ କରାଯାଇଛି। ଜଳପ୍ରପାତ ନିକଟକୁ ପହଞ୍ଚିବାକୁ ପ୍ରାୟ



ଦେଢ କିଲୋମିଟର ପାହାଡ ଚଢିବାକୁ ପଡେ। ଖଣ୍ଡାଧାର ଜଳପ୍ରପାତଟି ତଳକୁ ଖସିପଡିବା ପରେ ଏହାର ଜଳ କାଦକଳା ଗାଁ ନିକଟରେ ଏକ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିର୍ମାଣ କରାଯାଇ ଏଠାକାର ଜମିକୁ ଜଳସେଚନ କରାଯାଇପାରୁଛି। ପ୍ରକୃତିର ଅନୁପମ ସୌନ୍ଦର୍ଯ୍ୟଭରା ଏହି ଖଣ୍ଡାଧାର ଜଳପ୍ରପାତକୁ ବର୍ଷର ବିଭିନ୍ନ ସମୟରେ ପର୍ଯ୍ୟଟକମାନେ ଆସୁଥିବାବେଳେ ଏଠାରେ ରହିବା ପାଇଁ ବ୍ୟବସ୍ଥା, ଉଜ୍ଜ୍ୱଳ ଆଲୋକ ଏବଂ ପାର୍କର ବ୍ୟବସ୍ଥା କରାଗଲେ ଏହା ଅଧିକ ମନୋରମ ହେବା ସହ ଅଧିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରି ସ୍ଥାନୀୟ ଜନସାଧାରଣଙ୍କୁ କର୍ମସଂସ୍ଥାନ ଯୋଗାଇ ପାରନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।



## ଶ୍ରୀ ବଳଦେବଜୀୟୁ ଅସ୍ଥାୟୀ ମେଳା ବ୍ୟବସାୟୀ ସଂଘର ବୈଠକ

କେନ୍ଦ୍ରାପଡ଼ା,୧୧।୧ (ନି.ପ୍ର): ଶ୍ରୀ ଶ୍ରୀ ସିଦ୍ଧ ବଳଦେବଜୀୟୁ ଅସ୍ଥାୟୀ ମେଳା ବ୍ୟବସାୟୀ ସଂଘର କର୍ମକର୍ତା ମାନଙ୍କର ଆଜି ଶାଖା ବୈଠକ ରବିବାର ଚଣ୍ଡିପଲେଇ ପଡିଆରେ ଅନୁଷ୍ଠିତ ହୋଇଯାଇଛି । ରବିବାର ଦିନ ୧୦ଟାରେ ଅନୁଷ୍ଠିତ ଏହି ବୈଠକରେ ସଂଘର ସଭାପତି ତଥା ସାମ୍ବାଦିକ ମହମ୍ମଦ ଇଲିଆସ ସଭାପତିତ୍ୱ କରିଥିଲେ । ସଭା ପ୍ରାରମ୍ଭରେ ସହିଦ ଚାଷୀ ମାନଙ୍କ ଉଦ୍ଦେଶ୍ୟରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇ ସଭାକାର୍ଯ୍ୟ ଆରମ୍ଭ କରାଯାଇ ଥିଲା । ବିଗତ କାର୍ଯ୍ୟକ୍ରମର ବିବରଣୀ ସଂପାଦକ ଚିତ ରଞ୍ଜନ ମହାନ୍ତି ଆଗତ କରିଥିଲେ । ଆଗାମୀ କାର୍ଯ୍ୟକ୍ରମ ସଂପର୍କରେ କାର୍ଯ୍ୟକାରୀ ସଭାପତି ଆଇନଜୀବି ରମଣୀ ରଞ୍ଜନ ରାଉତରାୟ ଉପସ୍ଥାପନ କରି ଆସନ୍ତା ୨୦ ତାରିଖ ଭିତରେ ନୂତନ ଜିଲ୍ଲାପାଳଙ୍କୁ ଭେଟି ମେଳା ବ୍ୟବସାୟୀ ମାନଙ୍କୁ ବିଭିନ୍ନ ସ୍ଥାନରେ ଦୋକାନ ଖୋଲିବା ପାଇଁ ଅନୁମତି ଦେବାକୁ ଏକ ଦାବିପତ୍ର ପ୍ରଦାନ କରାଯିବା ସହିତ ତୁରନ୍ତ ମେଳା ବ୍ୟବସାୟୀଙ୍କୁ ବିନା ସୁଧରେ ୩ଲକ୍ଷ ଟଙ୍କା ଋଣ ପ୍ରଦାନ , ମେଳା କରିବା ପାଇଁ ଅନୁମତି, କୋଭିଡ ସହାୟତା ପ୍ରଦାନ, ବୀମା ପ୍ରଦାନ ଆଦି ଦାବି ଉପରେ ଆଲୋଚନା କରାଯାଇଥିଲା ।

# ସହପାଠୀ ପରି ବନ୍ଧୁ ଜଗତରେ ନାହିଁ



ଉଦଳା,୧୧।୧ (ନି.ପ୍ର): ୧୯୮୬ ମସିହା ଉଦଳା ହାଇସ୍କୁଲର ମାଟ୍ରିକ ବ୍ୟାଚ ଛାତ୍ର ମାନେ କିଛି ବର୍ଷ ହେବ ଏକ ସହପାଠୀ ମିଳନର କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି । ଗତ ୨୦୨୦ ମସିହାରେ କୋଭିଡ୍ ପାଇଁ ତାଲାବନ୍ଦର ପ୍ରଭାବ ଯୋଗୁଁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇପାରି ନଥିଲା । ସେଥିପାଇଁ ସମସ୍ତେ ଦୁଃଖରେ ଭାଙ୍ଗି ପଡ଼ିଥିଲେ । ତେବେ ତାଲା ବନ୍ଦର କଟକଣା ସାମାନ୍ୟ କୋହଳ ହେବା ଯୋଗୁଁ ସବୁ ପ୍ରକାରର ସତର୍କତା ଅବଲମ୍ବନ ପୂର୍ବକ ୨୦୨୧ ଜାନୁଆରୀ ୧୦ ତାରିଖ ରବିବାର ଆଜି ସ୍ଥାନୀୟ ଅତୁଲ ପଡ଼ିଆ ଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସମସ୍ତେ ଏକତ୍ରୀତ ହେବା ପରେ ପ୍ରଥମେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଫୋଟ ଚିତ୍ରରେ ପୁଷ୍ପ, ଧୂପ, ଦୀପ, ନୈବେଦ୍ୟ ଅର୍ପଣ କରି ବେଦମନ୍ତ୍ର ଉଚ୍ଚାରଣ ପୂର୍ବକ ପୂଜାର୍ଚ୍ଚନା କରିଥିଲେ ଓ ସମଗ୍ର ପୃଥିବୀକୁ ମହାମାରୀ କରୋନା ଦାଉରୁ ରକ୍ଷା କରିବା ପାଇଁ ପ୍ରାର୍ଥନା ଜଣାଇଥିଲେ । ଏହାପରେ ସମସ୍ତେ ଏକ ସ୍ୱରରେ ଜାତୀୟ ସଂଗୀତ 'ଜନଗଣ ମନ...' ଗାନ କରିଥିଲେ । ପରେ ପରେ ଏହି ବ୍ୟାଚର ଛାତ୍ର ଯେଉଁ ମାନେ କି ସବୁଦିନ ପାଇଁ ବିଦାୟ ନେଇଯାଇଛନ୍ତି ସେମାନଙ୍କ ପାଁ ୨ ମିନିଟ ନୀରବ ପ୍ରାର୍ଥନା ଜଣାଇଥିଲେ । ଏହାପରେ ସୀମାନ୍ତ ତ୍ରୀପାଠିଙ୍କ ଅଧ୍ୟକ୍ଷତାରେ ସାଧାରଣ ସଭାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଓଥିଲା । ଏଥିରେ ସାଙ୍ଗ ମାନେ ଦିର୍ଘ ୩୫ ବର୍ଷ ତଳର କଥାକୁ ମନେ ପକାଇ ଖୁବ୍ ଆନନ୍ଦ ଅନୁଭବ କରିବା ସହିତ ବର୍ତ୍ତମାନ କିଏ କିପରି ସମୟ ବିତାଉଛନ୍ତି ସେ ବିଷୟରେ ବର୍ଣ୍ଣନା କରିଥିଲେ । ଶେଷରେ ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମକୁ କିପରି ଅଧିକ ଆନନ୍ଦ ଦାୟକ କରାଯିବା ସଙ୍ଗେ ସଙ୍ଗେ ଦେଶ ଗଠନରେ କିପରି ସମସ୍ତେ ସହାୟକ ହୋଇପାରିବେ ସେ ସମ୍ପର୍କରେ ନିଜ ନିଜର ସୁ ଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ । ପରମାନନ୍ଦ ଖଣ୍ଡେଇ, ପଙ୍କଜ ଖୁଣ୍ଟିଆ, ବିଜନ ନାୟକ, ରବିନ୍ଦ୍ର ପରିଡ଼ା ଓ ପ୍ରଭାତ ସାହୁ ଏହି କାର୍ଯ୍ୟକ୍ରମ ଆୟୋଜନର ନେତୃତ୍ୱ ନେଉଥିବା ଯୋଗୁଁ ସମସ୍ତେ ତାଙ୍କୁ କୃତଜ୍ଞତା ଜଣାଇଥିଲେ । ଦୁଲେଇ ଓ ପାଲ ପିଲାଦିନେ ଯେଉଁ ଭଳି ସଂଗୀତ ପରିବେଷଣ କରୁଥିଲେ ଆଜି ୩୫ ବର୍ଷ ପରେ ମଧ ଠିକ୍ ସେହି ପରି ସଂଗୀତ ପରିବେଷଣ କରି ସମସ୍ତଙ୍କୁ ଆନନ୍ଦିତ କରିଥିଲେ । ତରୁଣକାନ୍ତ ମହାପାତ୍ର ଓ ରବି ମହାପାତ୍ର ଉଭୟ ମିଳିତ ଭାବେ କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ ।

## ଖଡିଆଳଠାରେ କଳାହାଣ୍ଡିଆ ଶବ୍ଦକୋଷ ଲୋକାର୍ପିତ

ନୂଆପଡା,୧୧।୧ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ସ୍ଥିତ କଲ୍ୟାଣ ମଣ୍ଡପ-୧ ଠାରେ ବିଶିଷ୍ଟ ଗବେଷକ ତଥା ଭାଷାବିତ୍ ପରମେଶ୍ୱର ମୁଣ୍ଡଙ୍କ ଦ୍ୱାରା ସଙ୍କଳିତ 'କଳାହାଣ୍ଡିଆ ଶବ୍ଦକୋଷ' ମହାସମାରୋହରେ ଲୋକାର୍ପିତ ହୋଇଯାଇଛି । କାର୍ଯ୍ୟକ୍ରମରେ ପ୍ରାକ୍ତନ କଲେଜ ଅଧ୍ୟକ୍ଷ ଡଃ ଫଣିନ୍ଦମ ଦେଓ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବରେ ଓଡିଶା ସରକାରଙ୍କ ଗୃହ, ଶକ୍ତି ଓ ଶିଳ୍ପମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ସମ୍ମାନିତ ଅତିଥି ଭାବରେ ଖଡିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ, ଗବେଷକ ତଥା ରାଜା ସାହେବ ଜିତାମିତ୍ର ପ୍ରସାଦ ସିଂଦେଓ, ଅବସରପ୍ରାପ୍ତ ଆୟକର କମିଶନର ଶ୍ରୀକାନ୍ତ ଚଟର୍ଜି ଯୋଗଦାନ କରି ଏହି ଶବ୍ଦ କୋଷ କଳାହାଣ୍ଡିର ଭାଷାକୁ ଆହୁରି ସମୃଦ୍ଧି କରିବ ବୋଲି ମତବ୍ୟକ୍ତ କରିଥିଲେ । ଯୁବ ସାହିତ୍ୟିକ ଗୌରାଙ୍ଗ କୁମାର ସାହୁ ସ୍ୱାଗତ ସମ୍ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବ୍ୟଙ୍ଗକବି ପବିତ୍ର ମୋହନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଅଧ୍ୟାପକ ଲୋହିତାକ୍ଷ ଯୋଷୀ, ସାମୁଏଲ ଦାନୀ, ଶିକ୍ଷକ ଡଃ ସୁଶାନ୍ତ କୁମାର ବିଶି ଶବ୍ଦକୋଷ ଉପରେ ମନ୍ତବ୍ୟ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ଅତିଥି ମାନେ କୋଶଳରତ୍ନ ପଣ୍ଡିତ ପ୍ରୟାଗଦତ ଯୋଷୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ପୂଜାର୍ଚ୍ଚନା କରିଥିଲେ ।

# ନେତାଜୀଙ୍କ ୧୨୫ତମ ଜନ୍ମ ବାର୍ଷିକୀ କମିଟିରେ ଓଡିଶାରୁ ୨୫ ଜଣଙ୍କୁ ସାମିଲ କରାଯାଉ : କଂଗ୍ରେସ

ଭୁବନେଶ୍ୱର,୧୧।୧ (ନି.ପ୍ର): ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ୧୨୫ତମ ଜନ୍ମ ବାର୍ଷିକୀ ପାଳନ ନିମନ୍ତେ କେନ୍ଦ୍ର ସରକାରଙ୍କ ଘୋଷିତ ୮୫ ଜଣିଆ ଜାତୀୟ କମିଟି ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନକୁ ଲକ୍ଷ୍ୟରେ ଗଠନ କରାଯାଇଛି ବୋଲି କଂଗ୍ରେସ ଅଭିଯୋଗ କରିଛି । ଏହାସହ ନେତାଜୀ ଓଡ଼ିଶାର ନୁହଁନ୍ତି ବୋଲି ପ୍ରମାଣତି କରିବାକୁ ଚେଷ୍ଟା କରିଛନ୍ତି ବୋଲି କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର ଅଭିଯୋଗ କରିଛନ୍ତି । ନେତାଜୀ ଓଡ଼ିଶାର ଗର୍ବ, ଗୌରବଗାଥା, ସ୍ୱାଭିମାନ ତୁରନ୍ତ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କ ଉପରେ ଚାପ ସୃଷ୍ଟିକରନ୍ତୁ । ରାଜ୍ୟରୁ ବିଭିନ୍ନ କ୍ଷେତ୍ରରେ ପାରିଦର୍ଶିତା ଲାଭ କରିଥିବା ୨୫ଜଣ ବ୍ୟକ୍ତିବିଶେଷଙ୍କୁ ଏହି କମିଟିରେ ସାମିଲ କରାଯାଉ ବୋଲି କଂଗ୍ରେସ ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଦାବି କରିଛି । ନେତାଜୀ କଟକ ସହରରେ ଜନ୍ମ ଗ୍ରହଣ କରିଥିଲେ । ସେଥିଯୋଗୁଁ କମିଟିରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କଟକ ସାଂସଦ ଭର୍ତ୍ତୃହରି ମହତାବ ସ୍ୱାଭାବିକ ଭାବେ ସ୍ଥାନ ପାଇବେ । ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପି କେ ମିଶ୍ରଙ୍କୁ ମଧ କମିଟିରେ ନିଆଯାଇଛି । ଓଡ଼ିଶାରେ କ'ଣ ଆଉ କେହି ଯୋଗ୍ୟ ବ୍ୟକ୍ତି ନାହାନ୍ତି ବୋଲି କଂଗ୍ରେସ ପ୍ରଶ୍ନ କରିଛି । କମିଟିରେ ମଣିପୁର ରାଜ୍ୟପାଳଙ୍କୁ ସଦସ୍ୟ ଭାବେ ନିଆଯାଇଥିବା ବେଳେ ଓଡ଼ିଶା ରାଜ୍ୟପାଳଙ୍କୁ କାହିଁକି ସ୍ଥାନ ମିଳିନାହିଁ । ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ବୁଦ୍ଧଦେବ ଭଟ୍ଟାଚାର୍ଯ୍ୟଙ୍କୁ କମିଟିରେ ନିଆଯାଇଥିବା ସ୍ଥଳେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କୁ କାହିଁକି ସଦସ୍ୟ ଭାବେ ନିଆଗଲା ନାହିଁ । କମିଟିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବ୍ୟତୀତ ଦଶଜଣ କେନ୍ଦ୍ରମନ୍ତ୍ରୀଙ୍କୁ ସ୍ଥାନ ମିଳିଛି । ସେଥିରେ ପଶ୍ଚିମବଙ୍ଗ କୋଟାରୁ ୨ ଜଣ କେନ୍ଦ୍ରମନ୍ତ୍ରୀ ରହିଥିବା ବେଳେ ଓଡିଆ କେନ୍ଦ୍ରମନ୍ତ୍ରୀଙ୍କୁ ସ୍ଥାନ କାହିଁକି ଦିଆଯାଇନାହିଁ । କମିଟିରେ ୧୬ଜଣ ସାଂସଦଙ୍କ ମଧ୍ୟରୁ ୧୧ ଜଣ ପଶ୍ଚିମବଙ୍ଗର । କିନ୍ତୁ ଓଡିଶାରୁ କେବଳ ଜଣେ ସାଂସଦଙ୍କୁ କାହିଁକି ସ୍ଥାନ ମିଳିନାହିଁ ? ଓଡିଶାରୁ କୌଣସି ବିଧାୟକଙ୍କୁ ମଧ୍ୟ ଏଥିରେ ସାମିଲ କରାଯାଇନାହିଁ । କମିଟିରେ ସ୍ଥାନ ପାଇଥିବା ଚଳଚିତ୍ର ଅଭିନେତା, ଅଭିନେତ୍ରୀ, କ୍ରିକେଟ ତାରକା, ଫୁଟବଲ ତାରକା, ଐତିହାସିକ, ଗବେଷକ, ଶିକ୍ଷାବିତ୍ ଓ ବୁଦ୍ଧିଜୀବିଙ୍କ ମଧ୍ୟରୁ ପ୍ରାୟତଃ ପଶ୍ଚିମବଙ୍ଗର । ଏଭଳି କମିଟି ପାଇଁ କେନ୍ଦ୍ର ସରକାର କ'ଣ କୌଣସି ଓଡ଼ିଆକୁ ଯୋଗ୍ୟ ଭାବିଲେ ନାହିଁ କି ? ବୋଲି ଶ୍ରୀ ମିଶ୍ର ପ୍ରଶ୍ନ କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ମନୋରଞ୍ଜନ ଦାଶ, ରଶ୍ମି ମହାପାତ୍ର, ଦୀପକ କୁମାର ମହାପାତ୍ର ଉପସ୍ଥିତ ଥିଲେ ।

## ନୀଳଗିରି ବିଜୁ ଜନତା ଦଳ ପକ୍ଷରୁ ରାଜ୍ୟ ସାଂଗଠନିକ ସଂପାଦକ ପ୍ରଣବ ପ୍ରକାଶ ଦାସଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ନୀଳଗିରି ,୧୧।୧ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର ପର୍ଯ୍ୟବେକ୍ଷକ ତଥା ରାଜ୍ୟର ସାଂଗଠନିକ ସଂପାଦକ ଶ୍ରୀଯୁକ୍ତ ପ୍ରଣବ ପ୍ରକାଶ ଦାସ ମୟୂରଭଞ୍ଜ ଗସ୍ତରେ ଯାଉଥିବା ବେଳେ ନୀଳଗିରି ଠାରେ ବିଜୁ ଯୁବ ଜନତା ଦଳ ପକ୍ଷରୁ ଜିଲ୍ଲା ଯୁବ ସଭାପତି ତାପସ କୁମାର ପରିଡ଼ାଙ୍କ ନେତୃତ୍ୱରେ ଶ୍ରୀଯୁକ୍ତ ଦାସଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଅଛି । ନୀଳଗିରି ବାଇପାସ ଠାରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତିରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ । ଏହି ଅବସରରେ ୨ନଂ. ଜୋନର ଜିଲ୍ଲା ପରିଷଦ ସଭ୍ୟ ଶୁଭେନ୍ଦୁ ଶେଖର ଜେନା, ଏନ.ଏ.ସି. ସଭାପତି ରବିନ୍ଦ୍ର ପରିଡ଼ା, ବିଜୟ ପ୍ରଧାନ, ମାନସ ପରିଡ଼ା, କପିଳ ସାମଲ, ରଶ୍ମିରଂଜନ ରାଉତ, ବିସ୍ମୟ ମଲ୍ଲିକ, ଧିରେନ୍ଦ୍ର ଲେଙ୍କା ସମେତ ବହୁ ବିଜୁ ଯୁବ ଜନତା ଦଳର କର୍ମକର୍ତା ଉପସ୍ଥିତ ଥିଲେ ।

# ଆସନ୍ତା ୨୧ ତାରିଖ ଠାରୁ ଦୈନିକ ୩୦ ହଜାର ଭକ୍ତ ଦର୍ଶନ କରିବାର ପାଇଁ ବ୍ୟବସ୍ଥା ହେବ

**■ବୃଦ୍ଧବୃଦ୍ଧାଙ୍କ ଦର୍ଶନ ପାଇଁ ହେବ ସ୍ୱତନ୍ତ୍ର ବ୍ୟବସ୍ଥା**

**■ରବିବାର ଦର୍ଶନ ବନ୍ଦ**

ପୁରୀ,୧୧।୧ (ନି.ପ୍ର): ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ଦର୍ଶନ ପାଇଁ ୯୬ ଘଂଟା ପୂର୍ବର କୋଭିଡ୍ ନେଗେଟିଭ୍ ରିପୋର୍ଟ ଆଣିବା ଅପରିହାର୍ଯ୍ୟ ନେଇ ପ୍ରଶାସନିକ କଟକଣା ଓ ଦର୍ଶନ ବ୍ୟବସ୍ଥା ନେଇ ଭକ୍ତଙ୍କ ଅସନ୍ତୋଷକୁ ଦୃଷ୍ଟିରେ ରଖି ଏ ସମ୍ପର୍କରେ ଆଲୋଚନା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏକ ବୈଠକ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଆଜି ମଧ୍ୟାହ୍ନରୁ ଆରମ୍ଭ ହୋଇଥିଲା । ଏହି ବୈଠକରେ ମୁଖ୍ୟତଃ ଦର୍ଶନ ବ୍ୟବସ୍ଥାକୁ ନେଇ ଭକ୍ତଙ୍କ ଅସନ୍ତୋଷ ବାବଦରେ ଆଲୋଚନା ହୋଇଥିଲା । ସେହିପରି ୨୧ ତାରିଖ ଠାରୁ ଦୈନିକ ୩୦ ହଜାର ଭକ୍ତ ଦର୍ଶନ କରିବାର ପାଇଁ ବ୍ୟବସ୍ଥା ହେବ । ସକାଳ ୭ଟା ଠାରୁ ସାଧାରଣ ଦର୍ଶନ ଆରମ୍ଭ ହେବ । ସକାଳ ୬ଟା ଠାରୁ ୭ଟା ପର୍ଯ୍ୟନ୍ତ ପୁରୀ ସହରବାସୀ ଦର୍ଶନ କରିପାରିବେ । ଅନ୍ୟ ସମୟରେ ପୁରୀ ସହରବାସୀ ଦର୍ଶନ ପାଇଁ ଚାହିଁଲେ ଧାଡିରେ ଦର୍ଶନ ପାଇଁ ଯାଇପାରିବେ । ତେବେ ବୈଠକର ନିଷ୍ପତି ଅନୁଯାୟୀ, ଦର୍ଶନ ନିମନ୍ତେ କୋଭିଡ୍ ନେଗେଟିଭ୍ ସାର୍ଟିଫିକେଟର ଆବଶ୍ୟକତା ନାହିଁ । ଶ୍ରଦ୍ଧାଳୁ ମାନେ ଧାଡିରେ ଯାଇ ସାମାଜିକ ଦୂରତା ରକ୍ଷା କରି ମୁହଁରେ ମାସ୍କ ପିନ୍ଧି ଶ୍ରୀ ଜୀଉଙ୍କ ଦର୍ଶନ କରିପାରିବେ । ଜାନୁଆରୀ ୨୧ ତାରିଖ ଠାରୁ ଫେବୃଆରୀ ୨୧ ତାରିଖ ପର୍ଯ୍ୟନ୍ତ ଏହି କଟକଣା ଜାରୀ ରହିବ । ପୂର୍ବଭଳି ଆନନ୍ଦବଜାରରେ ମହାପ୍ରସାଦ ସେବନକୁ ଅନୁମତି ଦିଆଯାଇନାହିଁ । ସମୀକ୍ଷା ବୈଠକ ପରେ ମୁଖ୍ୟ ପ୍ରଶାସକ କ୍ରିଷନ କୁମାର ଏନେଇ ସୂଚନା ଦେଇ କହିଛନ୍ତି ଯେ, ବୃଦ୍ଧବୃଦ୍ଧାଙ୍କ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ । ସେମାନଙ୍କ ପାଇଁ ସ୍ୱତନ୍ତ୍ର ଧାଡ଼ିର ବ୍ୟବସ୍ଥା କରାଯିବାକୁ ନିଷ୍ପତି ହୋଇଛି । ସେହିପରି ମନ୍ଦିର ସାନିଟାଇଜ୍ କରିବାକୁ ରବିବାର ଦିନ ଦର୍ଶନ ବନ୍ଦ ରହିବ । ଏନେଇ ବୈଠକରେ ନିଷ୍ପତି ହୋଇଥିବା ସମ୍ପର୍କରେ ସମୀକ୍ଷା ବୈଠକ ପରେ ପୁରୀ ଜିଲ୍ଲାପାଳ ସମର୍ଥ ବର୍ମା ସୂଚନା ଦେଇଛନ୍ତି । ଏହି ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ. କ୍ରିଷନ କୁମାର, ଜିଲ୍ଲାପାଳ ସମର୍ଥ ବର୍ମା, ଏସପି କେବି ସିଂହଙ୍କ ସମେତ ପରିଚାଳନା କମିଟିର ସେବାୟତ ପ୍ରତିନିଧି ଯୋଗ ଦେଇଛନ୍ତି । କୋଭିଡ୍ ନେଗେଟିଭ୍ ରିପୋର୍ଟ ବାଧ୍ୟତାମୂଳକ ଉପରେ ବିସ୍ତୃତ ଭାବେ ଆଲୋଚନା ହୋଇଥିବା ଜଣାପଡିଛି ।

## ଓଡିଶା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ଭଗବାନ ଗୁରୁଙ୍କୁ ସମ୍ବର୍ଦ୍ଧନା

ଭୁବନ,୧୧।୧ (ନି.ପ୍ର): ଭୁବନ ର ସର୍ବପୁରାତନ କଳା ସଂସ୍କୃତି କେନ୍ଦ୍ର ମୀରାବାଇ କଳା ବିକାଶ କେନ୍ଦ୍ରର ପ୍ରତିଷ୍ଠାତା ତଥା ଦୂରଦର୍ଶନର ସ୍ୱୀକୃତିପ୍ରାପ୍ତ କଳାକାର,ନାଟ୍ୟ ନିର୍ଦ୍ଦେଶକ ଓ ପ୍ରଯୋଜକ ଭଗବାନ ଗୁରୁ ଢେଙ୍କାନାଳ ଜିଲ୍ଲାରୁ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ର ଏକମାତ୍ର ସଦସ୍ୟ ଭାବେ ମନୋନୀତ ହୋଇଥିବାରୁ ଆଜି ଶ୍ରୀଯୁକ୍ତ ଗୁରୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଭୁବନ କଳା ପରିଷଦ ର ସଭାପତି ଅଧ୍ୟାପକ ଦିଲ୍ଲୀପ କୁମାର ଦାସ ଙ୍କ ସଭାପତିତ୍ୱ ଓ ସମ୍ପାଦକ ଗୁରୁ ପ୍ରସାଦ ମିଶ୍ର ଙ୍କ ସଂଯୋଜନାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ପୂର୍ବତନ ପୌରାଧ୍ୟକ୍ଷା ଶ୍ରୀମତି ସରୋଜ ନଳିନୀ ସାହୁ ଙ୍କ ସମେତ ନରେନ୍ଦ୍ର କୁମାର ସାହୁ,ଲଳିତ କୁମାର ବେହେରା,ଚିତ୍ରଶିଳ୍ପୀ ନାରାୟଣ ସାହୁ,ତୁଷାରକାନ୍ତି ମିଶ୍ର,ସୁରେନ୍ଦ୍ର କୁମାର ପୃଷ୍ଟି,ଦୁଃଶାସନ ପୋଥାଳ,ଲଳିତା ନାୟକ,ଶାନ୍ତିଲତା ଗୁରୁ,କୁନା ସାହୁ,ପ୍ରଫୁଲ୍ଲ ସାହୁ,କୈଳାସ ଚନ୍ଦ୍ର ପୃଷ୍ଟି,ହୃଷିକେଶ ନାୟକ,ରିତେଶ ନାୟକ ପ୍ରମୁଖ ଉପସ୍ଥିତ ରହି ଶ୍ରୀ ଗୁରୁ ଙ୍କ କର୍ମମୟ ଜୀବନୀ ସଂପର୍କରେ ଆଲୋକପାତ କରିବା ସହ ଉତରୋତର ଉନ୍ନତି କାମନା କରିଥିଲେ । ଶେଷରେ ଶ୍ରୀ ଗୁରୁ ଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରି ସମ୍ବର୍ଦ୍ଧିତ କରାଯାଇଥିଲା ଓ ମିଷ୍ଟାନ୍ନ ବଣ୍ଟନ ହୋଇଥିଲା । ମୀରାବାଇ କଳା ବିକାଶ କେନ୍ଦ୍ର ଓ ଭୁବନ କଳା ପରିଷଦ ତରଫରୁ ରାଜ୍ୟ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ କୁମାର ଦାଶ,ଓଡିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ ଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା ।

## ପ୍ରଗତି ଟ୍ୟୁଟୋରିଆଲ ତରଫରୁ ଗୁରୁପୂଜନ

ଭୁବନ,୧୧।୧ (ନି.ପ୍ର): ନୂତନବର୍ଷ ଅବସରରେ ବିଭିନ୍ନ ମାଟ୍ରିକ ବ୍ୟାଚ,କ୍ଲବ ଓ ଟ୍ୟୁଟୋରିଆଲ ତରଫରୁ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ବେଳେ ଭୁବନର ପ୍ରଗତି ଟ୍ୟୁଟୋରିଆଲ ତରଫରୁ ନୀଳକଣ୍ଠପୁର ଫାର୍ମ ଠାରେ ଆଜି ଗୁରୁପୂଜନ ଭଳି ଏକ ନିଆରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଟ୍ୟୁଟୋରିଆଲ ଅଧକ୍ଷ ତପନ କୁମାର ସାହୁ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦେବେନ୍ଦ୍ର ପୃଷ୍ଟି, ସୁରେନ୍ଦ୍ର ପୃଷ୍ଟି,ଦେବାନନ୍ଦ ସାହୁ, ଆର୍ତ ବାରିକ,ପ୍ରୀତିଶ ନନ୍ଦୀ,ବଜରଙ୍ଗି ଅଗ୍ରୱାଲା, ରାକେଶ ରାୟ, ଅମର, ଗୁଣନିଧି ପାତ୍ର, ରାକେଶ ପୋଥାଳ, ବୁଲୁ, ବୁବୁ ପ୍ରମୁଖ ୪୦ ଜଣ ପୁରାତନ ଛାତ୍ର ଯୋଗଦେଇ ଶିକ୍ଷକ ଅରୁଣ କୁମାର ପତି,ବ୍ରଜବନ୍ଧୁ କର,କୈଳାସ ଚନ୍ଦ୍ର ସାହୁ,ଗୁରୁ ପ୍ରସାଦ ମିଶ୍ର,ପ୍ରଜିତ କିଶୋର ସାହୁ,ସୁଶାନ୍ତ କୁମାର ଦାସ ଙ୍କୁ ପ୍ରଥମେ ଫୁଲଚନ୍ଦନ ଦେଇ ପୂଜାର୍ଚ୍ଚନା କରିବା ପରେ ପୁଷ୍ପଗୁଚ୍ଛ,ଉତରୀୟ ପ୍ରଦାନ କରିବା ସହ ଗୁରୁଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ ।

## ୧୨ ଜାନୁଆରୀରେ ଦ୍ୱିତୀୟ ଜାତୀୟ ଯୁବ ସଂସଦର ଉଦ୍‌ଯାପନୀ ଉତ୍ସବରେ ଅଭିଭାଷଣ ଦେବେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୧୧।୧ (ନି.ପ୍ର): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ୧୨ ଜାନୁଆରୀ ୨୦୨୧ ସକାଳ ୧୦.୩୦ରେ ଦ୍ୱିତୀୟ ଜାତୀୟ ଯୁବ ସଂସଦର ଉଦଯାପନୀ ଉତ୍ସବ ଅବସରରେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଅଭିଭାଷଣ ପ୍ରଦାନ କରିବେ । ଏହି ସମାରୋହରେ ତିନି ଜାତୀୟ ବିଜେତା ମଧ ନିଜ ବିଚାର ବ୍ୟକ୍ତ କରିବେ । ଲୋକସଭା ବାଚସ୍ପତି, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଓ କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡା ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ଏହି ଅବସରରେ ଉପସ୍ଥିତ ରହିବେ ।

ଜାତୀୟ ଯୁବ ସଂସଦ ଉତ୍ସବ ଜାତୀୟ ଯୁବ ସଂସଦ ଉତ୍ସବ (ଏନୱାଇପିଏଫ)ର ଉଦ୍ଦେଶ୍ୟ ହେଲା ୧୮ରୁ ୨୫ ବର୍ଷ ବୟସର ଭୋଟ ଦେବା ଅଧିକାର ପାଇଥିବା ଓ ଆଗାମୀ ଦିନରେ ସରକାରୀ ଚାକିରି ସମେତ ବିଭିନ୍ନ ପେସାରେ ଯୋଗ ଦେବାକୁ ଯାଉଥିବା ଯୁବ ପିଢିଙ୍କ ବିଚାର ଶୁଣିବା । ୩୧ ଡିସେମ୍ବର ୨୦୧୭ ମନ କି ବାତ ଅଭିଭାଷଣରେ ପ୍ରତିଫଳିତ ପ୍ରଧାନମନ୍ତ୍ରୀଙ୍କ ଚିନ୍ତାଧାରା ଆଧାରରେ ଏନୱାଇପିଏଫ ଗଢି ଉଠିଛି । ଏହି ଚିନ୍ତାଧାରା ଦ୍ୱାରା ଅନୁପ୍ରାଣିତ ହୋଇ ଜାନୁୟାରୀ ୧୨ରୁ ୨୭, ୨୦୧୯ ଯାଏଁ ନବ ଭାରତର ସ୍ୱର ପାଲଟିବା, ନୀତି ପ୍ରଣୟନରେ ଭାଗ ନେବା ଓ ସମାଧାନ ଖୋଜିବା ବିଷୟକୁ ନେଇ ପ୍ରଥମ ଏନୱାଇପିଏଫ ଆୟୋଜିତ ହୋଇଥିଲା । ସମୁଦାୟ ୮୮ ହଜାର ଯୁବକ/ଯୁବତୀ ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ । ଦ୍ୱିତୀୟ ଏନୱାଇପିଏଫ ଡିସେମ୍ବର ୨୩, ୨୦୨୦ରୁ ଭର୍ଚୁଆଲ ମାଧ୍ୟମରେ ଆରମ୍ଭ ହୋଇଥିଲା । ପ୍ରଥମ ପର୍ଯ୍ୟାୟରେ ସାରା ଦେଶରୁ ୨.୩୪ ଲକ୍ଷ ଯୁବକ/ଯୁବତୀ ଅଂଶଗ୍ରହଣ କରିଥିଲେ । ଏହା ପରେ ଜାନୁୟାରୀ ୧ରୁ ୫, ୨୦୨୧ ଯାଏଁ ରାଜ୍ୟ ଯୁବ ସଂସଦଗୁଡିକ ଭର୍ଚୁଆଲ ମାଧ୍ୟମରେ ଆୟୋଜିତ ହୋଇଥିଲା । ଦ୍ୱିତୀୟ ଏନୱାଇପିଏଫର ଅନ୍ତିମ ପର୍ଯ୍ୟାୟ ଜାନୁୟାରୀ ୧୧, ୨୦୨୧ରେ ସଂସଦର କେନ୍ଦ୍ରୀୟ ହଲରେ ଅନୁଷ୍ଠିତ ହେବ । ରାଜ୍ୟସଭା ସାଂସଦ ରୂପା ଗାଙ୍ଗୁଲି, ଲୋକସଭା ସାଂସଦ ପରବେଶ ସାହିବ ସିଂ ଓ ବିଶିଷ୍ଟ ସାମ୍ବାଦିକ ପ୍ରଫୁଲ୍ଲ କେତକରଙ୍କୁ ନେଇ ଗଠିତ ଜାତୀୟ ବିଚାରକ ମଣ୍ଡଳୀ ସମ୍ମୁଖରେ ୨୯ ଜାତୀୟ ବିଜେତା ବକ୍ତବ୍ୟ ଉପସ୍ଥାପନ କରିବାର ସୁଯୋଗ ପାଇବେ । ଶ୍ରେଷ୍ଠ ତିନି ବିଜେତା ଜାନୁଆରୀ ୧୨ରେ ହେବାକୁ ଥିବା ଉଦଯାପନୀ ଉତ୍ସବ ସମାରୋହରେ ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତିରେ ବକ୍ତବ୍ୟ ପ୍ରଦାନ କରିବାର ସୁଯୋଗ ପାଇବେ ।

## ଡେପୁଟି ଜେନେରାଲ୍ ମ୍ୟାନେଜରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଭଦ୍ରକ,୧୦।୧ (ନି.ପ୍ର): ବାଲେଶ୍ୱର - ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ଡେପୁଟି ଜେନେରାଲ ମ୍ୟାନେଜର ତଥା ପୂର୍ବତନ ସମ୍ପାଦକ ଅଶ୍ୱିନୀ କୁମାର ନାୟକଙ୍କୁ ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖା ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଭଦ୍ରକ ଶାଖାର ଶାଖା ପରିଚାଳକ ନିର୍ମଳ ଚନ୍ଦ୍ର ସେଠୀ ଉତ୍ସବରେ ସଭାପତିତ୍ୱ କରି ସେବାନିବୃତ ଅଧିକାରୀ ଶ୍ରୀଯୁକ୍ତ ନାୟକଙ୍କ ଗୁଣାବଳୀ ବର୍ଣ୍ଣନା କରିଥିଲେ । ବ୍ୟାଙ୍କର କର୍ମଚାରୀମାନେ ଆନ୍ତରିକତାର ସହିତ କାର୍ଯ୍ୟ କଲେ ବ୍ୟାଙ୍କ ତଥା ସେବା ସମବାୟ ସମିତି ଓ ସମାଜର ସାମଗ୍ରିକ ବିକାଶ ହୋଇ ପାରିବ ବୋଲି ସମ୍ବର୍ଦ୍ଧନାର ପ୍ରତ୍ୟୁତରରେ ଶ୍ରୀଯୁକ୍ତ ନାୟକ କହିଥିଲେ । ଉତ୍ସବରେ ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ରଘୁନାଥ ଲେଙ୍କା ମୁଖ୍ୟଅତିଥି ଭାବେ ଯୋଗ ଦେଇ ଶ୍ରୀଯୁକ୍ତ ଲେଙ୍କାଙ୍କ କାର୍ଯ୍ୟଶୈଳୀ ଓ ଦକ୍ଷତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ବ୍ୟାଙ୍କ ସ୍ୱଳ୍ପ କର୍ମଚାରୀଙ୍କୁ ନେଇ କିପରି ଆଗକୁ ଆଗେଇବ ସେ ସମ୍ପର୍କରେ ନିଜର ମତ ଉପସ୍ଥାପନ କରିଥିଲେ । ଏହି ଅବସରରେ ସଭାପତି ବ୍ୟାଙ୍କର କୌଣସି କର୍ମଚାରୀ ଚାକିରି ଥିବା ସମୟରେ ପରଲୋକ ଗମନ କରନ୍ତି ତାଙ୍କୁ ୨ ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ଘୋଷଣା କରିବା ସହ ମୃତ୍ୟୁ ବରଣ କରିଥିବା ୨ଜଣ କର୍ମଚାରୀଙ୍କ ଲାଗି ଟଙ୍କା ମଞ୍ଜୁର ହୋଇଥିବା ସୂଚନା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜୋନାଲ ଅଫିସର ନିର୍ମଳ ସୂତାର, ସେବା ସମବାୟ ସମିତି କର୍ମଚାରୀ ସଂଘର ସମ୍ପାଦକ ଅରୁଣ ଉଦୟ ପାତ୍ର, ପୂର୍ବତନ ସୁପରଭାଇଜର ପ୍ରଭାକର ମହାନ୍ତି, ପୂର୍ବତନ ସମ୍ପାଦକ ରମେଶ ଚନ୍ଦ୍ର ସେନ, ରମେଶ ଚନ୍ଦ୍ର ପରିଡା, ଭଦ୍ରକ ଶାଖାର କର୍ମଚାରୀ ଗୋଲକ ବିହାରୀ ଦାସ, କଳ୍ପନା ଲେଙ୍କା, ଝାନ୍ସୀ ନାୟକ, ମହେଶ୍ୱର ନାୟକ, ସୁଶାନ୍ତ ମୁଖୀ, ସମିତି ସମ୍ପାଦକ ରମାକାନ୍ତ ଦାସ, ଗୌରାଙ୍ଗ ନାୟକ, ନାରାୟଣ ସାହୁ, ତିଲୋତ୍ତମା ମହାନ୍ତି, ପ୍ରିୟରଞ୍ଜନ ମହାନ୍ତି, ଭରତ ପାତ୍ର, ତପନ କୁମାର ନାୟକ, ଭାଗିରଥୀ ସ୍ୱାଇଁ, ଅମିୟ ରଂଜନ ସେନ, ବିଷ୍ଣୁମୋହନ ଘଡେଇ, ଦୟାନିଧି ପଣ୍ଡା, ସହସମ୍ପାଦକ ଅନିରୁଦ୍ଧ ଧିନ୍ଦା, ଭଗବାନ ସାମଲ, କିଶୋର ପଣ୍ଡା, ପ୍ରତାପ ଅରଖ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଡେସିଙ୍ଗା ସେବା ସମବାୟ ସମିତିର ସମ୍ପାଦକ ରାଜେନ୍ଦ୍ର ଖଣ୍ଡାଇ ଧନ୍ୟବାଦ ଅର୍ପଣ କରିଥିଲେ ।

# ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଦ୍ୱାରା ସ୍ୱଚ୍ଛତା ପଦଯାତ୍ରା ଓ ସଫେଇ ଅଭିଯାନ




ଧାମନଗର,୧୧।୦୧ (ନି.ପ୍ର): ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଦ୍ୱାରା ସ୍ୱଚ୍ଛତା ପଦଯାତ୍ରା ଓ ସଫେଇ ଅଭିଯାନ ସୋମବାର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡ଼ାକ୍ତର ଦୀପକ କୁମାର ନାୟକ ଏହି ସ୍ୱଚ୍ଛତା ପଦଯାତ୍ରାକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିବାବେଳେ ବଜାରରେ ଥିବା ଅଳିଆ ଆବର୍ଜନାକୁ ସଫେଇ କରାଯାଇଥିଲା। ଏହି ପଦଯାତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ବାହାରି ଧାମନଗର ଏନ୍.ଏସି ଅଞ୍ଚଳର ବିଭିନ୍ନ ଜାଗା ପରିକ୍ରମା କରିଥିଲା। ଏହି ଅବସରରେ ପଦଯାତ୍ରାରେ ଭାଗନେଇଥିବା କର୍ମକର୍ତ୍ତାମାନେ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଦୋକାନି ମାନଙ୍କୁ ସ୍ୱଚ୍ଛତା ନେଇ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଧାମନଗର ସେକ୍ଟରର ଆଶାକର୍ମୀ, ସ୍ୱାସ୍ଥ୍ୟକର୍ମୀ ଓ ସୁପରଭାଇଜର ମାନେ ଅଂଶଗ୍ରହଣ କରିଥିଲେ। ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ କିଶୋର ଚନ୍ଦ୍ର ପଣ୍ଡା ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ବ୍ଲକ ପ୍ରୋଗ୍ରାମ ଅଫିସର ଜିତେନ୍ଦ୍ର ନାରାୟଣ ବିଶ୍ୱାଳ ପରିଚାଳନା କରିଥିଲେ। ସର୍ବଶେଷରେ ଡ଼ାକ୍ତର ଦୀପକ ନାୟକଙ୍କ ଅଧ୍ୟକ୍ଷତାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ ଏକ ବୈଠକରେ ଡ଼ାକ୍ତର ରାଜଦୀପ ତ୍ରିପାଠୀ, ମିତାଲି ଶ୍ରୀବାସ୍ତବଙ୍କ ସମେତ ଡ଼ାକ୍ତରଖାନାର ଅନ୍ୟଅଧିକାରୀ ମାନେ ଉପସ୍ଥିତ ରହି ସ୍ୱଚ୍ଛତା ଓ ସଫେଇ କାର୍ଯ୍ୟକ୍ରମ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ସ୍ୱାସ୍ଥ୍ୟ ପରିଦର୍ଶକ ରାମଚନ୍ଦ୍ର ପଲାଇ ଉପସ୍ଥିତ ଥିବା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଜାନୁଆରୀ ୧୩ରେ ପାରାଦ୍ୱୀପ ବନ୍ଦର କ୍ରିକେଟ ଜିଲ୍ଲାର ୧୬ବର୍ଷରୁ କମ୍ ବାଳକ ବିଭାଗର ଚୟନ

ପାରାଦ୍ୱୀପ,୧୧।୦୧ (ନି.ପ୍ର): ଓଡିଶା କ୍ରିକେଟ ଆସୋସିଏସନ ଦ୍ୱାରା ଆୟୋଜନ ହେବାକୁ ଥିବା ୧୬ ବର୍ଷରୁ କମ (ବାଳକ) କ୍ରିକେଟ ଟିମ୍ ପାଇଁ ପାରାଦ୍ୱୀପ କ୍ରିକେଟ ଜିଲ୍ଲା ନିମନ୍ତେ ଖେଳାଳୀ ଚୟନ ଆସନ୍ତା ଜାନୁଆରୀ ୧୩ ତାରିଖ ବୁଧବାର ଦିନ ସକାଳ ୧୧ଟା ସମୟରେ ପାରାଦ୍ୱୀପ ର ଗୋପବନ୍ଧୁ ଷ୍ଟାଡିୟମ ଠାରେ ଅନୁଷ୍ଠିତ ହେବାକୁ ଯାଉଛି। ଇଚ୍ଛୁକ ଖେଳାଳୀମାନେ ଜନ୍ମ ପ୍ରମାଣ ପତ୍ର ସହ ଗୋପବନ୍ଧୁ ଷ୍ଟାଡିୟମରେ ଉପସ୍ଥିତ ରହି ଏହି ଚୟନରେ ଭାଗ ନେବାକୁ ପାରାଦ୍ୱୀପ ବନ୍ଦର କ୍ରିକେଟ ଜିଲ୍ଲା ପକ୍ଷରୁ ସୂଚନା ମିଳିଛି। ଜିଲ୍ଲାର ମନୋନୀତ ଖେଳାଳୀ ମାନେ ଓଡିଶା କ୍ରିକେଟ୍ ଆସୋସିଏସନ ଦ୍ୱାରା ଆସନ୍ତା ଜାନୁଆରୀ ୨୦ ତାରିଖରେ ଆୟୋଜନ ହେବାକୁ ଥିବା ୧୬ବର୍ଷରୁ କମ୍ କ୍ରିକେଟ ପ୍ରତିଯୋଗିତାରେ ଭାବ ନେବେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ମହାନଦୀ ଶଯ୍ୟାରେ .....

୧୭୫ ଏକର ଜମିରେ ନିର୍ମିତ ହେବାକୁ ଥିବା ଏହି ପ୍ରକଳ୍ପ କାମକୁ ୨୦୨୪ ସୁଦ୍ଧା ସାରିବାର ଟାର୍ଗେଟ୍ ରହିଛି । ସେଇଥିପାଇଁ ମହାନଦୀ କୂଳରେ ଦ୍ରୁତଗତିରେ ପ୍ରସ୍ତୁତି ଚାଲିଛି ଭିତ୍ତିଭୂମି । ଖୋଳାଚାଲିଛି ମହାନଦୀ। ପୋତାଚାଲିଛି ମହାନଦୀର ବିସ୍ତୀର୍ଣ୍ଣ ଶଯ୍ୟା। ଏଥିସହ ବର୍ଫି ପ୍ରକଳ୍ପ ପାଇଁ ବି ବାଲିଯାତ୍ରା ପଡ଼ିଆ ଏବେ ପାଖାପାଖି ୬ ଫୁଟ ବାଲିରେ ପୋତି ହୋଇଗଲାଣି। ବାଲି ଭରା କାମ ସରିବା ଉପରେ। ହେଲେ ବିକାଶର ପରିକଳ୍ପିତ ହାଲୋଳି ଭିତରେ ଯାର ବିପରୀତ ଫଳକୁ ନେଇ ବି ଆଶଙ୍କା ବଢୁଛି । ନଦୀ ଶଯ୍ୟା ପୋତା ଯାଇ ସ୍ଥାୟୀ ନିର୍ମାଣ, କଟକ ସହରକୁ ବିପଦରେ ପକାଇବନି ତ ? ଏପଟେ କଟକ ସହର ପଟେ ଶଯ୍ୟା ପୋତାଯାଉଥିବାରୁ ଚୌଦ୍ୱାର ପଟକୁ ନଦୀ ଗତିପଥ ବଦଳିବା ଆଶଙ୍କାକୁ ନେଇ ଚିନ୍ତାରେ ଚୌଦ୍ୱାର ବାସିନ୍ଦା। କେବଳ ଲୋକଙ୍କ ଆଶଙ୍କା ନୁହେଁ, ପରିବେଶବିତ୍ ମଧ ମହାନଦୀ ଶଯ୍ୟାରେ ଏଭଳି ସ୍ଥାୟୀ ନିର୍ମାଣକୁ ବିରୋଧ କରିବା ସହ ଏହା ଏନ୍‌ଜିଟିର ପୂର୍ବ ନିର୍ଦ୍ଦେଶର ଉଲ୍ଲଂଘନ କରୁଥିବା କହିଛନ୍ତି। ପୂର୍ବରୁ ଅନ୍ୟ ଏକ ପ୍ରସଙ୍ଗରେ ମହାନଦୀ ଶଯ୍ୟାରେ ମନ୍ଦିର ନିର୍ମାଣକୁ ନ୍ୟାସନାଲ୍ ଗ୍ରୀନ୍ ଟ୍ରିବ୍ୟୁନାଲ୍ ବେଆଇନ୍ ବୋଲି ଦର୍ଶାଇଥିଲେ । ଦିଲିପ କୁମାର ସାମନ୍ତରାୟ ବନାମ ରାଜ୍ୟ ସରକାରଙ୍କ ମାମଲାର ଏକ ଅର୍ଡର ଆସିଥିଲା। ଯେଉଁଥିରେ ଏନ୍‌ଜିଟି ମହାନଦୀ ଶଯ୍ୟାରେ ପଞ୍ଚମୁଖୀ ହନୁମାନ ମନ୍ଦିର ଟ୍ରଷ୍ଟ ଦ୍ୱାରା ନିର୍ମାଣ କାର୍ଯ୍ୟକୁ ବେଆଇନ୍ ବୋଲି କହିବା ସହ ଏଭଳି ନିର୍ମାଣକୁ ଅନୁମତି ଦିଆଯିବା ଉଚିତ ହେବନି ବୋଲି କହିଥିଲେ । ତେଣୁ ଏଭଳି ସ୍ଥିତିରେ ସେଇ ସମାନ ନଦୀ ଶଯ୍ୟାରେ ଏସ୍‌ସିବି କ୍ୟାମ୍ପସ୍ ଏବଂ ଅନ୍ୟ ପ୍ରକଳ୍ପ ପାଇଁ ଅନୁମତି କିଭଳି ମିଳିବ ତାକୁ ନେଇ ବି ପ୍ରଶ୍ନ ଉଠିଛି ହେଲେ ସ୍ଥାନୀୟ ସାଂସଦ କହିଛନ୍ତି ଯାହାକିଛି ହେଉଛି ନିୟମ ଅନୁଯାୟୀ ହେଉଛି ।

## ପଶ୍ଚିମ ଓଡ଼ିଶା ବିକାଶ...

ଏହାସହିତ ତୃଣମୂଳସ୍ତରୀୟ ସର୍ଭେ ରିପୋର୍ଟ ଆଧାରରେ ବିକାଶ ମାନଦଣ୍ଡର ଏକ ଡାଟାବେସ୍ ପ୍ରସ୍ତୁତ ନିମନ୍ତେ ସେ ପରିଷଦର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନିଷ୍ପତ୍ତିରେ ପାରଦର୍ଶିତା ଓ ଶୀଘ୍ର ଫାଇଲ କାମ କରିବା ନିମନ୍ତେ ଫାଇଭ-ଟି ନୀତି ଅନୁସରଣ କରିବାକୁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ଫାଇଲର କମ୍ପ୍ୟୁଟରୀକରଣ ସ ତାକୁ ଓସ୍ୱାସ୍ ମାଧ୍ୟମରେ ସଂଯୋଗ କରିବାକୁ ସେ ପରିଷଦ ସିଇଓ ସରୋଜ କୁମାର ପଟେଲଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସାମାଜିକ-ଅର୍ଥନୀତିକ ବିକାଶ କ୍ଷେତ୍ରରେ ନିର୍ଦ୍ଦିଷ୍ଟ ସଫଳତା ହାସଲ ନିମନ୍ତେ ପ୍ରଦର୍ଶନ ବୃଦ୍ଧି ପାଇଁ ସେ ସମସ୍ତ ଅଫିସରଙ୍କୁ ପରାମର୍ଶ ଦେଇଥିଲେ। ଆବଶ୍ୟକ ପଡ଼ିଲେ ଅଫିସର ଓ କର୍ମଚାରୀଙ୍କୁ ଦକ୍ଷତା ବିକାଶ ବୃଦ୍ଧି ନିମନ୍ତେ ପରାମର୍ଶ ଦେଇଛନ୍ତି। ପରିଷଦ ଅଧୀନରେ ଥିବା ୧୦ଟି ଜିଲ୍ଲାରେ ପ୍ରାୟ ୩ହଜାର ପ୍ରୋଜେକ୍ଟ ଏବେ କାର୍ଯ୍ୟକାରୀ ସ୍ଥିତିରେ ରହିଥିବା ସମୀକ୍ଷା ବେଳେ ଜଣାପଡ଼ିଥିଲା। ସୂଚନାଯୋଗ୍ୟ, ଡିସେମ୍ବର ୩୧ତାରିଖରେ ସରକାରୀ ଚାକିରିରୁ ଅବସର ନେବାପରେ ତାଙ୍କୁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧକ୍ଷ ଓ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ଭାବେ ନିଯୁକ୍ତି ମିଳିଥିଲା। ସେ ମୁଖ୍ୟମନ୍ତ୍ରୀଙ୍କ ଉପଦେଷ୍ଟା ଭାବେ ଆଚଂଳିକ ବିକାଶ, ପର୍ଯ୍ୟଟନ ଓ ନିଯୁକ୍ତି କ୍ଷେତ୍ରରେ ସରକାରଙ୍କୁ ପରାମର୍ଶ ଦେବେ। ପଶ୍ଚିମ ଓଡ଼ିଶାବ ବିକାଶ ପରିଷଦ ଭଳି ରାଜନୀତିକ ପଦବୀରେ ଶ୍ରୀ ତ୍ରିପାଠୀଙ୍କୁ ଅବସ୍ଥାପିତ କରି ବିଜେଡି ସରକାର ଭବିଷ୍ୟତରେ ତାଙ୍କୁ ରାଜନୀତିକ ମଇଦାନକୁ ଓହ୍ଲାଇବାକୁ ମାର୍ଗ ପ୍ରଶସ୍ତ କରୁଛି। ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧୀନରେ ଥିବା ଜିଲ୍ଲାଗୁଡ଼ିକରେ ବିଜେଡି ନିଜର ଭୋଟବ୍ୟାଙ୍କ ବୃଦ୍ଧି କରିବା ଲକ୍ଷ୍ୟରେ ଶ୍ରୀ ତ୍ରିପାଠୀଙ୍କୁ ଅବସ୍ଥାପିତ କରିଥିବା ଜଣାପଡ଼ିଛି।

## କରୋନା ଟିକାକରଣ ନେଇ ....

ଏହି ଟିକାକରଣ ପାଇଁ ଯେଉଁ ଅର୍ଥ ଖର୍ଚ୍ଚ ହେବ ତାହା କେନ୍ଦ୍ର ସରକାର ବହନ କରିବେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଅନ୍ୟପଟେ ଟିକା ନେବା ପରେ ଯଦି କୌଣସି ଲୋକ ପାଖରେ ପାଶ୍ୱ ପ୍ରତିକ୍ରିୟା ଦେଖାଯାଏ ତାହେଲେ ସେନେଇ କେନ୍ଦ୍ର ସରକାର ପ୍ରସ୍ତୁତ ରହିଛନ୍ତି ବୋଲି ପ୍ରଧାନମନ୍ତ୍ରୀ ଭରଶା ଦେଇଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଡ୍ରଗ୍ସ କଣ୍ଟ୍ରୋଲ ଜେନରଲ ଅଫ୍ ଇଣ୍ଡିଆ (ଡିସିଜିଆଇ) କିଛିଦିନ ପୂର୍ବରୁ ଦେଶରେ ପ୍ରସ୍ତୁତ ହୋଇଥିବା ୨ ଟି ଭ୍ୟାକସିନକୁ ଜରୁରୀ କାଳିନ ବ୍ୟବହାର ପାଇଁ ଅନୁମତି ପ୍ରଦାନ କରିଛନ୍ତି । ଏହାପରେ କେନ୍ଦ୍ରସରକାରଙ୍କ ପକ୍ଷରୁ ଟିକାକରଣର ପାକ୍ ପ୍ରସ୍ତୁତି ସବୁ ରାଜ୍ୟରେ ଶେଷ କରାଯାଇଛି । ୧୬ ତାରିଖ ଦିନ ଟିକା କରଣ ଆରମ୍ଭ ହେବ । ଏହି ଟିକା କରଣ କାର୍ଯ୍ୟରେ ଦେଶର ୧୯ କେନ୍ଦ୍ରିୟ ମନ୍ତ୍ରଣାଳୟର କର୍ମଚାରୀ ମାନେ ନିୟୋଜିତ ହେବେ ।

## ବାଲେଶ୍ୱର ଯୁବତୀଙ୍କୁ....

ମୃତ ଯୁବତୀଙ୍କ ଘର ବାଲେଶ୍ୱର ଜିଲ୍ଲାର ବୋଲି ପୁଲିସ ଜାଣିବାକୁ ପାଇଥିଲା। ସମ୍ପୃକ୍ତ ବ୍ୟକ୍ତିଙ୍କ ବୟାନ ଆଧାରରେ ପୁଲିସ ଭୁବନେଶ୍ୱରରେ ରହୁଥିବା ଦମ୍ପତିଙ୍କୁ ଅଟକ ରଖି ଜେରା କରିଥିଲା। ପରେ ପୂରା ଘଟଣା ଉପରୁ ପର୍ଦ୍ଦା ହଟିଥିଲା। ଘଟଣାଟି ଏମିତି। ବାଲେଶ୍ୱର ଜିଲ୍ଲା ଅଞ୍ଚଳର ଜଣେ ଯୁବତୀ ଭୁବନେଶ୍ୱରରେ ଜଣଙ୍କ ଘରେ ସହାୟିକା ଭାବେ କାମ କରୁଥିଲେ। ସେଠାରେ ରହିଣୀ ସମୟରେ ତାଙ୍କୁ ନିର୍ଯାତନା ଦିଆଯାଇଥିଲା। କାମରେ ଖିଲାପ କରିବାରୁ ଯୁବତୀଙ୍କୁ ନିସ୍ତୁକ ମାଡ଼ ମରିଥିଲେ ଦମ୍ପତି। ଫଳରେ ଯୁବତୀଙ୍କ ମୃତ୍ୟୁ ଘଟିଥିଲା। ଏହା ପରେ ଦମ୍ପତିଙ୍କ ଅକଲ ଗୁଡୁମ ହୋଇଯାଇଥିଲା। ହତ୍ୟା ପରେ ପ୍ରମାଣ ନଷ୍ଟ କରିବା ପାଇଁ ଉଦ୍ୟମ କରିଥିଲେ। ଏକ ଓଲା କାର୍ଯରେ ଯୁବତୀଙ୍କ ମୃତଦେହକୁ ନେଇ ଭୂଷଣ୍ଡପାଳ ନିକଟରେ ଫିଙ୍ଗି ଦେଇଥିଲେ। ପୁଲିସ ଘଟଣାରେ ଦମ୍ପତିଙ୍କୁ ଗିରଫ କରିଥିବା ବେଳେ ମୃତଦେହ ନେବାରେ ବ୍ୟବହୃତ ଓଲା କାର୍ଯକୁ ପୁଲିସ ଜବତ କରିଛି। ଏହି ମାମଲାରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି, ତାହା ଉପରେ ତଦନ୍ତ ଚାଲିଛି। ଅନ୍ୟ କାହାର ସମ୍ପୃକ୍ତି ଥିଲେ ସେମାନଙ୍କୁ ତଦନ୍ତ ପରିସରଭୂକ୍ତ କରାଯିବ ବୋଲି ଗଞ୍ଜାମ ଏସ୍‌ପି କହିଛନ୍ତି।

## କୋଇଲା କ୍ଷେତ୍ର ପାଇଁ ....

ମୋଦି ସରକାରରେ ବିଗତ କିଛି ବର୍ଷ ମଧରେ କୋଇଲା କ୍ଷେତ୍ରରେ ଅନେକ ଗୁଡ଼ିଏ ସଂସ୍କାର ଅଣାଯାଇଛି। କ୍ଲିୟରାନ୍ସର ଶୀଘ୍ର ଅନୁମୋଦନ କୋଇଲା କ୍ଷେତ୍ରକୁ ଲାଭ ଦେବ, ଅଧିକ ନିଯୁକ୍ତି ସୃଷ୍ଟି କରିବା ସହ ଆତ୍ମନିର୍ମାଣ ଭାରତ ନିର୍ମାଣରେ ସହାୟକ ହେବ। ଏହା ସଙ୍ଗେସଙ୍ଗେ ଦେଶର ଅର୍ଥନୀତିକୁ ମଧ କୋଇଲା କ୍ଷେତ୍ର ଗତି ଦେବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି।

## ଗୋଟିଏ ଦିନରେ .....

କଟକରୁ ୫ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଦେବଗଡରୁ ୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଢେଙ୍କାନାଳରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ସେହିପରି ଗଜପତି ଜିଲ୍ଲାରୁ ୧୯ ଜଣ ଚିହ୍ନଟ ହୋଇଥିବା ବେଳେ ଗଂଜାମ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଜଗତସିଂହପୁରରୁ ଜଣେ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଯାଜପୁରରୁ ୧୦ ଜଣ, ଝାରସୁଗୁଡ଼ାରୁ ୧୯ ଜଣ ଚିହ୍ନଟ ହୋଇଥିବା ବେଳେ କଳାହାଣ୍ଡିରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି କନ୍ଧମାଳ ଜିଲ୍ଲାରୁ ୭ ସଂକ୍ରମିତ ଚିହ୍ନଟ ହୋଇ ଥିବା ବେଳେ କେନ୍ଦ୍ରାପଡ଼ାରୁ ୫ ଜଣ ଚିହ୍ନଟ ହୋଇଛନ୍ତି । କେନ୍ଦୁଝରରୁ ୭ , ଖୋର୍ଦ୍ଧାରୁ ୯ ଜଣ ଚିହ୍ନଟ ହୋଇଥିବା ବେଳେ କୋରାପୁଟରୁ କେହି ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ମାଲକାନଗିରିର ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୫ ଜଣ ସଂକ୍ରମିତ ହୋଇଥିବା ବେଳେ ନବରଙ୍ଗପୁରରୁ ଓ ନୟାଗଡ ଜିଲ୍ଲାରୁ କେହି ସଂକ୍ରମିତ ଚିହ୍ନଟ ହୋଇନାହାନ୍ତି। ସେହିପରି ନୂଆପଡ଼ାରୁ ୪ ଜଣ ଚିହ୍ନଟ ହୋଇଥିବା ବେଳେ ପୁରୀ ଜିଲ୍ଲାରୁ ୮ ଜଣ ଓ ରାୟଗଡା ଜିଲ୍ଲାରୁ ୮ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସମ୍ବଲପୁରରୁ ୩୭ ଜଣ ଚିହ୍ନଟ ହୋଇଥିବା ବେଳେ ସୋନପୁରରୁ ୪ , ସୁନ୍ଦରଗଡ଼ରୁ ୨୨ ଜଣ ଓ ଷ୍ଟେଟ୍‌ପୁଲ୍‌ରୁ ୨ ଜଣ ଚିହ୍ନଟ ହୋଇଛନ୍ତି।

# ସଂସ୍କୃତି ଓ ସଂସ୍କୃତି ପକ୍ଷରୁ ଭଲ ପାଇବାର ବର୍ଷ ପାଳନ




ଭୁବନେଶ୍ୱର,୧୧/୧(ନି.ପ୍ର): ଭୁବନେଶ୍ୱରସ୍ଥିତ ବୌଦ୍ଧ ମନ୍ଦିର ପରିସରରେର ୨୦୨୧ ଭଲପାଇବାର ବର୍ଷ ଅମୃତୀ ଅନୁଷ୍ଠାନ ସଂସ୍କୃତି ଓ ସଂସ୍କୃତିର ସଭାପତି ପ୍ରଦୋଷ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ସାଂସଦ ଅଚ୍ୟୁତ ସାମନ୍ତ, ଗୁରୁ ରାମନାରାୟଣ ଦାସ, ବୌଦ୍ଧ ଭିକ୍ଷୁ ଅତିଥି ଭାବରେ ଯୋଗଦେଇଥିଲେ । ଏହି ଉତ୍ସବରେ ବହୁ କଳାକାର, ଲେଖକ, କଂଠଶିଳ୍ପୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରାରମ୍ଭରେ ଶ୍ରୀ ରାକେଶ ବିଶ୍ୱା ଙ୍କ ଭାଓଲିନ୍ ବାଦନ ବେଶ ଚିତାକର୍ଷକ ହୋଇଥିଲା । ପରିଶେଷରେର ସଂପାଦକ ଦିଲ୍ଲିପ ହାଲି ଧନ୍ୟବାଦ ଅର୍ପଣ କରିଥିଲେ ।

# ଜେଏମଏମ ସୁପ୍ରିମୋ ଶିବୁ ସରେନଙ୍କ ଜନ୍ମଦିନରେ ଦଳ ପକ୍ଷରୁ କମ୍ବଳ ବଣ୍ଟନ

ବାରିପଦା,୧୧।୦୧ (ନି.ପ୍ର): ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚାର ସୁପ୍ରିମୋ ଶିବୁ ସରେନଙ୍କ ଜନ୍ମ ଦିବସ ଅବସରରେ ବାରିପଦାରେ କମ୍ବଳ ବଣ୍ଟନ କରାଯାଇଛି। ଶିବୁ ସରେନ କନ୍ୟା ତଥା ଜେଏମଏମ ଦଳର ଓଡିଶା ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ଅନୀ ସୋରେନଙ୍କ ଦ୍ୱାରା ବାରିପଦା ସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲରେ ରୋଗୀମାନଙ୍କୁ କମ୍ବଳ ବଣ୍ଟନ କରିଥିଲେ। ଦିସମଗୁରୁ ଶିବୁ ସରେନଙ୍କ ଜନ୍ମଦିନକୁ ତାଙ୍କ ସୁକନ୍ୟା ଅନୀ ସୋରେନ ନିଆରା ଢଙ୍ଗରେ ପାଳନ କରିବାକୁ ଇଚ୍ଛା ନେଇ ଜନ୍ମଦିନକୁ ଧୁମଧାମରେ ପାଳନ ନକରି ମୟୂରଭ ଜିଲ୍ଲାର ମୁଖ୍ୟ ଚିକିତ୍ସାଳୟ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ମହିଳା, ଶିଶୁ ଓ ଅନ୍ୟାନ୍ୟ ୱାର୍ଡରେ ଚିକିତ୍ସାଧୀନ ଥିବା ରୋଗୀମାନଙ୍କ ପାଖକୁ ଯାଇ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିବା ସହ ୩୦୦୦ ଟି କମ୍ବଳ ରୋଗୀ ଓ ତାଙ୍କ ସହିତ ଥିବା ସମ୍ପର୍କୀୟଙ୍କୁ ବଣ୍ଟନ କରଥିଲେ। ଜନ୍ମଦିନ ରେ ଗରିବ ଅସହାୟଙ୍କୁ ସହାୟତା କରୁଥିବାରୁ ତାଙ୍କୁ ବିଭିନ୍ନ ମହଲରେ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ଆଗକୁ ମଧ ଏହିଭଳି ସେବା କାର୍ଯ୍ୟ ଜାରି ରହିବ ବୋଲି ସେ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସମ୍ପାଦକ ପ୍ରଭୁଦାନ ମାର୍ଣ୍ଡି, ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ମୂର୍ଚ୍ଛନା ଦାସ ପଟ୍ଟନାୟକ, ବରିଷ୍ଠ ନେତା ସୁନ୍ଦର ମୋହନ ସିଂ, କୁଳିଅଣା ବ୍ଲକ ସଭାପତି ରାମଚନ୍ଦ୍ର ମୁର୍ମୁ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ।

# ମା ବାଳକୁମାରୀଙ୍କ ପୀଠରେ ଲିଫ୍ଟ ବ୍ୟବସ୍ଥା ହେବ : ବିଧାୟିକା ଉଷା ଦେବୀ



ବ୍ରହ୍ମପୁର,୧୧।୦୧ (ନି.ପ୍ର): ରାଜ୍ୟ ସରକାର ଗଞ୍ଜାମର ବିଭିନ୍ନ ପଯର୍ୟଟନ କ୍ଷେତ୍ରର ବିକାଶ ପାଇଁ ଉଦ୍ୟମ ଜାରି ରଖିଥିବା ବେଳେ ଚିକିଟି ରାଜ ପରିବାରର ଅଧିଷ୍ଠାତ୍ରୀ ଦେବୀ ମା ବାଳକୁମାରୀଙ୍କ କ୍ଷେତ୍ରକୁ ଯାତାୟତ କରିବାରେ ଯେଉଁ ସମସ୍ୟା ରହିଥିଲା ତାହା ଦୂର ହେବାରେ ଲାଗିଛି। ପାହାଡ଼ ଶିଖରକୁ ଯାନବାହାନ ଚଳାଚଳ ଆରମ୍ଭ ହୋଇଥିବା ବେଳେ ଏହି ପୀଠର ଉନ୍ନତି ପାଇଁ ବହୁ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଚିକିଟି ବିଧାୟିକା ତଥା ପୂର୍ବତନ ମନ୍ତ୍ରୀ ଉଷାଦେବୀ ପ୍ରକାଶ କରିଛନ୍ତି। ଚିକିଟିସ୍ଥିତ ଶ୍ରୀ ବାଲାଜି ଠାକୁର ଅବସରପ୍ରାପ୍ତ କର୍ମଗ୍ରରୀ ସମନ୍ୱୟ ସମିତିର ଦଶମ ବାର୍ଷିକ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଧାୟକ କହିଥିଲେ ଯେ ସୁନପୁରରୁ ଚିକିଟି ପଯର୍ୟନ୍ତ ପଯର୍ୟଟନ କରିଡର ପାଇଁ ରାଜ୍ୟ ସରକାରଙ୍କ ଯୋଜନା ରହିଛି ଏବଂ ଚିକିଟି ଅଧିଷ୍ଠାତ୍ରୀ ଦେବୀ ମା ବାଳକୁମାରୀଙ୍କ ଦର୍ଶନ ନିମନ୍ତେ ବରିଷ୍ଠ ନାଗରିକଙ୍କ ପାଇଁ ଲିଫ୍ଟ ପ୍ରତିଷ୍ଠା କରାଯିବା ପାଇଁ ମୁଖ୍ୟମନ୍ତ୍ରୀ ଦୁଇ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏହି ଅବସରରେ ବରିଷ୍ଠ ଭେଷଜ ବିଶେଷଜ୍ଞ ପ୍ରଫେସର ଡ଼ା.ପି.ସି.ସାହୁ ଓ ବରିଷ୍ଠ ସାମ୍ବାଦିକ ତଥା ନବୀନର ସମ୍ପାଦକ ରବି ରଥଙ୍କ ସମେତ ପ୍ରାଧ୍ୟାପକ ଡ଼. ଅଲେଖ ଚନ୍ଦ୍ର ପ୍ରଧାନ, ଦୀପକ କୁମାର ପାତ୍ର, ପ୍ରକାଶ ରାଓ ସୁବୁଦ୍ଧି, ଦେବଦତ୍ତ ଚୌଧୁରୀ ପ୍ରମୁଖ ପ୍ରତିଭାଧରଙ୍କୁ ସମ୍ମାନିତ କରାଯାଇଥିଲା। ମାନସ କସ୍ତୁରୀ ଗଣେଶ ପ୍ରସାଦ ପଣ୍ଡା କାଯର୍ୟକ୍ରମରେ ସଭାପତିତ୍ୱ କରିଥିଲେ।

# ପୁରୁଣା ବସ୍‌ଷ୍ଟାଣ୍ଡ ସାହିତ୍ୟଖଟିର ବଂଧୁମିଳନ ଓ ନବବର୍ଷକୁ ସ୍ୱାଗତ




ଭୁବନେଶ୍ୱର,୧୧/୧ (ନି.ପ୍ର): ପୁରୁଣା ବସ୍‌ଷ୍ଟାଣ୍ଡ ଭୁବନେଶ୍ୱରରେ ସାହିତ୍ୟ ଖଟିରେ ଆଜି ସଂଧ୍ୟାରେ ନବବର୍ଷକୁ ସ୍ୱାଗତ ତଥା ବନ୍ଧୁ ମିଳନ ହୋଇଥିଲା । ଗାଳ୍ପିକ ଜ୍ୟୋତିନନ୍ଦଙ୍କ ସଭାପତିତ୍ୱ ଏବଂ ସନ୍ଦୀପଙ୍କ ସଂଯୋଜନାରେ ଏକ ମନୋଜ୍ଞ କବିତାପାଠ ଆମୋଦିତ ହୋଇଥିଲା । ଡ. ଅଜୟ ସ୍ୱାଇଁ, ଡ. ରଜନୀ ରଞ୍ଜନ, ପ୍ରକାଶ ମହାପାତ୍ର, ଉମାକାନ୍ତ ଗୋଚ୍ଛାୟତ, ଅମରେଶ ବିଶ୍ୱାଳ, ବାଦଲ ମହାନ୍ତି, ଉମାକାନ୍ତ ରାଉତ ଅକ୍ଷୟ ବେହେରା, ପବିତ୍ର ମୋହନ କର, ବନୋଜ ତ୍ରିପାଠୀ, ଦୁର୍ଗାଚରଣ ଷଡ଼ଙ୍ଗୀ, କେଦାର ମିଶ୍ର ଓ ବନ୍ଦୁ ଯୁବକବି କବିତା ପାଠ କରିଥିଲେ ।

# ଯାଜପୁରରେ ଗତ ୨୪ ଘଂଟାରେ ୩୯୮ ଜଣଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ


ଭୁବନେଶ୍ୱର,୧୧।୦୧ (ନି.ପ୍ର): ଯାଜପୁର ପୋଲିସ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା, ସାମାଜିକ ଦୂରତ୍ୱ ନିୟମକୁ ନ ମାନିବା, ବାହାରେ ଛେପ ପକାଇବା ଓ ମୋଟର ଯାନ ଆଇନ ଭାଙ୍ଗିବା ଅଭିଯୋଗରେ ୩୯୮ ଜଣଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ସେମାନଙ୍କ ଠାରୁ ୨,୦୬୦୦୦ ଟଙ୍କା ଜୋରିମାନା ଆଦାୟ କରାଯାଇଥିବା ବେଳେ ୨ ଜଣଙ୍କର ଡ୍ରାଇଭିଂଗ ଲାଇସେନ୍ସକୁ ନିଲମ୍ବିତ କରାଯାଇଛି । ଯାଜପୁର ଏସପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି ।

# ପ୍ରଶାସନିକ ସେବା ପାଇଁ ମନୋନୀତ ନମିତାଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର,୧୧।୦୧ (ନି.ପ୍ର): ଓଡିଶା ପ୍ରଶାସନିକ ସେବା ନିମନ୍ତେ ମନୋନୀତ ହୋଇଥିବା ଦିବ୍ୟାଙ୍ଗ ଭଉଣୀ ନମିତା ସିଂ ଙ୍କୁ ସୁଖଧାମ ଟ୍ରଷ୍ଟ ପକ୍ଷରୁ ଉତରୀୟ ଓ ପୁଷ୍ପଗୁଚ୍ଛ ଦେଇ ବିଶିଷ୍ଟ ସମାଜସେବୀ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ସମ୍ବର୍ଦ୍ଧନା ଜଣାଇଛନ୍ତି। ଭଉଣୀ ନମିତାଙ୍କ ଐକାନ୍ତିକ ଇଚ୍ଛାଶକ୍ତି ତାଙ୍କୁ ଆଜି ଏହି ସ୍ଥାନରେ ପହଂଚାଇ ପାରିଛି ବୋଲି ସେ କହିଥିଲେ। ବୁଦ୍ଧ ମନ୍ଦିର ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ଅଧକ୍ଷା ଦେବଜାନୀ ରାୟ ସ୍ୱାଗତ ଭାଷଣ ଓ ଗଣେଶ୍ୱର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧରେ ମନୋରମା ପାତ୍ର, ନିରୁପମା ପାତ୍ର, ଦିପ୍ତି ମହାନ୍ତି ଓ ତରୁଣ କୁମାର ବାଲି ପ୍ରମୁଖ ସମ୍ବର୍ଦ୍ଧନା ଜଣାଇଥିଲେ।

# ସବ-ରେଜିଷ୍ଟ୍ରାର ଅଫିସ ଆସୁଥିବା ଲୋକଙ୍କ ପାଇଁ ପାର୍କିଂ ସମସ୍ୟା ତୀବ୍ର

## ଜିଲ୍ଲାପାଳଙ୍କୁ ଭେଟିଲା 'ଫ୍ୟୁଚର ବାଲେଶ୍ୱର'



ବାଲେଶ୍ୱର,୧୧।୦୧ (ନି.ପ୍ର): ଜମି କିଣାବିକା ସହିତ ବିଭିନ୍ନ କାର୍ଯ୍ୟ ପାଇଁ ବାଲେଶ୍ୱର ସବ-ରେଜିଷ୍ଟ୍ରାର କାର୍ଯ୍ୟାଳୟକୁ ଆସୁଥିବା ସାଧାରଣ ଲୋକଙ୍କ ସମସ୍ୟାକୁ ନେଇ ଅନ୍ୟତମ ଅଗ୍ରଣୀ ସଂଗଠନ 'ଫ୍ୟୁଚର ବାଲେଶ୍ୱର'ର କର୍ମକର୍ତ୍ତାମାନେ ଆଜି ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଅବିଭକ୍ତ ବାଲେଶ୍ୱର ଜିଲ୍ଲା ସର୍ବ ପୁରାତନ ସବରେଜିଷ୍ଟ୍ରୋର ଅଫିସ ଭାବେ ଏହାର ଗୁରୁତ୍ୱ ସର୍ବଦା ରହି ଆସିଛି। ମାତ୍ର ସାମ୍ପ୍ରତିକ ସ୍ଥିତିରେ ଏହି ଅଫିସ ସମସ୍ୟାର ଗନ୍ତାଘର ହୋଇଯାଇଥିବା ଫ୍ୟୁଚର ବାଲେଶ୍ୱର ପକ୍ଷରୁ ଆରୋପ ହୋଇଛି। ଅନ୍ ଲାଇନ୍‌ରେ ଜମି କିଣାବିକା ହେଉଥିଲେ ବି ଅଫ୍‌ଲାଇନରେ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଲୋକଙ୍କୁ ଶୋଷଣ କରିଚାଲିଛନ୍ତି। ନିକଟ ଅତୀତରେ ଭିଜିଲାନ୍ସ ଦ୍ୱାରା ସବ-ରେଜିଷ୍ଟ୍ରାରଙ୍କ ଗିରଫରୁ ଏହା ପ୍ରମାଣିତ ହୋଇଛି। ତେବେ ଏହି ଅଫିସକୁ ପ୍ରତିଦିନ ଆସୁଥିବା ଶହ ଶହ ସଂଖ୍ୟାର ଲୋକଙ୍କ ଯାନବାହାନ ରଖିବାକୁ ପ୍ରଶାସନ ଟିକିଏ ସ୍ଥାନର ବ୍ୟବସ୍ଥା କରି ନପାରିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ସଂଗଠନର କର୍ମକର୍ତ୍ତାମାନେ କହିଛନ୍ତି। ପୂର୍ବରୁ ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ଖାଲିଜାଗାରେ ଲୋକେ ନିଜର ଯାନବାହନ ରଖୁଥିଲେ। ମାତ୍ର ଏହାକୁ ଆବଦ୍ଧ ରଖି ପ୍ରଶାସନ ତାଲା କପାଇବା ଫଳରେ ଲୋକେ ରାସ୍ତା ଉପରେ ଗାଡ଼ି ରଖୁଛନ୍ତି। ଫଳରେ ପ୍ରତିକ୍ଷଣରେ ସବରେଜିଷ୍ଟ୍ରାର ଅଫିସ ସମ୍ମୁଖରେ ଲୋକଭିଡ଼ ହେଉଛି। ଅତ୍ୟନ୍ତ ସଂକୀର୍ଣ୍ଣ ସ୍ଥାନରେ ହୋଇଥିବା ଏହି ଅଫିସକୁ ଅନ୍ୟତ୍ର ସ୍ଥାନାନ୍ତର କରିବା, ଲୋକଙ୍କ ଯାନବାହାନ ରଖିବା ପାଇଁ ପୂର୍ବପରି ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ଖାଲି ଜାଗାକୁ ଆବଦ୍ଧମୁକ୍ତ କରିବା ଓ ଲୋକଙ୍କ ବ୍ୟବହାର ପାଇଁ ପାନୀୟ ଜଳ ଏବଂ ଶୌଚାଳୟ ବ୍ୟବସ୍ଥା କରିବାକୁ ସଂଗଠନ ପକ୍ଷରୁ ଦାବି ହୋଇଛି। ଏନେଇ କର୍ମକର୍ତ୍ତାମାନେ ଏକ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ସଂଗଠନର ଅଧ୍ୟକ୍ଷ ବରିଷ୍ଠ ଆଇନଜୀବୀ ବିଜୟ କୁମାର ପାଣିଗ୍ରାହୀଙ୍କ ସମେତ ଦୁକୁଲୁ ଚନ୍ଦ୍ର ଘଡ଼େଇ, ଅନ୍ତର୍ଯ୍ୟାମୀ ପଣ୍ଡା, ଗିରିଜା ଶଙ୍କର ଦାସ, ପ୍ରଶାନ୍ତ କୁମାର ଦାସ, ସୁବାଶିଷ ଦେ, ଦେବଦୁଲାଲ ଘଡ଼େଇ, ମଧୁସୂଦନ ଚାନ୍ଦ, ବେଣୁଧର ଉପାଧ୍ୟାୟ, ବିଜୟ କୁମାର ପ୍ରଧାନ, ସୌମ୍ୟରଂଜନ ପାତ୍ର, ଦିବାକର ମାଝୀ, ଅକ୍ଷୟ ବେହେରା, ପାର୍ଥସାରାଥୀ ଘଡ଼େଇ, ରଂଜନ ଦାସ, ସତ୍ୟସ୍ୱରୂପ ଘଡ଼େଇ, ଭଜେନ୍ଦ୍ର ଆଚାର୍ଯ୍ୟ, ସତ୍ୟେନ୍ଦ୍ର କୁମାର ଦାସ, ବବିତା ପ୍ରଧାନ, ମମତା ସିଂ, ଅନନ୍ତ ଖିଲାର, କମଳାକାନ୍ତ ଦାସ, ରଂଜିତ ମହାନ୍ତି, ବିଜୟ କୁମାର ବେହେରା, ଆଲୋକ କୁମାର ଦେ ଓ କାର୍ତ୍ତିକ ଚନ୍ଦ୍ର ଘୋଷ ଉପସ୍ଥିତ ଥିଲେ।

WORKS DEPARTMENT
OFFICE OF THE EXECUTIVE ENGINEER
MAYURBHANJ (R & B) DIVISION, BARIPADA
e-mail - bpd_eerb@rediffmail.com
Government of Odisha "e" Procurement Notice
Bid Identification No.-E.E.-29/2020-21

1. Number of works - 11 (Eleven) number of works.
2. Approximate estimated cost: - ₹ 9.10 Lakh to ₹ 45.70 Lakh
3. Period of Completion: - 1 (One) Calendar month
4. Date & Time of availability of bid documents in the portal :- Dt. 16.01.2021 to 22.01.2021
5. Last Date / Time of receipt of bid in the portal :- Dt. 22.01.2021 up to 4.00 PM
6. Date of Opening of bid :- Dt. 25.01.2021 at 11.00 AM
7. Name & address of the Office inviting bid :- Executive Engineer, Mayurbhanj (R&B) Division, Baripada

Further details can be seen from the e-procurement portal http://www.tendersodisha.gov.in

Sd/- N. Gharai
Executive Engineer
Mayurbhanj (R&B) Division

OPIR : 34025/11/0016/2021

ମଙ୍ଗଳବାର,୧୨ ଜାନୁଆରୀ ୨୦୨୧

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

## ଖୋଲିଲା ଶ୍ରୀରାମଚନ୍ଦ୍ର ଭଞ୍ଜ ବିଶ୍ୱବିଦ୍ୟାଳୟ

ବାରିପଦା,୧୧।୦୧ (ନି.ପ୍ର): ମହାମରି କରୋନା ପାଇଁ ୯ ମାସରୁ ଉର୍ଦ୍ଧ୍ୱ ହେବ ଶିକ୍ଷା ଦାନରୁ ବିରତ ଥିବା ବାରିପଦାର ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଆଜିଠୁ ଶିକ୍ଷାଦାନ ଆରମ୍ଭ ହେବାକୁ ଯାଉଛି। ଏଥି ସହିତ ଜିଲ୍ଲାରେ ଥିବା ସମସ୍ତ ଡିଗ୍ରୀ ମହାବିଦ୍ୟାଳୟ ଗୁଡ଼ିକରେ କରୋନା କଟକଣା ମଧ୍ୟରେ ପାଠପଢ଼ା ହେବ। ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶ କ୍ରମେ କରୋନା କଟକଣାରେ ଶିକ୍ଷା ଦାନ କରଯିବ। ବିଶ୍ୱ ମହାମାରୀ କରୋନା ପାଇଁ ଗତ ମାର୍ଚ୍ଚ ମାସ ପାଖରୁ ବନ୍ଦ ଥିଲା ଜିଲ୍ଲାର ସମସ୍ତ ଶିକ୍ଷାନୁଷ୍ଠାନ ଗୁଡିକ। ଶିକ୍ଷାର୍ଥୀ ମାନଙ୍କୁ କରୋନା କଟକଣା ପାଇଁ ସ୍ୱତନ୍ତ୍ର ଗାଇଡଲାଇନ ପାଳନ ପୂର୍ବକ ମାସ୍କ ଓ ସାନିଟାଇଜାର ବ୍ୟବହାର କରି ପ୍ରବେଶ କରିବାକୁ ପଡିବ। ସାମାଜିକ ଦୂରତା ବଜାୟ ରଖି କ୍ଲାସ୍ କରାଯିବା ସହିତ ଶ୍ରେଣୀଗୃହ, ହଷ୍ଟେଲ୍ ରୁମ୍ ପ୍ରବେଶ ପଥରେ ସାନିଟାଇଜର, ହାତ ଧୋଇବା ନିମନ୍ତେ ସାବୁନ ବ୍ୟବସ୍ଥା କରାଯାଇଛି। ତେବେ ଏନେଇ ପୂର୍ବ ପ୍ରସ୍ତୁତି ସ୍ୱରୂପ ଶ୍ରେଣୀ ଗୃହ ଗୁଡ଼ିକ ସହିତ ହଷ୍ଟେଲ ପରିସରକୁ ବିଶୋଧିତ କରାଯାଇଛି। ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡ଼ିକରେ କେବଳ ଶେଷବର୍ଷ ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷାଦାନ କରାଯାଇଛି। ତେବେ ଶ୍ରୀରାମଚନ୍ଦ୍ର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର କିଶୋର କୁମାର ବସ। ଶ୍ରେଣୀଗୃହ ଓ ହଷ୍ଟେଲ ତଥା ବିଶ୍ୱବିଦ୍ୟାଳୟର ପରିସର ଗୁଡ଼ିକ ବୁଲି ଦେଖି ସ୍ଥିତି ଅନୁଧ୍ୟାନ କରିଥିଲେ। କରୋନାରୁ ସୁରକ୍ଷିତ ରହିବା ନେଇ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୋଭିଡ଼ ଗାଇଡ଼ ଲାଇନ ଅନୁଯାୟୀ ପଦକ୍ଷେପ ନେବାକୁ କୁହାଯାଉଛି। ଛାତ୍ରଛାତ୍ରୀ ମାନେ ହଷ୍ଟେଲ୍‌ରେ ରହିଲେ ମଧ୍ୟ ଏକାଠି ବସି ଖାଇ ପାରିବେନି। ଖାଦ୍ୟ ନେଇ ନିଜ ନିଜ ରୁମ୍‌ରେ ଖାଇବେ। ଛାତ୍ରଛାତ୍ରୀଙ୍କ ନିକଟରେ କୌଣସି କୋଭିଡ ଲକ୍ଷଣ ଦେଖାଗଲେ ସେମାନଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ପରୀକ୍ଷା କରାଯିବାର ବ୍ୟବସ୍ଥା କରାଯାଇଛି। ସେହିପରି ଜିଲ୍ଲାର ଅନ୍ୟାନ୍ୟ ମହାବିଦ୍ୟାଳୟରେ ପାଠପଢ଼ା ନେଇ ଆବଶ୍ୟକ ବ୍ୟବସ୍ଥା କରାଯାଇଛି।

## କୃଷକ ବିରୋଧୀ ଆଇନ୍ ପ୍ରତ୍ୟାହାର ଦାବିରେ ବିକ୍ଷୋଭ ଓ ସମାବେଶ




ଜଳେଶ୍ୱର, ୧୧/୧ (ନିପ୍ର) ତିନୋଟି କୃଷକ ବିରୋଧୀ ଆଇନ୍ ଓ ବିଦ୍ୟୁତ୍ ବିଲ ୨୦୨୦ ପ୍ରତ୍ୟାହାର ଦାବୀରେ ଆଜି ସୋମବାର ପୂର୍ବାହ୍ନରେ ବାଲେଶ୍ୱର ଜିଲାର ଜଳେଶ୍ୱର ଷ୍ଟେସନ ଠାରୁ ଶହ ଶହ ବିକ୍ଷୋଭକାରୀ ଟ୍ରାକ୍ଟର, ଲଙ୍ଗଳ, ବଳଦ, ପତାକା, ପ୍ଲାକାର୍ଡ ସହ ତହସିଲ ଅଫିସ୍ ସମ୍ମୁଖରେ ବିକ୍ଷୋଭ ଓ ସମାବେଶ କରି ଏକ ଦାବିପତ୍ର ରାଷ୍ଟ୍ରପତି ଓ ମୁଖ୍ୟମନ୍ତ୍ରୀଙ୍କୁ ତହସିଲଦାରଙ୍କ ଜରିଆରେ ପ୍ରଦାନ କରିଥିଲେ। ଦିଲ୍ଲୀ ସୀମାରେ ୪୭ଦିନ ଧରି କୃଷକମାନେ ଆନ୍ଦୋଳନରେ ବସିଥିବା ବେଳେ ୬୦ଜଣଙ୍କର ମୃତ୍ୟୁ ହୋଇଥିବାରୁ ଏହାକୁ ସମର୍ଥନ ଜଣାଇବା ସହିତ ଚାଷୀଙ୍କ ଋଣ ଛାଡ କରିବା, ଧାନ କ୍ୟୁଣ୍ଟାଲ ପ୍ରତି ଏକ ହଜାର ବୋନସ୍ ଦେବା, ଟ୍ରାକ୍ଟର ଚଳାଉଥିବା ବେକାର ଚାଳକଙ୍କୁ ପୁଲିସ୍‌ର ଜୁଲମ ବନ୍ଦ କରିବା, ଅମ୍ଫନ, ବୁଲବୁଲରେ କ୍ଷତିଗ୍ରସ୍ତଙ୍କୁ ତୁରନ୍ତ କ୍ଷତିପୂରଣ ଦେବା, ଧାନକ୍ୟୁଣ୍ଟାଲ ୩ହଜାର ହେବା ଓ ସରକାରୀ ଦରରେ ଧାନକ୍ରୟ ହେବା, ବିଦ୍ୟୁତ୍ ଗ୍ରହକଙ୍କୁ ସଠିକ୍ ସେବା ଦେବା, ସମସ୍ତ ନିର୍ମାଣ ଶ୍ରମିକଙ୍କୁ ପରିଚୟପତ୍ର ଓ ପ୍ରାପ୍ୟ ଦେବା ପ୍ରଭୃତି ଦାବିରେ ଏହି ବିକ୍ଷୋଭ ହୋଇଥିବା ଜଣାଯାଇଛି। ସମନ୍ୱୟ ସମିତିର ସଭାପତି ଦିଲ୍ଲୀପ କୁମାର ଗିରିଙ୍କ ସଭାପତିତ୍ୱରେ ସଂପାଦକ ଦିପ୍ତିମାନ ଆଚାର୍ଯ୍ୟ, କ୍ଷେତମୁଲିଆ ନେତା ଶିଶିର ହୁଇ, କୃଷକ ସଭା ଜିଲା ସଂପାଦକ ଶିତାଂଶୁ ସେନାପତି, ଜିତାଂଶୁ ନନ୍ଦୀ, ପଲଟୁ ଦାସ, ସରପଂଚ ଦିଲ୍ଲୀପ ପରିଡା, ରତନ ଦାସ, ରବିନ୍ଦ୍ର ବାରିକ, ଜୀବନ ପରିଡା, ଗଣତାନ୍ତ୍ରିକ ମହିଳା ସମିତିର ତାପସୀ ପ୍ରହରାଜ, ମମି ପଣ୍ଡା, ଜୟନ୍ତି ଘୋଷ, ମିଟୁ କୁଣ୍ଡ, ଅଜୟ ପ୍ରଧାନଙ୍କ ସହିତ ଆରତୀ ପଲାଇ, ସବିତା ଭୂୟାଁ, ଜତିନ୍ ଜେନା, ଚୈତନ୍ୟ ଅଣ୍ଡିଆ, ଅସିମ୍ ବେହେରା, ଗଣେଶ ପାତ୍ର, ଭାଗବତ ପ୍ରଧାନ, ଚନ୍ଦନ ଶତପଥି, ମଦନ ମହାଲି, ପ୍ରବୃଦ ବାରିକ, ଅରୁଣ ରାୟ, ରାଜକୁମାର ଆଚାର୍ଯ୍ୟ, ସୁଶାନ୍ତ କାମିଳା, ପ୍ରକାଶ ଜେନା, କାହ୍ନୁଚରଣ ଗିରି, ଖୁକନ୍ ଜେନା, ହୃଷିକେଷ ଗିରି, ସେକ୍ ସିତାରୁଦ୍ଦିନ, ପ୍ରମୁଖ ଏହି ବିକ୍ଷୋଭରେ ନେତୃତ୍ୱ ନେଇଥିଲେ।

## ନନ୍ଦନକାନନ ପକ୍ଷୀ ବିହାର ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ବନ୍ଦ

ଭୁବନେଶ୍ୱର,୧୧।୦୧ (ନି.ପ୍ର): ଦେଶର ବିଭିନ୍ନ ରାଜ୍ୟରେ ବାର୍ଡ ଫ୍ଲୁ ବ୍ୟାପୁଛି। ଏହାକୁ ଦୃଷ୍ଟିରେ ରଖି ନନ୍ଦନକାନନରେ ଥିବା ପକ୍ଷୀ ବିହାରକୁ ବନ୍ଦ ରଖିବାକୁ ସ୍ଥିର ହୋଇଛି। ବାର୍ଡ ଫ୍ଲୁ ଯେପରି ଚିଡ଼ିଆଖାନାରେ ଥିବା ପକ୍ଷୀମାନଙ୍କୁ ନ ବ୍ୟାପେ ସେଥିଲାଗି ନନ୍ଦନକାନନର ପକ୍ଷୀ ବିହାର ପରବର୍ତୀ ଆଦେଶ ପର୍ଯ୍ୟନ୍ତ ବନ୍ଦ ରହିବ। ଏହା ସହିତ ନନ୍ଦନକାନନରେ ଥିବା ସଫାରି ଓ ବ୍ୟାଟେରୀ ଚାଳିତ ଗାଡ଼ି ଚଳାଚଳକୁ ମଧ୍ୟ ପରବର୍ତୀ ଆଦେଶ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ନିଷ୍ପତି ନିଆଯାଇଛି।

## ବାଲେଶ୍ୱର ରୋଟାରୀ କ୍ଲବ ତରଫରୁ ସାନିଟାଇଜର ବଣ୍ଟନ



ବାଲେଶ୍ୱର,୧୧।୦୧ (ନି.ପ୍ର): ବାଲେଶ୍ୱର ରୋଟାରୀ କ୍ଲବ୍ ତରଫରୁ କ୍ଲବର ଉପସଭାପତି ବିଷ୍ଣୁଦାସ କୁଣ୍ଡୁ ବାଲେଶ୍ୱର ଜିଲ୍ଲା ଚିକିତ୍ସା ଅଧିକାରୀ ଡାକ୍ତର ଜଗଦେବଙ୍କୁ ୩ ଗୋଟି କଣ୍ଟନର ସାଇଜ ସାନିଟାଇଜର ବିଭିନ୍ନ ଡିପାର୍ଟମେଣ୍ଟ ପାଇଁ ପ୍ରଦାନ କରିଲେ। ରୋଟାରୀ କ୍ଲବର ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଆଗରୁ ଜିଲ୍ଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଉପସ୍ଥିତିରେ ସଭାପତି ଭାବଗ୍ରାହୀ ମହାନ୍ତି ସି.ଡି.ଏମ୍.ଓ ଙ୍କୁ ମଧ୍ୟ ପ୍ରଦାନ କରିଥିଲେ। କୋଭିଡ୍ ୧୯ର ଦ୍ୱିତୀୟ ପର୍ଯ୍ୟାୟ ସଂକ୍ରମଣ ଅବସରରେ ବାଲେଶ୍ୱର ରୋଟାରୀ କ୍ଲବର ଏ ମହତ ଦାନକୁ ବୁଦ୍ଧିଜୀବୀମାନେ ଭୂୟସି ପ୍ରଶଂସା କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସଂପାଦକ ପ୍ରଦୀପ୍ତ କୁମାର ପଣ୍ଡା, ଇମେଜ୍ କମିଟିର ଚେୟାରମେନ୍ ରୋଟାରୀଆନ୍ ସୁବ୍ରତ କର, ପ୍ରାକ୍ତନ ସଭାପତି ମାତୃଦତ୍ତ ଦାସ ଏବଂ ଆସନ୍ତାବର୍ଷର ସଭାପତି ରୋଟାରିଆନ୍ ଗଜଲକ୍ଷ୍ମୀ ପରିଡ଼ା କାର୍ଯ୍ୟକ୍ରମରେ ସାହାଯ୍ୟ କରିଥିଲେ।

## ଅସଂପୂର୍ଣ୍ଣ ପଡିଥିବା ଆବାସ ଘରର ପୂର୍ଣ୍ଣାଙ୍ଗୀକରଣ ଲାଗି ବିଡିଓଙ୍କ ପଂଚାୟତ ଗସ୍ତ

ଜଳେଶ୍ୱର, ୧୧/୧ (ନିପ୍ର) : ସରକାର ବାସହୀନଙ୍କୁ ଆବାସ ଯୋଜନାରେ ଘର ଖଣ୍ଡିଏ ଯୋଗାଇ ଦେବାଲାଗି ପ୍ରତିଶୃତିବଦ୍ଧ ଥିବା ବେଳେ ବହୁ ସ୍ଥାନରେ ବିଭିନ୍ନ କାରଣରୁ ତାହା ଫଳପ୍ରଦ ହୋଇ ପାରୁନାହିଁ। କେଉଁଠି ଆବାସ ଯୋଜନାରେ ଲାଞ୍ଚ ଅଭିଯୋଗ ହେଉଛି ତ କେଉଁଠି ହିତାଧିକାରୀ ଆର୍ଥିକ ଅନଟନରେ ପଡି ଅସଂପୂର୍ଣ୍ଣ ଘରକୁ ସଂପୂର୍ଣ୍ଣ କରିବାରେ ସଫଳ ହୋଇ ପାରୁନାହିଁ। ଜଳେଶ୍ୱର ବ୍ଲକ ନଛିମପୁର ପଂଚାୟତର ବିଭିନ୍ନ ଗ୍ରାମରେ ଗତ ୨୦୧୬-୧୭ ଆର୍ଥୀକ ବର୍ଷରୁ ଅଦ୍ୟାବଧି ଅସଂପୂର୍ଣ୍ଣ ଥିବା ୮୦ଟି ଆବାସ ଘରର ନିର୍ମାଣ ଶେଷ କରିବାଲାଗି ଜଳେଶ୍ୱର ବିଡିଓ ଦିପ୍ତିରଂଜନ ସେଠୀ ହୀତାଧିକାରୀଙ୍କୁ ଭେଟି ସେମାନଙ୍କ କାର୍ଯ୍ୟ ସଂପର୍କରେ ସମୀକ୍ଷା କରିଥିଲେ। ତାଙ୍କ ସହିତ ଭିଏଲଡବ୍ଲୁ ରିତାଞ୍ଜଳି ଦାସ, ଜିଆର୍‌ଏସ୍ ସର୍ଶ୍ମିତା ଭୂୟାଁ, ସରପଂଚ ଦିପାଳୀ ଜେନା ପ୍ରମୁଖ ପଂଚାୟତର ନଛିମପୁର, ସାହାଡାପଡା, ବ୍ରହ୍ମପୁରାପାଟଣା, ଦେଉଳା ପ୍ରଭୃତି ଗ୍ରାମ ଗସ୍ତ କରିଥିବା ଜଣାଯାଇଛି।

## ଧାମନଗର ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ୨୦୨୧ ନବବର୍ଷର ବନ୍ଧୁମିଳନ ଓ ପଞ୍ଚାୟତ ସ୍ତରୀୟ ଭ୍ରାମ୍ୟମାଣ ସଭା



ଧାମନଗର,୧୧।୦୧ (ନି.ପ୍ର): ଧାମନଗର ବ୍ଲକ ଅନ୍ତର୍ଗତ ସରେଇ ଚୁଡ଼ାକୁଟି ମେଳନ ପଡ଼ିଆ ଠାରେ ଧାମନଗର ବରିଷ୍ଠ ନାଗରିକ ପରିଷଦର ପଞ୍ଚାୟତ ସ୍ତରୀୟ ଭ୍ରାମ୍ୟମାଣ ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ତଥା ପରିଷଦର ସଭାପତି ଘଣ୍ଟେଶ୍ୱର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସାଧାରଣ ସମ୍ପାଦକ ଶଚିକାନ୍ତ ପଣ୍ଡା "ଚିନ୍ତା ଛାଡ଼ନ୍ତୁ ସୁସ୍ଥ ରୁହନ୍ତୁ ଓ ପ୍ରତ୍ୟେକ ଦିନ ୨୦ରୁ ୩୦ମିନିଟ୍ ମନଖୋଲା ହସନ୍ତୁ" ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ନୋଡ଼ାଲ ଅଫିସର ଭାବେ ଧାମନଗର ଥାନା ଏଏସ୍‌ଆଇ ପ୍ରଦୀପ କୁମାର ଦାସ ଯୋଗଦେଇ ସମସ୍ତ ବରିଷ୍ଠ ନାଗରିକଙ୍କୁ ପ୍ରଣାମ ସହ ସେମାନଙ୍କୁ ନବବର୍ଷର ଅଭିନନ୍ଦନ ଜଣାଇ ତାଙ୍କର ସୁସ୍ଥ ଜୀବନ କାମନା କରିଥିଲେ। ଏହି କାର୍ଯ୍ୟକ୍ରରେ ଜିଲ୍ଲା ପରିଷଦ ସଭ୍ୟ ସୁରଥଚନ୍ଦ୍ର ସେଠୀ, ବରିଷ୍ଠ ସଦସ୍ୟ ମହେଶ୍ୱର ସ୍ୱାଇଁ, ଅଭିମନ୍ୟୁ ମଲ୍ଲିକ, ଦଶରଥ ଦାସ, ଯୁଧିଷ୍ଠିର ପଣ୍ଡା, ରାମଚନ୍ଦ୍ର ସାହୁ, ଜ୍ଞାନରଂଜନ ରାଉତ, ରାମକୃଷ୍ଣ ପାତ୍ର, ବିଦ୍ୟାଧର ରାଉତ, ଦୋଳଗୋବିନ୍ଦ ଜେନା, ଭରତଚନ୍ଦ୍ର ମଲ୍ଲିକ, ଆନନ୍ଦ ଦାସ, ଭାଗିରଥି ଦାସ, କୃଷ୍ଣଚନ୍ଦ୍ର ରାଉତ, ରୁଦ୍ରନାରାଣ ବେହେରା, ଅମୂଲ୍ୟ ପଲାଇ, ଆନନ୍ଦ ମୁଦୁଲି, ଗୋବିନ୍ଦ ଲେଙ୍କା ପ୍ରମୁଖ ଯୋଗଦେଇ ବରିଷ୍ଠ ନାଗରିକ ମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ପରିପ୍ରେକ୍ଷୀରେ ବରିଷ୍ଠ ନାଗରିକ ପରିଷଦର ପଞ୍ଚାୟତ ସ୍ତରୀୟ ପରିଚାଳନା କମିଟି ଗଠନ କରାଯାଇଥିବାବେଳେ ନରେନ୍ଦ୍ର ଦାସଙ୍କୁ ସଭାପତି, ବଟକୃଷ୍ଣ ପାତ୍ର ସମ୍ପାଦକ, ସୁଧାଂଶୁ ଦାସ ଓ ମହେଶ୍ୱର ମୁଦୁଲିଙ୍କୁ ସଭ୍ୟଭାବେ ମନୋନୀତ କରାଯାଇଥିଲା। ଏହି ଅବସରରେ ବହୁଗୁଣର ଅଧିକାରୀ, ଆଧ୍ୟାତ୍ମିକ ଯୋଗୀପୁରୁଷ ନରେନ୍ଦ୍ର କୁମାର ପାଢୀଙ୍କୁ ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ପରିଷଦର କୋଷାଧ୍ୟକ୍ଷ ନିରାକାର ଧଳ ଧନ୍ୟବାଦ ପ୍ରଦାନ କରିଥିଲେ।

## ଓଜେୟୁର ରାଜ୍ୟ ଉପସଭାପତି ହେଲେ ଦୀପକ କୁମାର ନାୟକ



ବାରିପଦା,୧୦।୦୧ (ନି.ପ୍ର): ବାରିପଦା ଯୁବ ସାମ୍ବାଦିକ ଦୀପକ କୁମାର ନାୟକଙ୍କୁ ଓଡିଶା ସାମ୍ବାଦିକ ସଂଘ (OJU)ର ରାଜ୍ୟ କମିଟିର ଉପସଭାପତି ଦାୟିତ୍ୱ ପ୍ରଦାନ କରାଯାଇଛି। ବ୍ରହ୍ମପୁର ସର୍କିଟ ହାଉସ ଠାରେ ଅନୁଷ୍ଠିତ ଓଡିଶା ସାମ୍ବାଦିକ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ତାଙ୍କୁ ଏହି ନୂତନ ଦାୟୀ ଦାୟିତ୍ୱ ପ୍ରଦାନ କରାଯାଇଛି। ସେ ବହୁ ବର୍ଷ ମୟୂରଭଞ୍ଜ ଜିଲ୍ଲାର ସାମ୍ବାଦିକତା କ୍ଷେତ୍ରରେ ଜଡିତ ଥିବା ବେଳେ ପୂର୍ବରୁ ଓଡିଶା ସାମ୍ବାଦିକ ସଂଘର ଅନ୍ୟନ୍ୟ ପଦବୀ ରହି ତାକୁ ସୁଚାରୁ ରୂପେ ତୁଲାଇଛନ୍ତି। ତେଣୁକରି ସଂଘ ପକ୍ଷରୁ ଶ୍ରୀନାୟକଙ୍କୁ ଓଡିଶା ସାମ୍ବାଦିକ ସଂଘ (OJU)ର ରାଜ୍ୟ କମିଟିର ଉପସଭାପତି ସହ ଉତ୍ତର ଓଡିଶା ଜୋନର ସାଂଗଠନିକ ଦାୟୀତ୍ୱ ଭାର ପ୍ରଦାନ କରିଛନ୍ତି। ତେବେ ଶ୍ରୀନାୟକଙ୍କୁ ରାଜ୍ୟ କମିଟିକୁ ମନୋନୀତ କରିଥିବାରୁ ସେ ସଂଘର ସମସ୍ତ ସଦସ୍ୟଙ୍କୁ ଅନ୍ତରରୁ କୃତଜ୍ଞତା ଜଣାଇବା ସହ ଧନ୍ୟବାଦ ଜ୍ଞାପନ କରିଛନ୍ତି। ସେ ଆଗକୁ ସାମ୍ବାଦିକଙ୍କ ସ୍ୱାର୍ଥ ତଥା ହିତ ପାଇଁ ନିଜର କାର୍ଯ୍ୟ ଜାରି ରଖିବେ ବୋଲି ମଧ କହିଛନ୍ତି।

## ଆଉ ଜଣଙ୍କର କରୋନାରେ ମୃତ୍ୟୁ, ମୃତ୍ୟୁ ସଂଖ୍ୟା ୧୮୯୨ ହେଲା

ଭୁବନେଶ୍ୱର,୧୧।୦୧ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ଜଣେ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି। ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୧୮୯୨ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଆଜି ମୃତ୍ୟୁବରଣ କରିଥିବା କରୋନା ଆକ୍ରାନ୍ତ ଜଣଙ୍କ ହେଉଛନ୍ତି ଖୋର୍ଧା ଜିଲ୍ଲାର। ଖୋର୍ଧା ଜିଲ୍ଲାର ଜଣେ ୪୮ ବର୍ଷୀୟ ପୁରୁଷ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି।

## ବିସ୍ଥାପିତ ପରିବାରଙ୍କୁ ସଦର ବିଧାୟକଙ୍କ ଥଇଥାନ ପ୍ରତିଶ୍ରୁତି

ବାଲେଶ୍ୱର,୧୧।୦୧ (ନି.ପ୍ର): ଶୋଭାରାମପୁର ରେଳ ଓଭରବ୍ରିଜ୍ ଓ ଆପ୍ରୋଚ୍ ରୋଡ଼ ନିର୍ମାଣ ପାଇଁ ବିସ୍ଥାପିତ ପରିବାରଙ୍କୁ ଥଇଥାନ ସମ୍ପର୍କରେ ଶ୍ରମିକନେତା ଅରୁଣ ସ୍ୱାଇଁଙ୍କ ନେତୃତ୍ୱରେ ଏକ ଆଲୋଚନା ବୈଠକ ହିନ୍ଦ ମଜଦୁର ସଭା କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ସଦର ବିଧାୟକ ସ୍ୱରୂପ ଦାସ ଏଥିରେ ଯୋଗଦେଇ ୨୧ ନଂ ୱାର୍ଡ଼ରୁ ବିସ୍ଥାପିତ ୫୬ ପରିବାରଙ୍କୁ ସହର ଉପକଣ୍ଠ ପଞ୍ଚାୟତ ଅଞ୍ଚଳରେ ୪ ଡିସିମିଲ ପରିମିତ ଘରଡିହ ଜମି ପ୍ରଦାନ ନେଇ ଉଚିତ ପଦକ୍ଷେପ ନେବେ ବୋଲି ଶ୍ରୀ ଦାସ କହିଥିଲେ। ଗରିବ ଭୂମିଶୂନ୍ୟ ଲୋକଙ୍କ ପାଇଁ ଲୋକପ୍ରିୟ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ସମ୍ପ୍ରତି ସରକାର ଭୂମି ଯୋଗାଇ ଦେବା ସହ ଗୃହ ନିର୍ମାଣ ପାଇଁ ବି ଅର୍ଥର ବ୍ୟବସ୍ଥା କରିଛନ୍ତି। ଏଭଳି ସ୍ଥିତିରେ ବିସ୍ଥାପିତ ୫୬ ପରିବାରଙ୍କୁ ମଧ୍ୟ ଅନୁରୂପ ସହାୟତା ପ୍ରଦାନ ପାଇଁ ସେ ତୁରନ୍ତ ଉଚିତ ପଦକ୍ଷେପ ନେବେ ବୋଲି ଶ୍ରୀ ଦାସ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ସେଠାରେ ଉପସ୍ଥିତ ବିଭିନ୍ନ ଶିକ୍ଷାନୁଷ୍ଠାନ ଶ୍ରମିକଙ୍କ ସମସ୍ୟା ସମ୍ପର୍କରେ ସେ ପଚାରି ବୁଝିଥିଲେ। ଅଚଳାବସ୍ଥା ଜାରିଥିବା ଶିକ୍ଷାନୁଷ୍ଠାନ ଗୁଡ଼ିକର ସୁଧାର ପାଇଁ ସେ ସରକାରଙ୍କ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ବିଧାୟକ ଶ୍ରୀ ଦାସ କହିଥିଲେ। ସଂଧ୍ୟାରେ ଆୟୋଜିତ ଏହି ଆଲୋଚନାରେ ହିନ୍ଦ ମଜଦୁର ସଭାର ସଭାପତି ଶ୍ରମିକନେତା ଶ୍ରୀ ସ୍ୱାଇଁ ସନ୍ତୋଷ ପ୍ରକାଶ ସହ ଦୀର୍ଘଦିନ ପରେ ଲୋକଙ୍କ ଦୁଃଖ ଶୁଣିଥିବା ଯୋଗୁଁ ବିଧାୟକ ଶ୍ରୀ ଦାସଙ୍କଠାରେ ସେ କୃତଜ୍ଞତା ପ୍ରକାଶ କରିଥିଲେ। ଏହି ଆଲୋଚନା ବୈଠକରେ ହିନ୍ଦ ମଜଦୁର ସଭା ସହ ଅନୁବନ୍ଧିତ ବିଭିନ୍ନ ସଂଗଠନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ଜଳେଶ୍ୱର ବ୍ଲକରେ ବାର୍ଦ୍ଧକ୍ୟଭତ୍ତା : ସ୍ୱାମୀ ପରିତ୍ୟକ୍ତା ଏବଂ କୁଆଁରୀଭତ୍ତାରେ ଅନିୟମିତତା ଅଭିଯୋଗ

ଜଳେଶ୍ୱର, ୧୧/୧ (ନିପ୍ର): ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକରେ ବାର୍ଦ୍ଧକ୍ୟଭତ୍ତା, ସ୍ୱାମୀ ପରିତ୍ୟକ୍ତା ଭତ୍ତା, କୁଆଁରଭତ୍ତା ବଣ୍ଟନରେ ଅନିୟମୀତତା ହୋଇଥିବା ନେତୁଆ ପଂଚାୟତବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ୨୦୧୯ ମସିହାଠାରୁ ଲଗାତାର ଭାବେ ଏପରି ତ୍ରୁଟି ହେଉଥିବାରୁ ସେମାନେ ଆଜି ଜଳେଶ୍ୱର ବିଡିଓ ଦୀପ୍ତିରଂଜନ ସେଠୀଙ୍କୁ ଏକ ଦାବୀପତ୍ର ପ୍ରଦାନ କରିଛନ୍ତି। ପ୍ରକୃତ ହିତାଧିକାରୀ ଏପରି ଭତ୍ତା ପାଇବାରୁ ବଂଚିତ ହେଉଥିବା ବେଳେ ଚଂଚକତା କରି ଅଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରାଯାଉଥିବାରୁ ପଂଚାୟତବାସୀଙ୍କ ପକ୍ଷରୁ କ୍ଷୋଭ ପ୍ରକାଶ ପାଇଛି। ଭତ୍ତା ଚୟନ ବେଳେ ବ୍ଲକର କିଛି ଅଧିକାରୀ ଏପରି ଚଂଚକତାରେ ସଂସ୍ଲିଷ୍ଟ ଥିବାର ଗ୍ରାମର ବାରିଦ ବରଣ ହୁଇ, ଚନ୍ଦ୍ରଶେଖର କର, ସପନ ରାଉଳ, ସୃଷ୍ଟିଧର ଜେନା, ବିଜୟ କୁମାର ଖର୍ଦ୍ଦା, ରତନ ଦତ୍ତ, ଅନୀଲ ହୁଇ, ଅତୁଲ ପାତ୍ର, ବଂଶୀଧର ଜେନା, ପ୍ରଶାନ୍ତ ପାତ୍ର, କାହ୍ନୁଚରଣ ମହାନ୍ତି, ରବିନ୍ଦ୍ର ଜେନା, ଗୋପାଳ ପାତ୍ର, ରାଧାରଂଜନ ହୁଇ ପ୍ରମୁଖ ବହୁ ବ୍ୟକ୍ତି ଅଭିଯୋଗ କରି ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ଦକ୍ଷ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ବଦନାମ କରିବା ହୀନ ଉଦ୍ୟମକୁ ପାରାଦ୍ୱୀପ ନାଗରିକ ମଞ୍ଚର ବିରୋଧ




ପାରାଦ୍ୱୀପ,୧୧।୦୧ (ନି.ପ୍ର): ମାହାଙ୍ଗା ଡବଲ ମର୍ଡର ଘଟଣାରେ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ପକ୍ଷଭୁକ୍ତ କରିବା ପ୍ରତିବାଦରେ ପାରାଦ୍ୱୀପ ନାଗରିକ ମଞ୍ଚର ସଦସ୍ୟମାନେ ଏହାକୁ ବିରୋଧ କରିଛନ୍ତି। ମଞ୍ଚ ପକ୍ଷରୁ କୁହାଯାଇଛି ଯେ ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବଳିଷ୍ଠ ଉଦ୍ୟମ ଯୋଗୁଁ ରାଜ୍ୟରେ ହତ୍ୟା, ଚୋରି, ଡକାୟତି, ରାହାଜାନି ଓ ଧର୍ଷଣ ଭଳି ଜଘନ୍ୟ ଅପରାଧ ବହୁ ମାତ୍ରାରେ ହ୍ରାସ ପାଇଛି। ମାହାଙ୍ଗାରେ ହୋଇଥିବା ଡବଲ ମର୍ଡର ଘଟଣା ପାଇଁ ସମସ୍ତେ ଦୁଃଖିତ ଓ ମର୍ମାହତ ତେବେ ୨୪ ଘଣ୍ଟା ମଧ୍ୟରେ ୫ଜଣ ଅପରାଧୀଙ୍କୁ ଧରିବାରେ ପୋଲିସ ସଫଳତା ହାସଲ କରିଛି। ତେବେ ବିଡମ୍ବନାର ବିଷୟ ବିଜେପି ଦଳ ରାଜନୈତିକ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଦକ୍ଷ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ନିଜ କାର୍ଯ୍ୟ ଦକ୍ଷତା ପାଇଁ ସମ୍ମାନୀତ ହୋଇ ରାଜ୍ୟ ପାଇଁ ଗର୍ବ ଆଣିଦେଇଥିବା ମନ୍ତ୍ରୀ ପ୍ରତାପ ଜେନାଙ୍କୁ ବିବାଦ ମଧ୍ୟକୁ ଟାଣି ଏହି ଘଟଣାରେ ପକ୍ଷଭୁକ୍ତ କରିବା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ବୋଲି ନାଗରିକ ମଞ୍ଚର ସଭାପତି ଡ. ଅୟସକାନ୍ତ ରାୟଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସୋମବାର ଦିନ ପାରାଦ୍ୱୀପ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକ ପ୍ରତିବାଦ ସୂଚକ ଦାବିପତ୍ର ଦେଇଥିଲେ। ଏହାକୁ ନେଇ ପାରାଦ୍ୱୀପ ପରି ଏକ ଶାନ୍ତ ବାତାବରଣ ଅଞ୍ଚଳରେ ବିଜେପି ଦଳ ପକ୍ଷରୁ ଯେଉଁ ତୁମ୍ବିତୋଫାନ କରି ଅଶାନ୍ତ ସୃଷ୍ଟି କରାଯାଉଛି ଏଥିରୁ କ୍ଷାନ୍ତ ହେବାପାଇଁ ଶ୍ରୀ ରାୟ ପ୍ରତିକ୍ରିୟା ରଖିଥିଲେ।

## ଚରମ୍ପା ବରିଷ୍ଠ ନାଗରିକ ସଂଘର ସାଧାରଣ ବୈଠକ



ଭଦ୍ରକ,୧୧।୦୧ (ନି.ପ୍ର): ଚରମ୍ପା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ସମ୍ମିଳନୀ ପ୍ରକୋଷ୍ଠରେ ଚରମ୍ପା ବରିଷ୍ଠ ନାଗରିକ ସଂଘର ସଭାପତି ଗଗନ ବିହାରୀ ରାଉତଙ୍କ ପୌରୋହିତ୍ୟରେ ସାଧାରଣ ସଭା ଅନୁଷ୍ଠିତ ହୋଇଛି। ସାଧାରଣ ସଂପାଦକ ପୂର୍ବ ବୈଠକର ବିବରଣୀ ପାଠ କରିବା ସଂଗେ ସଂଗେ କୋଷାଧ୍ୟକ୍ଷ ସୁଦର୍ଶନ ବିଶ୍ୱାଳ ଆୟବ୍ୟୟର ବିବରଣୀ ପ୍ରଦାନ କରିଛନ୍ତି। ପୁନର୍ବାର ସଭାପତି ଭଦ୍ରକ ଜିଲ୍ଲାର ମେଡ଼ିକାଲ ପ୍ରତିଷ୍ଠା ପାଇଁ ଉଦ୍‌ବେଗ ପ୍ରକାଶ କରିବା ସଂଗେ ସଂଗେ ଜିଲ୍ଲାର ସାଂସଦ ଓ ବିଧାନସଭା ସଦସ୍ୟମାନଙ୍କୁ ସଂଘ ଜରିଆରେ ଅନୁରୋଧ କରିବା ନିଷ୍ପତି ନିଆଯାଇଛି। ସଂପାଦକ ମହାପାତ୍ର ବରିଷ୍ଠ ନାଗରିକଙ୍କୁ କରୋନା ଟୀକା ଦେବାକୁ ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି ଓ ଆସନ୍ତା ଜାନୁଆରୀ ୨୬ ଜନରାଜ୍ୟ ଦିବସ ପାଳନ କରିବା ସଂଗେ ସଂଗେ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ କରିବାକୁ ସ୍ଥିର କରାଯାଇଛି। ସଂଘର ନୂତନ ସଭ୍ୟମାନଙ୍କୁ ଆସନ୍ତା ୨୮ତାରିଖରେ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ସମ୍ବର୍ଦ୍ଧିତ କରାଯାଇ ବନ୍ଧୁ ମିଳନର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ମହାସଂଘର ବାର୍ଷିକ ସମ୍ମିଳନୀରେ ଯୋଗଦାନ ପାଇଁ ସଭ୍ୟ ବିଜୟ କୁମାର ସେନାପତି ସମସ୍ତ ବରିଷ୍ଠ ନାଗରିକ ସଭ୍ୟମାନଙ୍କୁ ଅନୁରୋଧ କରିଛନ୍ତି। ଚରମ୍ପା ପଥରଆଡ଼ିରେ ଏକ ନୂତନ ଉନ୍ନତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ହେବାପାଇଁ ସରକାର ସ୍ଥିର କରିଥିବାରୁ ସଂପାଦକ ଶ୍ରୀ ମହାପାତ୍ର ମାନ୍ୟବର ସାଂସଦ ଓ ବିଧାୟକଙ୍କୁ ସଂଘ ତରଫରୁ ଧନ୍ୟବାଦ ଜ୍ଞାପନ କରିଛନ୍ତି। ପଦ୍ମଲୋଚନ ମହାଳିକ, ଶଶୀକାନ୍ତ ପାଢ଼ୀ, ଶଙ୍କର୍ଷଣ ସାହୁ, ଧ୍ରୁବଚରଣ ନାୟକ, ଆନନ୍ଦ ଚନ୍ଦ୍ର ପାଣିଗ୍ରାହୀ, ବରଦୀ ପ୍ରସନ୍ନ ପଣ୍ଡା, ସନାତନ ଜେନା, ଶ୍ରୀକାନ୍ତ ସେଠୀ, ଜଗବନ୍ଧୁ ମହାନ୍ତି, ନରେନ୍ଦ୍ର ପଟ୍ଟନାୟକ, ବିଶ୍ୱନାଥ ବେହେରା, ରଂଗାଧର ମଲ୍ଲିକ, ବୀରକିଶୋର ନାୟକ, ବିନାୟକ ମଲିକ, କଳାକାର ମିଶ୍ର, କାର୍ତ୍ତିକ ଚନ୍ଦ୍ର ରାଉଳ, ରତ୍ନାକର ହାତୀ, ଉପେନ୍ଦ୍ର ରାଉତ ସମସ୍ତ ସଭ୍ୟ କରୋନାକୁ ଜୟକରିଥିବା ବିଷୟରେ ଆଲୋଚନାରେ ଅଂଶଗ୍ରହଣ କରି ନିଜନିଜର ଅଭିଜ୍ଞତା ପ୍ରକାଶ କରିଛନ୍ତି। ଶେଷରେ କାର୍ଯ୍ୟକାରୀ ସଭାପତି ବାବୁଲାଲ ଦାସ ଧନ୍ୟବାଦ ଦେଇଥିଲେ।

## ପାରାଦ୍ୱୀପରେ ଆରମ୍ଭ ହେଲା ଦୁଇଦିନିଆ ମିଳିତ ଉପକୂଳ ସୁରକ୍ଷା ଅଭ୍ୟାସ

ପାରାଦ୍ୱୀପ,୧୧।୦୧ (ନି.ପ୍ର): ଉପକୂଳ ସୁରକ୍ଷାକୁ ଅଧିକ ମଜଭୁତ କରିବା ଉଦ୍ଦେଶ୍ୟରେ ମଙ୍ଗଳବାର ଦିନ ଉପକୂଳରେ 'ସାଗର ଭିଜିଲ୍' ନାମକ ଦୁଇ ଦିନିଆ ମିଳିତ ଉପକୂଳ ସୁରକ୍ଷା ଅଭ୍ୟାସ ଆରମ୍ଭ ହୋଇଛି। ଏହି ଅଭ୍ୟାସରେ ଭାରତୀୟ ତଟରକ୍ଷୀ ବାହିନୀ, ସିଆଇଏସ୍‌ଏଫ୍, ସାମୁଦ୍ରିକ ପୋଲିସ, କଷ୍ଟମ ବିଭାଗ, ଜଙ୍ଗଲ ବିଭାଗ, ମତ୍ସ୍ୟ ବିଭାଗ, ପାରାଦ୍ୱୀପ ବନ୍ଦର ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଭାଗର ପ୍ରତିନିଧିମାନେ ଅଂଶଗ୍ରହଣ କରିଥିବା ପାରାଦ୍ୱୀପ ଆରକ୍ଷୀ ଅଧିକ୍ଷକ ନିମାଇଁ ଚରଣ ସେଠୀଙ୍କ ଠାରୁ ପ୍ରକାଶ। ସୂଚନା ଥାଉକି ୨୦୦୮ ମସିହା ନଭେମ୍ବର ୨୬ ତାରିଖରେ ଆତଙ୍କବାଦୀଙ୍କ ମୁମ୍ବାଇ ଆକ୍ରମଣ ପରେ ଭାରତୀୟ ଉପକୂଳ ସୁରକ୍ଷା ନିମିତ୍ତ ନିୟମିତ ଅନ୍ତରରେ ଏପରି ଅଭ୍ୟାସ କରାଯାଉଛି।

## ଚାଫଳା ସେବାସମବାୟ ସମିତିରେ ଧାନକିଣାକୁ କେନ୍ଦ୍ରକରି ଉତ୍ତେଜନା

ଜଳେଶ୍ୱର, ୧୧/୧ (ନିପ୍ର) : ସରକାର ଚାଷୀଙ୍କ ଠାରୁ ସିଧାସଳଖ ଏପେକ୍ସ ଜରିଆରେ ଧାନ କ୍ରୟ କରିବାଲାଗି ଯୋଜନା କରିଥିବା ବେଳେ ରାଜ୍ୟର ବିଭିନ୍ନ ସେବାସମବାୟ ସମିତିରେ ଚାଷୀ ଅଶାନ୍ତି ଦେଖିବାକୁ ମିଳୁଛି। ବାଲେଶ୍ୱର ଜିଲା ଆଦିବାସୀ ଅଧ୍ୟୁସୀତ ରାଇବଣିଆ ଅଂଚଳର ଚାଫଳା ଠାରେ ଆଜି ସୋମବାର ସରକାରୀ ଧାନ ମଣ୍ଡିରେ ଧାନ କିଣାକୁ କେନ୍ଦ୍ର କରି ମିଲର ଓ ଚାଷୀଙ୍କ ମଧ୍ୟରେ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ଏହି ସେବାସମବାୟ ସମିତିରୁ ମା ତାରିଣୀ ଏଜେଣ୍ଟ ଧାନ ନେବାକୁ ମନା କରିବାରୁ ଗଣ୍ଡଗୋଳ ସୂତ୍ରପାତ ହୋଇଥିଲା। ନିଖିଲ ରଂଜନ ସେନାପତିଙ୍କ ଧାନରେ ଏଫ.ଏ.କ୍ୟୁ ମାନ ନ ଥିବାରୁ କଟନିଛଟନିରେ କ୍ୟୁଣ୍ଟାଲ ପିଛା ୮କି.ଗ୍ରା ଧାନ କଟାଯିବାକୁ ମିଲର ସ୍ଥିର କରିବାରୁ କଂଗ୍ରେସ ରାଜ୍ୟପ୍ରବକ୍ତା ସୁଦର୍ଶନ ଦାସ ଏଥିରେ ହସ୍ତକ୍ଷେପ କରି ଉପଜିଲାପାଳଙ୍କୁ ଏ ସଂପର୍କରେ ଜଣାଇଥିଲେ। ଉପଜିଲାପାଳଙ୍କ ନିର୍ଦ୍ଦେଶରେ ଆର୍‌ଏମ୍‌ସି ସଂପାଦକ ବଳରାମ ଜେନା ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କଲାପରେ ଉତ୍ତେଜନା ପ୍ରଶମିତ ହୋଇଥିଲା।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo